

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୧ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 11 JUNE 2023
Vol.No. 34 ■ No. 154 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## କୋଇଲା ବୋଝେଇ ମାଲବାହୀ ଟ୍ରେନରେ ଲାଗିଲା ନିଆଁ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଦକ୍ଷିଣ ପୂର୍ବ ରେଳ ପଥ ଅଧୀନରେ ଥିବା ରୁପସା ରେଳ ଷ୍ଟେସନ ନିକଟରେ କୋଇଲା ବୋଝେଇ ମାଲବାହୀ ଟ୍ରେନରେ ନିଆଁ ଲାଗିଯାଇଥିବା ଜଣା ପଡିଛି।
ମିଳିଥିବା ସୂଚନା ଅନୁସାରେ ପଶ୍ଚିମବଙ୍ଗ ରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ ଦୁଇଦିନ ଧରି ରୁପସା ଷ୍ଟେସନରେ ଛିଡ଼ା ହୋଇଥିଲା । ଆଜି ସକାଳେ ଏହି ଟ୍ରେନ ରୁ ଧୂଆଁ ବାହାରିବାରୁ ନିଆଁ ଲାଗିଥିବା ଅନୁମାନ କରି ଷ୍ଟେସନ କର୍ମଚାରୀ ଦମକଳ ସାହାଯ୍ୟ ପାଣି ପକାଇ ନିଆଁକୁ ଆୟତ କରିଥିଲେ ।

## ବାହାନଗାରେ ଏବେ ରହିବନି କୌଣସି ଟ୍ରେନ



ବାଲେଶ୍ୱର, ୧୦/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ବଜାର ଷ୍ଟେସନରେ ଏବେ କୌଣସି ଟ୍ରେନ୍ ରହିବ ନାହିଁ। ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ଏଠାରେ କୌଣସି ଟ୍ରେନ୍ ରହିବ ନାହିଁ ବୋଲି କହିଛନ୍ତି ଦକ୍ଷିଣ ପୂର୍ବ ରେଳପଥର ମୁଖ୍ୟ ଜନସଂପର୍କ ଅଧିକାରୀ (ସିପିଆରଓ) ଆଦିତ୍ୟ ଚୌଧୁରୀ। ସେ କହିଛନ୍ତି, ରିଲେ ରୁମ୍, ପ୍ୟାନେଲ ଓ ଅନ୍ୟାନ୍ୟ ଯନ୍ତ୍ରପାତି ତଦନ୍ତ ପରିସରଭୁକ୍ତ ହୋଇଛି। ସେଗୁଡ଼ିକୁ ସିଲ୍ କରି ଦିଆଯାଇଛି। ସେଗୁଡ଼ିକ ବି ଗୋଟିଏ ଗୋଟିଏ ପ୍ରମାଣ। ତେଣୁ ତଦନ୍ତ ନ ସରିବା ପର୍ଯ୍ୟନ୍ତ ଏଠାରେ ଟ୍ରେନ୍ ଅଟକିବ ନାହିଁ। ଏଠାରେ ଟ୍ରେନ ଅଟକାଇବା ପାଇଁ ଅନୁମତିକୁ ଆମେ ଅପେକ୍ଷା କରିଛୁ। ଅନୁମତି ମିଳିବା ମାତ୍ରେ ବାହାନଗା ଷ୍ଟେସନ ବଜାରରେ ଟ୍ରେନ ରହିବ। ଶ୍ରୀ ଚୌଧୁରୀ କହିଛନ୍ତି, ବାହାନଗା ଟ୍ରେନ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଛି। ୯୨୦ ଜଣ ଆହତ ହୋଇଛନ୍ତି। ୯୨୦ ଆହତଙ୍କ ମଧ୍ୟରୁ ୧୬୯ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୩୭୯ ଜଣ ସାମାନ୍ୟ ଆହତ ହୋଇଥିଲେ। ସାମାନ୍ୟ ଆହତମାନଙ୍କୁ ଚିକିତ୍ସା ପରେ ସଙ୍ଗେ ସଙ୍ଗେ ଛାଡ଼ି ଦିଆଯାଇଥିଲା। ସେହିପରି ଆଉ ୩୭୨ ଜଣ ସାଧାରଣ ଆହତ ହୋଇଥିଲେ। ସେ କହିଛନ୍ତି, ବାହାନଗା ଟ୍ରେନ ଦୁର୍ଘଟଣା ନେଇ ରେଳୱେ ସେଫଟି କମିଶନ ଓ ସିବିଆଇ ସମାନ୍ତରାଳ ଭାବେ ତଦନ୍ତ କରୁଛନ୍ତି। ସେମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ତଦନ୍ତ କରୁଛନ୍ତି। ସେମାନେ ବିଭିନ୍ନ ସ୍ଥାନରୁ ପ୍ରମାଣ ସଂଗ୍ରହ କରୁଛନ୍ତି।

## ଭିତ୍ତିଭୂମି ଅଭାବରୁ ଉପୁଜୁଛି ବିଦ୍ୟୁତ୍ ସମସ୍ୟା: ପ୍ରତାପ କେଶରୀ ଦେଓ



ଭୁବନେଶ୍ୱର, ୧୦/୦୬ (ନି.ପ୍ର): ରାଜ୍ୟରେ ପାୱାର କଟ ହେବା ସମ୍ପର୍କିତ ଅଭିଯୋଗକୁ ପୁଣି ଥରେ ଅସ୍ୱୀକାର କରିଛନ୍ତି ରାଜ୍ୟ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେଓ । ଶ୍ରୀ ଦେଓ କହିଛନ୍ତି ଯେ ଗଣମାଧମ ରାଜ୍ୟରେ ପାୱାର କଟ ହେବା ନେଇ ଯେଉଁ ଶବ୍ଦ ପ୍ରୟୋଗ କରୁଛନ୍ତି ତାହା ଠିକ ନୁହେଁ । ତେବେ ସେ ସ୍ୱୀକାର କରିଛନ୍ତି ଯେ ରାଜ୍ୟରେ ଭିତ୍ତିଭୂମି ଅଭାବରୁ ଉପୁଜୁଛି ବିଦ୍ୟୁତ୍ ସମସ୍ୟା । ସେ କହିଛନ୍ତି ଯେ ରାଜ୍ୟରେ ପାୱାର ସର୍ଟେଜ୍ ନଥିବା ବେଳେ ଭିତ୍ତିଭୂମି ଅଭାବରୁ ଉପଭୋକ୍ତାମାନେ ଅନେକ କ୍ଷେତ୍ରରେ ପାୱାର ସପ୍ଲାଇରୁ ବଞ୍ଚିତ ହେଉଛନ୍ତି।

▶▶ପୃଷ୍ଠା ୭

## ଦେଶର ବିଭିନ୍ନ ସ୍ଥାନକୁ ଯୋଗାଉଥିଲେ ସିମ୍: ଗିରଫ ହେଲେ ୮ ଅଭିଯୁକ୍ତ





କଟକ, ୧୦/୦୬ (ନି.ପ୍ର): କଟକ ସାଇବର ଥାନା ପୁଲିସକୁ ବଡ ସଫଳତା ମିଳିଛି। ପୁଲିସ ହାତରେ ଧରାପଡ଼ିଛନ୍ତି ସିମ ଚାଲାଣକାରି ଗ୍ୟାଙ୍ଗର ୮ ଜଣ ସଦସ୍ୟ। ଏହି ଗ୍ୟାଙ୍ଗର ସଦସ୍ୟମାନେ ପୁରୀରୁ ଦେଶର ବିଭିନ୍ନ ରାଜ୍ୟକୁ ମୋବାଇଲ ସିମ ଯୋଗାଉଥିଲେ। ସେମାନେ ଯୋଗାଉଥିବା ସିମ୍‌ଗୁଡ଼ିକ ମଧ୍ୟରୁ କିଛି ଆକ୍ଟିଭ୍ ରହୁଥିଲା। ପୁଲିସ ହାତରେ ଗିରଫ ଅଭିଯୁକ୍ତମାନେ ହେଲେ ବାବୁନା ଦାସ, ରାକେଶ କୁମାର ନାୟକ, ବିଶ୍ୱଜିତ ଷଡ଼ଙ୍ଗୀ, ବିଶ୍ୱଜିତ ପ୍ରଧାନ, ମହାବୀର ଦାସ, ଜ୍ୟୋତିରଞ୍ଜନ ସାହୁ, ଜ୍ଞାନରଂଜନ ପାତ୍ର ଓ ସୌମ୍ୟରଞ୍ଜନ ଖଣ୍ଡାୟତ। ଏମାନେ ଟେଲିକମ କମ୍ପାନିର କର୍ମଚାରୀ ଭାବରେ କାମ କରୁଥିଲେ। କମ୍ପାନିର ସିମ ବିକ୍ରିର ଚାପ ସାଙ୍ଗକୁ ଅଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର କରିବାର ନିଶାରେ ଏମାନେ ଏହି କରବାର କରୁଥଲେ। କଟକ ଡିସିପି ପିନାକ ମିଶ୍ର କହିଛନ୍ତି ଗତ ୫ମାସ ଧରି ଏମାନେ ଦିଲ୍ଲୀ, ଆସାମ, ପଶ୍ଚିମ ୟୁପି ଆଦି ରାଜ୍ୟକୁ ସିମ ଯୋଗାଉଥିଲେ। ପାଖାପାଖି ୫ହଜାର ସିମ ଏମାନେ ଆକ୍ଟିଭ କରି ଏଜେଣ୍ଟମାନଙ୍କୁ ବିକ୍ରି କରିଛନ୍ତି । ଜଣେକା ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିଛନ୍ତି। ସାଇବର କ୍ରାଇମରେ ବ୍ୟବହାର ହୋଇଥିବା ୨ଟି ସିମ ଓଡ଼ିଶାରୁ ଆକ୍ଟିଭ ହୋଇଥିବା ଜଣାପଡିବା ପରେ ପୁଲିସ ଖୋଳତାଡ଼ ଆରମ୍ଭ କରିଥିଲା।

▶▶ପୃଷ୍ଠା ୭

## ଆଗାମୀ ୧୭ରେ ଢେଙ୍କାନାଳ ଗସ୍ତରେ ଆସିବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ



ଭୁବନେଶ୍ୱର, ୧୦/୦୬ (ନି.ପ୍ର): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଗାମୀ ୧୭ରେ ଢେଙ୍କାନାଳ ଗସ୍ତରେ ଆସିବେ । ସେ ଢେଙ୍କାନାଳ ଗସ୍ତରେ ଆସି ମହା ଜନ ସମ୍ପର୍କ ଯାତ୍ରାରେ ସାମିଲ ହେବେ । ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଚୂଡାନ୍ତ କାର୍ଯ୍ୟସୂଚୀ ବର୍ତ୍ତମାନ ସୁଦ୍ଧା ଆସିନାହିଁ କିନ୍ତୁ ତାଙ୍କର ଢେଙ୍କାନାଳ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ସୂଚନା ଆସିଛି । ଏକ ବିଶାଳ ସମ୍ମିଳନୀରେ ସେ ଯୋଗଦାନ କରିବେ । ପ୍ରାୟ ୫୦ ହଜାରରୁ ଅଧିକ ହିତାଧିକାରୀଙ୍କୁ ସମ୍ବୋଧନ କରିବେ । ଏହାସହ ଭାରତ ସରକାରଙ୍କ ଦ୍ୱାରା ପଦ୍ମ ପୁରସ୍କାର ପ୍ରାପ୍ତ ଏବଂ ଭାରତ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଭେଟିବାର ମଧ କାର୍ଯ୍ୟକ୍ରମ ରହିଛି। ଏନେଇ ଆଗକୁ ସ୍ପଷ୍ଟ ଚିତ୍ର ଆସିବ। ୯ ବର୍ଷ ଶାସନ କାଳରେ ମୋଦୀ ସରକାରଙ୍କ ଯୋଜନା ଚିତ୍ର ରଖିବେ। ତାଙ୍କ ସହ କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଏବଂ ରାଜ୍ୟ ନେତୃତ୍ୱ ମାନେ ଉପସ୍ଥିତ ରହିବେ ବୋଲି ସେ ପ୍ରକାଶ କରିଛନ୍ତି ।

## ଏନସିପିର କାର୍ଯ୍ୟକାରୀ ସଭାପତି ହେଲେ ପ୍ରଫୁଲ ପଟେଲ ଓ ସୁପ୍ରିୟା ସୁଲେ





ନୂଆଦିଲ୍ଲୀ, ୧୦/୦୬ : ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି(ଏନସିପି)ର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି ବରିଷ୍ଠ ନେତା ପ୍ରଫୁଲ ପଟେଲ ଓ ସାଂସଦ ସୁପ୍ରିୟା ସୁଲେ। ଆଜି ଏନସିପିର ସଭାପତି ଶରଦ ପାୱାର ଏହା ଘୋଷଣା କରିଛନ୍ତି। ଆଜି ଏନସିପି ଗଠନକୁ ୨୫ ବର୍ଷ ପୂରିଛି। ୨୫ ବର୍ଷ ତଳେ ଅର୍ଥାତ ୧୯୯୯ରେ ଶରଦ ପାୱାର ଓ ପିଏ ସାଙ୍ଗମା ମିଳିତ ଭାବେ ଏନସିପି ଗଠନ କରିଥିଲେ। ଦଳ ପ୍ରତିଷ୍ଠାର ୨୫ ବର୍ଷ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ସମୟରେ ଶରଦ ପାୱାର ଏପରି ଘୋଷଣା କରିଛନ୍ତି। ଶରଦ ପାୱାରଙ୍କ ଏହି ଘୋଷଣା ବେଳେ ଦଳର ଅନ୍ୟତମ ଚର୍ଚ୍ଚିତ ଚେହେରା ଅଜିତ ପାୱାର ମଧ ଉପସ୍ଥିତ ଥିଲେ। ଏନସିପି ନେତା ଛଗନ ଭୂଜବଳ କହିଛନ୍ତି, "ପ୍ରଫୁଲ ପଟେଲ ଓ ସୁପ୍ରିୟା ସୁଲେଙ୍କୁ କାର୍ଯ୍ୟକାରୀ ସଭାପତି କରିବାର ଅନେକ କାରଣ ହୋଇଛି। ଏହାଦ୍ୱାରା ବିଭିନ୍ନ ନିର୍ବାଚନ ଓ ରାଜ୍ୟସଭା ଏବଂ ଲୋକସଭାର କାମ ଭାଗଭାଗ କରାଯାଇ ପାରିବ। ନିର୍ବାଚନ ଆସୁଥିବାରୁ ସେମାନଙ୍କ କାନ୍ଧରେ ଅଧିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ୨୦୨୪ ଲୋକସଭା ନିର୍ବାଚନର କାମ ପାଇଁ ଏପରି ପଦକ୍ଷେପ ନିଆଯାଇଛି।" ଗତ ମାସରେ ଶରଦ ପାୱାର ପ୍ରଥମେ ଏନସିପିର ସଭାପତି ପଦରୁ ଇସ୍ତଫା ଘୋଷଣା କରିଥିଲେ। ତେବେ ଏହାକୁ ଦଳର କର୍ମୀ ଓ ନେତାମାନେ ଗ୍ରହଣ କରିଥିଲେ। ସେମାନେ ବାରମ୍ବାର ଅନୁରୋଧ କରିବାରୁ ଶରଦ ପାୱାର ନିଜର ଇସ୍ତଫାପତ୍ର ଫେରାଇ ନେଇଥିଲେ। ଏହି ସମୟରେ ପାୱାର କହିଥିଲେ, "ମୁଁ କେବେ ହେଲେ ଆପଣମାନଙ୍କ ଭାବାବେଗକୁ ଅସମ୍ମାନ କରିପାରିବି ନାହିଁ। ଆପଣମାନଙ୍କ ଭଲ ପାଇବା ଓ ସମ୍ମାନ ପାଇଁ ମୁଁ ମୋର ଇସ୍ତଫା ପତ୍ର ଫେରାଇ ନେଉଛି।"

## ବିଦ୍ୟୁତ ଆଘାତରେ ଚାଲିଗଲା ମା' ଓ ପୁଅଙ୍କ ଜୀବନ

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ଥାନା ମହତୀପୁର ପଞ୍ଚାୟତ ନାହୁଲ ଗାଁର ବିଦ୍ୟୁତ ଆଘାତରେ ମାଆ ପୁଅଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି ।
ମିଳିଥିବା ସୂଚନା ଅନୁସାରେ ମା ତିଳୋତ୍ତମା ଓ ପୁଅ ରାମଚନ୍ଦ୍ର ଘର ପାଖରେ ଥିବା ବାଡ଼ିକୁ ଯାଉଥିଲେ। ଏହି ସମୟରେ ରାସ୍ତାରେ ଘର ବନାଇବା ଲାଗି ପଡ଼ିଥିବା ରଡ଼ ଉପରେ ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିଲା। ଉଭୟ ମା ଓ ପୁଅ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ୯ ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୧୦/୦୬ (ନି.ପ୍ର): ତାତିରୁ ମିଳିବନି ତ୍ରାହି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ହିଟ୍ ୱେଭ୍ ନେଇ ରାଜ୍ୟର ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର. ବଲାଙ୍ଗିର, ବୌଦ୍ଧ, କେନ୍ଦୁଝର ଓ ମୟୂରଭଞ୍ଜ ।

## ୧୫ ପରେ ଓଡ଼ିଶାରେ ମୌସୁମୀ

ନୂଆଦିଲ୍ଲୀ, ୧୦/୦୬ : ଦକ୍ଷିଣ-ପଶ୍ଚିମ ମୌସୁମୀ ସମଗ୍ର କେରଳକୁ ଛୁଇଁବା ସହ କର୍ଣ୍ଣାଟକ ଓ ତାମିଲନାଡୁର କିଛି ଅଂଶରେ ପହଞ୍ଚିଛି । ଏହା ସହିତ ଉତ୍ତର-ପୂର୍ବ ଭାରତର କିଛି ଅଂଶକୁ ଛୁଇଁଛି । ଆଗାମୀ ୨-୩ଦିନରେ ଏହା ସିକ୍କିମ, ହିମାଳୟ ପାଦବର୍ତ୍ତୀ ପଶ୍ଚିମବଙ୍ଗରେ ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ତେବେ ମୌସୁମୀ ଓଡ଼ିଶା ଆସୁ ଆସୁ ୧୫ ତାରିଖ ଟପିଯାଇପାରେ । ଭାରତୀୟ ପାଣିପାଗ ବିଭାଗର ମହା ନିର୍ଦ୍ଦେଶକ ଡ.ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଓ ୧୫ ତାରିଖ କିମ୍ବା ତା ପରେ ଓଡ଼ିଶାକୁ ମୌସୁମୀ ଆସିବ । କିନ୍ତୁ ଏପର୍ଯ୍ୟନ୍ତ ଏ ସଂପର୍କରେ ନିର୍ଦ୍ଦିଷ୍ଟଭାବେ ଜଣାପଡ଼ିନାହିଁ । ସେହିପରି ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ ମଧ କହିଛି ଯେ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପୂର୍ବ ଭାରତକୁ ମୌସୁମୀକୁ ଟାଣି ଆଣିବାରେ ସହାୟକ ହେବ । ଏହା ଫଳରେ ଏ ଅଂଚଳରେ ବର୍ଷା ଅଭାବ କମିବ । ଆସନ୍ତା ସପ୍ତାହରେ ଉତ୍ତର-ପୂର୍ବରାଜ୍ୟର ଅନେକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ପୂର୍ବ ଭାରତରେ ମୌସୁମୀ ଆସିବାରେ ବିଳମ୍ବ ହେବ। ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ପୂର୍ବ ଭାରତରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଏଣୁ ଏଥର ରଜ ବେଳେ ଗରମ ଅନୁଭୂତ ହେବ । ତେବେ ୧୫ ପରେ ସ୍ଥିତିରେ ଉନ୍ନତି ଆସିବ ।

## କେନ୍ଦ୍ରୀୟ ଅନୁଦାନର ହିସାବ ଦେଉ ରାଜ୍ୟ : ବିଜେପି



ଭୁବନେଶ୍ୱର, ୧୦/୦୬ (ନି.ପ୍ର): ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଓଡିଶାକୁ ହାତ ଖୋଲି ଆର୍ଥିକ ସହାୟତା କରିଛନ୍ତି । ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଗତ ୧୨ ବର୍ଷରେ ୧୫ଟି ବିଭାଗକୁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ଦେଇଛନ୍ତି କେନ୍ଦ୍ର ସରକାର । ମାତ୍ର ଏହି ଖର୍ଚ୍ଚ ହିସାବ ଦେଉନାହାନ୍ତି ରାଜ୍ୟ ସରକାର କଣ ପାଇଁ ? ଏପରିକି ୟୁସି ମଧ ପଇଠ କରିନାହାନ୍ତି ରାଜ୍ୟ ସରକାର । ଗତ ୧୨ ବର୍ଷରେ ଖର୍ଚ୍ଚ ହୋଇଥିବା ଟଙ୍କାରୁ ୧୨୧୫.୭୧ କୋଟି ଟଙ୍କାର ହିସାବ ମିଳୁନାହିଁ । ଏତେ ମାତ୍ରାରେ ଏହି ଟଙ୍କା ଗଲା କୁଆଡେ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି । ପଂଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗକୁ ୨୦୪୪.୭୮ କୋଟି ଟଙ୍କା ଆସିଥିବାବେଳେ ୪୩୩.୪୨ କୋଟି ଟଙ୍କାର ହିସାବ ମିଳୁନାହିଁ । ସେହିପରି ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗକୁ ଆସିଥିବା ୧୬୧୫.୫୧ କୋଟିରୁ ୩୩୬.୪୪ କୋଟି ଟଙ୍କା; ଶକ୍ତି ବିଭାଗର ୧୧୬୫.୧୯ କୋଟିରୁ ୧୯୭.୯୫ କୋଟି ଟଙ୍କା; ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ୨୨୫.୨୫ କୋଟିରୁ ୧୫୬.୬୦କୋଟି ଟଙ୍କାର ହିସାବ ମିଳୁନାହିଁ। ସେହିପରି ଗୃହ ବିଭାଗର ୨୩.୮୦କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗର ୨୨.୪୦ କୋଟି, ଜଳସଂପଦ ବିଭାଗର ୨୧.୭୯ କୋଟି ଏବଂ ମହିଳା ଓ ଶିଶୁକଲ୍ୟାଣ ବିଭାଗର ୨୨.୫୦ ଲକ୍ଷ ଟଙ୍କାର ହିସାବ ମିଳୁନାହିଁ। ଏଥିରୁ ଏକ ବଡ ଧରଣର ଆର୍ଥୀକ ହେରଫେରର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ପ୍ରିନ୍ସିପାଲ ଆକାଇଟାଂଟ ଜେନେରାଲଙ୍କ ବାରମ୍ବାର ତାଗିଦ୍ ପରେ ରାଜ୍ୟ ସରକାରଙ୍କ ଚେତା ଉଡିଯିବା ପରେ ବର୍ତମାନ ଚଂଚକତା କରାଯାଇ ଆର୍ଥୀକ ହେରାଫେରିକୁ ରଫାଦଫା କରାଯିବାର ପ୍ରୟାସ ଆରମ୍ଭ ହୋଇଛି । ବର୍ତମାନ ଏସଆରସି ସମସ୍ତ ବିଭାଗକୁ ୟୁସି ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇ ପରୋକ୍ଷରେ ମିଛ ବିଲ୍ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆର୍ଥୀକ ଦୁର୍ନୀତିର ପର୍ଦ୍ଦାଫାଶ ହେବା ଉଚିତ୍ ଏବଂ ଏହାର ନିରପେକ୍ଷ ତଦନ୍ତର ଆବଶ୍ୟକତା ମଧ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

# ଜିରା ଦରରେ ରେକର୍ଡ ବୃଦ୍ଧି : ବର୍ଷକରେ ବଢ଼ିଲାଣି ୫ଶହ, କିଲୋ ୭ଶହ ଟଙ୍କା

କଟକ , ୧୦/୦୬ (ନି.ପ୍ର): ଖୋଲା ବଜାରରେ ଜିରା କିଲୋ ୭୦୦ ଟଙ୍କା ଛୁଇଁଛି । ଗଲାବର୍ଷ ଏହି ସମୟରେ ଜିରା କିଲୋ ୨୦୦ ଟଙ୍କା ଥିବା ବେଳେ ବର୍ଷକ ଭିତରେ ଜିରା କିଲୋ ପିଛା ୫୦୦ ଟଙ୍କା ବୃଦ୍ଧି ପାଇଛି । ଏହି କାରଣରୁ ମାଲଗୋଦାମରେ ମାସକୁ ଜିରା ବିକ୍ରି ୬୦ ଟନ୍ ହ୍ରାସ ପାଇଛି । ଏଭଳି ମୂଲ୍ୟ ବୃଦ୍ଧି ଯୋଗୁ ଗ୍ରାହକ ଜିରା କିଣୁନାହାନ୍ତି । ମାଲଗୋଦାମ ଜିରା ବ୍ୟବସାୟୀଙ୍କ ତଥ୍ୟ ଅନୁଯାୟୀ, ଜିରାର ପାଇକାରୀ ମୂଲ୍ୟ ୨୦୨୨ ଜୁନରେ ୧୫୦ଟଙ୍କା ଥିଲା । ଚଳିତ ବର୍ଷ ଜାନୁଆରିରେ ଜିରା କିଲୋ ୩୦୦ ଟଙ୍କା ଛୁଇଁଲା । ଫେବ୍ରୁଆରିରେ ୩୩୦, ମାର୍ଚ୍ଚରେ ୩୭୦, ଏପ୍ରିଲରେ ୩୯୦, ମେରେ ୪୦୦, ଜୁନ ୮ ତାରିଖ ଗୁରୁବାର ୪୮୦ ଟଙ୍କାରେ ପହଞ୍ଚିଛି । କିନ୍ତୁ ଖୋଲା ବଜାରରେ ଜିରା ଜୁନ୍ ୮ ତାରିଖରେ କେଜି ପିଛା ୭୦୦ ଟଙ୍କାରେ ବିକ୍ରି କରାଯାଉଛି । କେବଳ ପତଞ୍ଜଳି କମ୍ପାନିର ଜିରା ଦର ୮୫୦ ଟଙ୍କା ଛୁଇଁଛି । ଜିରାର ଏଭଳି ମୂଲ୍ୟ ବୃଦ୍ଧି ଯୋଗୁଁ ମାଲଗୋଦାମରେ ଏହାର ବଡ଼ଧରଣର ପ୍ରଭାବ ପଡ଼ିଛି । ମାଲଗୋଦାମକୁ ମାସିକ ୧୫୦ ଟନ୍ ଜିରା ଆମଦାନୀ ହୋଇଥାଏ । ଏହାର ମୂଲ୍ୟ ପ୍ରାୟ ୬ କୋଟି ଟଙ୍କା । କିନ୍ତୁ ଗଲା ମେରେ ମାତ୍ର ୯୦ ଟନର ଜିରା କାରବାର ହୋଇଛି । ମୂଲ୍ୟ ବୃଦ୍ଧି ଯୋଗୁଁ ହଠାତ କାରବାର ୬୦ ଟନ୍ କମିଯାଇଥିବା ମାଲଗୋଦାମ ଜିରା ବ୍ୟବସାୟୀଙ୍କ ପକ୍ଷରୁ ସୂଚନା ମିଳିଛି । ୨୦୧୬ରେ ସର୍ବାଧିକ ଜିରା କିଲୋ ପିଛା ୨୩୦ ଟଙ୍କା ଥିଲା । କିନ୍ତୁ ଏହାଠାରୁ ଅଧିକ ମୂଲ୍ୟ କେବେ ହୋଇ ନଥିଲା । ୨୦୨୩ରେ ଜିରା କେଜି ପିଛା ବର୍ଷକରେ ୫୦୦ ଟଙ୍କା ବୃଦ୍ଧି ପାଇବା ବ୍ୟବସାୟୀଙ୍କୁ ଚକିତ କରିଦେଇଛି । ଜିରା ସାଧାରଣତଃ ଗୁଜୁରାଟର ଉଞ୍ଜା ଓ ରାଜସ୍ଥାନର ନାଗରରେ ଚାଷ ହୁଏ । ନାଗରରେ ଉଭୟ ଜିରା ଓ ସୋରିଷ ଚାଷ ବଦଳ କରି ଚାଷ କରାଯାଏ । ଯେଉଁ ବର୍ଷ ସୋରିଷ ହୁଏ, ସେ ବର୍ଷ ଜିରା ହୁଏନାହିଁ । ଯଦିଓ ନାଗରରେ ଜିରା ଚାଷ ହୁଏ ଏହାକୁ କିନ୍ତୁ ଉଞ୍ଜାକୁ ଚାଲାଣ କରାଯାଏ । ଭାରତରେ ଉଞ୍ଜା ହେଉଛି ଜିରାର ଏକ ଅନ୍ତର୍ଜାତୀୟ ବଜାର । ୨୦୨୨ ବର୍ଷରେ ଜିରା ଏହି ଦୁଇଟି ରାଜ୍ୟରେ ଭଲ ଅମଳ ହୋଇ ନଥିବାରୁ ଏହାର ପ୍ରଭାବ ଅନ୍ତର୍ଜାତୀୟ ବଜାର ଉପରେ ପଡ଼ିଛି । ଏହି ଜିରା କଟକ ଜିଲ୍ଲା ସମେତ କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ ଜିଲ୍ଲା ଯାଏ ଚାଲାଣ ହେଉଛି । ଗୁଜୁରାଟ ଓ ରାଜସ୍ଥାନରେ ଜିରା ଫଳ ୨୦୨୨ ବର୍ଷରେ ଭଲ ହୋଇନଥିବାରୁ ଓଡ଼ିଶା ବଜାରରେ ଏହାର ପ୍ରଭାବ ପଡ଼ିଛି ।



# ପ୍ରତିଶ୍ରୁତି ରକ୍ଷା କଲେ ସାଂସଦ : କୁଡୁମୁଲୁଗୁମ୍ମା ମାଟି ଫେରି ପାଇବ ତା'ର ଅସ୍ତିତ୍ୱ ଓ ଅସ୍ମିତା

ମାଲକାନଗିରି, ୧୦/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗ୍ରାମର ସାକାର ହେବାକୁ ଯାଉଛି; ଐତିହ୍ୟ ପରମ୍ପରା ଓ ସଂସ୍କୃତି ସମ୍ପନ୍ନ ଅନବଦ୍ୟ ଭୂମି ମାଟିର ବହୁପ୍ରତିକ୍ଷୀତ ସ୍ୱପ୍ନ । ସମଗ୍ର ଓଡ଼ିଶାରେ ନିଜର ପୌରାଣିକ, ଐତିହାସିକ, ବୌଦ୍ଧିକ ରାଜନୈତିକ ସ୍ମୃତି ବଜାୟ ରଖିଥିବା ମାଟି କୁଡୁମୁଲୁଗୁମ୍ମା ଫେରି ପାଇବ ତା'ର ହୃତ ଅତିତ, ହୃତ ଗୌରବ ।
ସ୍ୱାଧୀନତା ଅମଳରୁ ଆଦିବାସୀ ଅଧ୍ୟୁଷିତ ଦିଦାୟୀ କନ୍ଧ ଭୂମିଆଁ ଓ ପରଜା ମାଟିଆ ଭାଇ ମାନଙ୍କ ସାମାଜିକ, ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ କୁଡୁମୁଲୁଗୁମ୍ମା ବ୍ଲକ ୧୯୬୨ ମସିହାରେ ପ୍ରତିଷ୍ଠା ହୋଇଥିଲା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାପରେ କୋରାପୁଟ ଜିଲ୍ଲା ଓଡ଼ିଶା ଅଧିକୃତ ହେଉଥିବା ସମୟରେ ମାଡ୍ରାସ ପ୍ରେସିଡେନ୍ସି ଅନ୍ତର୍ଭୁକ୍ତ । ଏ ସମଗ୍ର ଅଂଚଳର ସାମାଜିକ, ଆର୍ଥିକ ଓ ବୌଦ୍ଧିକ ବିକାଶକୁ ଆଖି ଆଗରେ ରଖି ବିଚ୍ଛିନ୍ନାଂଚଳ ଚିତ୍ରକୋଣ୍ଡା ଓ କୋରୁକୋଣ୍ଡା ବ୍ଲକର ପ୍ରାୟ ୯ଟି ପଂଚାୟତକୁ ନେଇ ଗଠିତ ହୋଇଥିବା ଏହି ଐତିହାସିକ ବ୍ଲକ କାଳକ୍ରମେ ୧୧ଟି ପଂଚାୟତକୁ ପରିବର୍ଦ୍ଧିତ ହୋଇଥିଲା । ଘଟଣାକ୍ରମେ ସ୍ୱାଭିମାନ ଅଂଚଳର ବିକାଶକୁ ଆଖି ଆଗରେ ରଖି ଓଡ଼ିଶା ସରକାର ଚିତ୍ରକୋଣ୍ଡା ସଦର ମହକୁମାକୁ ନୂତନ ବ୍ଲକ ଭାବେ ଘୋଷଣା କରି କୁଡୁମୁଲୁଗୁମ୍ମା ବ୍ଲକକୁ ଉଚ୍ଛେଦ କରିବା ସହ କାର୍ଯ୍ୟାଳୟକୁ ଚିତ୍ରକୋଣ୍ଡାକୁ ସ୍ଥାନାନ୍ତରିତ କରିଥିଲେ । କୋଟି କୋଟି ଟଙ୍କାର ବ୍ଲକ କାର୍ଯ୍ୟାଳୟ ଭୂତକୋଠି ପାଲଟି ଯାଇଥିଲା । ଗତ ତା ୦୩/୬/୨୩ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ କୁଡୁମୁଲୁଗୁମ୍ମା ଗସ୍ତ କରି ବିକାଶ ପାଇଁ ଜନସଂପର୍କ ବୈଠକ ଆୟୋଜନ କରିଥିଲେ । ଏହି ଅଂଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାହିତ୍ୟିକ, ରାଜନୈତିକ ବ୍ୟକ୍ତିବିଶେଷ ସାଂସଦ ନବରଙ୍ଗପୁରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହି ଐତିହାସିକ ସଂସ୍କୃତି ପରମ୍ପରା''ସମ୍ପନ୍ନ ବୀରଭୂମିର ଅପହୃତ ଅତିତ ସଂପର୍କରେ ଆଲୋଚନା କରିବା ସହ ଲିଖିତ ଭାବରେ ଅନୁରୋଧ ପତ୍ର ପ୍ରଦାନ କରିଥିଲେ । ସବୁ କଥା ଅନୁଧାନ କରିବା ପରେ ସାଂସଦ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଲୋକସେବକ ଭବନ ଭୁବନେଶ୍ୱରରେ ଭେଟିବା ସହ ଏ ଅଂଚଳର ଲୋକଙ୍କ ଭାବାବେଗକୁ ସମ୍ମାନ ଜଣାଇ ଏହି ସଦର ମହକୁମାକୁ (ଏନ୍.ଏ.ସି.) ବିଜ୍ଞାପିତ ଅଂଚଳ ପରିଷଦ କୁଡୁମୁଲୁଗୁମ୍ମା ଭାବେ ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ସାଂସଦ ନବରଙ୍ଗପୁର ଶ୍ରୀ ମାଝୀ ଟୁଇଟ୍ କରିବା ସହ ନିଜ ପ୍ରତିନିଧିଙ୍କ ମାଧ୍ୟମରେ କୁଡୁମୁଲୁଗୁମ୍ମା ଅଂଚଳବାସୀଙ୍କୁ ସୂଚିତ କରିଛନ୍ତି । ସାଂସଦଙ୍କ ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରିବା ସହ ବିଜ୍ଞାପିତ ଅଂଚଳ ପରିଷଦ ଗଠନ ହେଲେ ଏ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କୁଟୀର ଶିଳ୍ପ ଓ ଗମନାଗମନର ବିକାଶ ହେବା ସହ କର୍ମସଂସ୍ଥାନ ସୃଷ୍ଟି ଓ ଦାଦନ ସମସ୍ୟା ଦୂର ତଥା ଲୋକକଲ୍ୟାଣ କାର୍ଯ୍ୟକ୍ରମର ସଠିକ ରୂପାନ୍ତରଣ ହୋଇ ଅପରିତ୍ୟକ୍ତ ଭାବେ ପଡ଼ିଥିବା କୋଟି କୋଟି ଟଙ୍କାର ପୁରୁଣା କାର୍ଯ୍ୟାଳୟ କୋଠା ସରକାରୀ କାର୍ଯ୍ୟରେ ବିନିଯୋଗ ହେବ । ବିଜ୍ଞାପିତ ଅଂଚଳ ପରିଷଦ ହେବା ପାଇଁ ଆବଶ୍ୟକୀୟ ସମସ୍ତ ଯୋଗ୍ୟତା ଓ ମାପଦଣ୍ଡ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତର ଅଛି । ଏଥିନିମନ୍ତେ ଆବଶ୍ୟକୀୟ ଜନସଂଖ୍ୟା, ଭୌଗୋଳିକ ଅବସ୍ଥିତି ଓ ସାହ୍ୱିସ୍ତି ସବୁ ମାନଦଣ୍ଡକୁ ସଠିକ ଭାବେ ପୂରଣ କରୁଥିବାରୁ ଏହି ଅଂଚଳକୁ ଏନ୍.ଏ.ସି. ଘୋଷଣା କରିବାକୁ ସାଂସଦ ନବରଙ୍ଗପୁର ଇଚ୍ଛା ପ୍ରକାଶ କରିଛନ୍ତି । ଏହି ଐତିହାସିକ ନିଷ୍ପତି ଫଳରେ, କୁଡୁମୁଲୁଗୁମ୍ମା ମାଟି ହରାଇଥିବା ତା'ର ହୃତ ଗୌରବ ଫେରି ପାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନବୀନ ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟକ୍ରମ ସଫଳ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।
ଏହି ମହତ୍ କାର୍ଯ୍ୟ ନିମନ୍ତେ କୁଡୁମୁଲୁଗୁମ୍ମା ମାଟିର ଯୁବଗୋଷ୍ଠୀ, ବୁଦ୍ଧିଜୀବୀ, ଛାତ୍ର, ଶିକ୍ଷକ, ଆଇନଜୀବୀ, କ୍ୱି ସାହିତ୍ୟିକ, ସମାଜସେବୀ ନବରଙ୍ଗପୁର ସାଂସଦ ଶ୍ରୀ ରମେଶ ମାଝୀଙ୍କୁ ସାଧୁବାଦ ଅର୍ପଣ କରିବା ସହ ଏନେଇ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ।

## ୨୧ କେଜି ଗଞ୍ଜେଇ ଜବତ : ଜଣେ ଗିରଫ

ବଲାଙ୍ଗିର, ୧୦/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ ମହାଦେବପାଲି ଗାଁରେ ଗତକାଲି ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ୨୧ କେ.ଜି. ଗଞ୍ଜେଇ ଜବତ କରାଯାଇଛି । ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟଚାଲାଣ କରିଛି ଅବକାରୀ ବିଭାଗ । ଏ ସଂକ୍ରାନ୍ତରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ଏକ ମୋଟର ସାଇକେଲକୁ ମଧ ଅବକାରୀ ବିଭାଗ ତରଫରୁ ଜବତ କରାଯାଇଛି । ଗିରଫ ବ୍ୟକ୍ତିଙ୍କ ନାମ ବାଲେଶ୍ୱର ନାଗ ଓ ତା ଘର ବୌଦ୍ଧ ଜିଲ୍ଲା ବରପଦର ଗାଁ ବୋଲି ଜଣାପଡିଛି । ଜିଲ୍ଲା ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶରେ ଅବକାରୀ ସବ୍‌ଇନ୍ସପେକ୍ଟର ପଦ୍ମ ଲୋଚନ ନାଏକ, ଏଏସଆଇ ରାମଚନ୍ଦ୍ର ପଟ୍ଟନାୟକ, ଦୟାନିଧି ବାରିକ, କନଷ୍ଟେବଲ ସୁଜାତା ଭୋଇ, ଚିତ ପ୍ରଧାନ, ଆଲୋକ ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ ।

## ମାଲପଡା ନାଗରିକ କମିଟିର ମାସିକିଆ ବୈଠକ

ବଲାଙ୍ଗିର, ୧୦/୦୬ (ନି.ପ୍ର): ମାଲପଡା ନାଗରିକ କମିଟିର ମାସିକିଆ ବୈଠକ ମାଲପଡା ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଫିସ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ମାସିକିଆ ବୈଠକରେ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ସଭାପତିତ୍ୱରେ୧୪ ଓ ୧୫ ନଂ. ୱାର୍ଡ ର ସର୍ବାଙ୍ଗିନ ଉନ୍ନତି ପାଇଁ ପ୍ରସ୍ତାବମାନ ଆସିଥିଲା ଯଥା ମାଲପଡାର ଅଧିକାଂଶ ରାସ୍ତା କଚ୍ଚା ଥିବାରୁ ପିଚୁ କରିବା ପାଇଁ ପ୍ରସ୍ତାବ କରାଯାଇଥିଲା । ବହୁବାର ଅନୁରୋଧ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ, ମାଲପଡା ସ୍କୁଲ ପ୍ରାୟ ଭାଙ୍ଗି ଗଲାଣି, ପିଲାମାନେ ଅତି ଶୋଚନିୟ ଅବସ୍ଥାରେ ପାଠ ପଢୁଛନ୍ତି, ଏଣୁ ନୂତନ ଗୃହ ପାଇଁ ଅନୁରୋଧ କରାଗଲା, ପିଏଚଡି ର ନିୟମିତ ପିଇବା ପାଣି ଛାଡିବାକୁ ଅନୁରୋଧ ସତ୍ତ୍ୱେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏଣୁ ସମୟବର୍ତୀ ଅନୁସାରେ ପାଣି ଦିଆଯାଉ, ମ୍ୟୁନିସିପାଲିଟି ପକ୍କା ଡ୍ରେନ ନ କରିବାରୁ ବଳକା ପାଣି ରାସ୍ତା ଉପରକୁ ଚାଲି ଆସୁଛି । ଏଣୁ ପଦକ୍ଷେପ ନେବାକୁ ମ୍ୟୁନିସିପାଲିଟିକୁ ଅନୁରୋଧ କରାଗଲା ।

# ଫାଇଲେରିଆ ନିରାକରଣ : ରାଜ୍ୟରେ ପ୍ରଥମଥର ଲାଗି ଦିଆଯିବ ୩ଟି ବଟିକା

ଭୁବନେଶ୍ୱର , ୧୦/୦୬ (ନି.ପ୍ର): ଫାଇଲେରିଆ ନିରାକରଣ ପାଇଁ ଚାଲିଥିବା ଗଣ ଔଷଧ ସେବନ ବା ଏମ୍‌ଡିଏରେ ପ୍ରଥମଥର ଲାଗି ୩ଟି ବଟିକା ଦିଆଯିବ । ପୂର୍ବରୁ କେବଳ ଏମ୍‌ଡିଏରେ ଡିଇସି ଓ ଆଲବେଣ୍ଡାଜୋଲ ବଟିକା ଦିଆଯାଉଥିବା ବେଳେ ଏଥିରେ ସାମିଲ ହେବ ଆଇଭରମେକ୍ଟିନ୍ । ଆଇଭରମେକ୍ଟିନ୍, ଡିଇସି ଓ ଆଲବେଣ୍ଡାଜୋଲ ବଟିକାର ମିଳିତ ସେବନ ଦ୍ୱାରା ଫାଇଲେରିଆ ପରଜୀବୀ ନିରାକରଣ ଶୀଘ୍ର ହୋଇପାରୁଥିବା ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି । ଦେଶର କିଛି ରାଜ୍ୟରେ ଏକକାଳୀନ ୩ଟି ବଟିକା ପ୍ରଦାନ କରାଯାଉଥିବା ବେଳେ ଓଡ଼ିଶାରେ ଏହା ଆରମ୍ଭ ହେବାକୁ ଯାଉଛି । ୨୦୦୪ ମସିହାରେ ଏମ୍‌ଡିଏ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ରାଜ୍ୟରେ କୋରାପୁଟ, କେନ୍ଦ୍ରାପଡ଼ା, ଗଜପତି, ପୁରୀ, ମାଲକାନଗିରି, ନବରଙ୍ଗପୁର, ବୌଦ୍ଧ, ଜଗତସିଂହପୁର ଓ ଦେବଗଡ଼ ଜିଲ୍ଲା ଟିଏଏସ୍ (ଟ୍ରାନ୍ସମିସନ ଆସେସମେଣ୍ଟ ସର୍ଭେ)କୁ ସଫଳତାର ସହ ଫାଇଲେରିଆ ନିୟନ୍ତ୍ରଣ କରିପାରିଛନ୍ତି । ଏବେ ବଳକା ୨୧ଟି ଜିଲ୍ଲାରେ ଏମ୍‌ଡିଏ ଜରିଆରେ ଲୋକଙ୍କୁ ବଟିକା ପ୍ରଦାନ କରାଯାଉଛି । ଗତ ଫେବ୍ରୁଆରି ମାସରେ ୧୦ଟି ଜିଲ୍ଲାରେ ବଟିକା ଦିଆଯାଇଥିବା ବେଳେ ଅଗଷ୍ଟ ମାସରେ ୧୧ଟି ଜିଲ୍ଲାରେ ବଟିକା ଦିଆଯିବ । ଏଥିରେ ଅନୁଗୁଳ, ଝାରସୁଗୁଡ଼ା, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଏମ୍‌ଡିଏ ଆୟୋଜିତ ହେବ । ଏଥିରେ ୧.୧୪କୋଟି ଲୋକଙ୍କୁ ବଟିକା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରହିଛି । ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଡିଇସି ଓ ଆଲବେଣ୍ଡାଜୋଲ ବଟିକା କ୍ରମାଗତ ୫ବର୍ଷ ଧରି ଖାଇଲେ ଫାଇଲେରିଆ ମୁକ୍ତ ହେଉଥିବା ବେଳେ ଆଇଭରମେକ୍ଟିନ୍, ଡିଇସି ଓ ଆଲବେଣ୍ଡାଜୋଲ ବଟିକା ସମସ୍ତେ ଏକତ୍ର ଖାଇଲେ ୨ବର୍ଷରେ ଫାଇଲେରିଆ ନିୟନ୍ତ୍ରଣ ହୋଇପାରିବ । ତେଣୁ ରାଜ୍ୟ ସରକାର ଆସନ୍ତା ଅଗଷ୍ଟ ହେବାକୁ ଥିବା ଏମ୍‌ଡିଏରେ ୩ଟି ବଟିକା ପ୍ରଦାନ କରିବେ । ଜଣେ ବ୍ୟକ୍ତିର ଉଚ୍ଚତା ଅନୁଯାୟୀ ଆଇଭରମେକ୍ଟିନ୍ ଡୋଜ୍ ଦିଆଯାଉଥିବା ବେଳେ ଡିଇସି ଓ ଆଲବେଣ୍ଡାଜୋଲ ବୟସ ଅନୁଯାୟୀ ଦିଆଯାଇଥାଏ । ଅପରପକ୍ଷରେ ଏମ୍‌ଡିଏ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଗତ ୧୯ବର୍ଷ ଧରି ଓଡ଼ିଶାରେ ଏହା ଜାରି ରହିଛି । ତଥାପି ରାଜ୍ୟରେ ଫାଇଲେରିଆମୁକ୍ତ ହୋଇପାରିନାହିଁ । ଜାତୀୟ କୀଟ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଭିବିଡିସିପି) ଅନୁଯାୟୀ, ଦେଶର ୨୫୭ଟି ଜିଲ୍ଲା ଫାଇଲେରିଆପ୍ରବଣ (ଏଲ୍‌ଏଫ) ରହିଛି । ଏଥିରେ ଓଡ଼ିଶାର ୨୦ଟି ଜିଲ୍ଲା ରହିଛି । ଉତ୍ତର ପ୍ରଦେଶର ସର୍ବାଧିକ ୫୧ଟି ଜିଲ୍ଲା ଥିବା ବେଳେ ବିହାର ୩୮, ତାମିଲନାଡୁର ବି ୨୦ଟି ଜିଲ୍ଲା ରହିଛି । ଦେଶର ୭% ଫାଇଲେରିଆ ପ୍ରବଣ ଜିଲ୍ଲା ଓଡ଼ିଶାରେ ରହିଛି । ତେବେ ଗ୍ରାମାଞ୍ଚଳରେ ଲୋକମାନେ ଏମ୍‌ଡିଏରେ ଅଂଶଗ୍ରହଣ କରୁଥିବା ବେଳେ ସହରାଞ୍ଚଳରେ ଲୋକମାନେ ଏଥିରେ ସାମିଲ ହେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଯାହାଫଳରେ ଫାଇଲେରିଆ ନିରାକରଣରେ ଓଡ଼ିଶାକୁ ଆଶାନୁରୂପ ସଫଳତା ମିଳୁନାହିଁ । ତେଣୁ ଏମ୍‌ଡିଏ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଇଦିନିଆ ତାଲିମ ଓ ସମୀକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପିସିଆଇ, ଡବ୍ଲ୍ୟୁଏଚ୍‌ଓ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ ।



# ଟେନିସ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ : କର୍ଲାଗୁଡ଼ାକୁ ହରାଇ ମେଦିନୀପୁର ଚମ୍ପିୟାନ

ଭବାନୀପାଟଣା, ୧୦/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଖମାରୀ ମା ହରଗୌରୀ କ୍ରିକେଟ କ୍ଲବ ଆନୁକଲ୍ୟରେ ଚାଲିଥିବା ୨୫ତମ ଟେନିସ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି । ଖମାରୀ ଗ୍ରୀନ ପାର୍କ ପ୍ଲେ ଗ୍ରାଉଣ୍ଡ ପଡିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମେଦିନୀପୁର ଦଳ କର୍ଲାଗୁଡ଼ା ଦଳକୁ ପରାସ୍ତ କରିଥିଲେ । କର୍ଲାଗୁଡ଼ା ଦଳ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ଆଠ ଓଭରରେ ୯୦ ରନ୍ ସଂଗ୍ରହ କରିଥିଲେ । ଜବାବରେ ମେଦିନୀପୁର ସାତ ଓଭର ଦୁଇ ବଲରେ ଦୁଇ ୱିକେଟ୍ ହରାଇ ବିଜୟ ହୋଇଥିଲେ । ମେଦିନୀପୁର ଦଳ ପକ୍ଷରୁ ଜଗନ ୧୭ଟି ବଲରେ ୪୧ ରନ୍ ସଂଗ୍ରହ କରିଥିଲେ ଓ ଦୁଇ ଓଭରରେ ସାତ ୱିକେଟ୍ ନେଇଥିଲେ ଭୁଟେ । ଜଗନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷର ସୁନୀତା ଶବର ରନର୍ସ ଅପ ଦଳକୁ ୧୨ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ ଓ ବିଜେତା ଦଳକୁ ୨୧ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଗାଇଗା ସରପଂଚ ପ୍ରମୋଦ କୁମାର ସାହୁ ଓ ଗୋକୁଲେଶ୍ୱର ସରପଂଚ କେଶୁଲାଲ ତାଣ୍ଡି, ଅଥିତି ଭାବେ ଭୁବନେଶ୍ୱର ଶବର ଜିତେନ୍ଦ୍ର ପ୍ରଧାନ, ଭାନୁ ଦୁର୍ଗା, ମନୁ ଦୁର୍ଗା, ମାଧବାନନ୍ଦ ତାଣ୍ଡି, ଈଶ୍ୱର ଶବର, ଲମ୍ବୋବତି ଶବର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ ପ୍ରଫୁଲ୍ଲ ମାଝୀ ଓ ମଣି ମଝୀ । ମ୍ୟାଚ ପରିଚାଳନା କରିଥିଲେ ଅମ୍ପିଆ ମିଥୁନ ମାଝୀ ଓ ଭୂଜରାଜ ମାଝୀ । ଆଙ୍କରିଂ କରିଥିଲେ ଯୋଶୋବନ୍ତ କୁମାର ଓ ରସିକ ସୁନା । ମ୍ୟାଚ ପରିଚାଳନାରେ ଲଳିଥ ମାଝୀ, ଶଙ୍କର ମାଝୀ, ଦେବେନ୍ଦ୍ର ମାଝୀ, ମନ୍ତ୍ୟ ମାଝୀ, ପରମେଶ୍ୱର ମାଝୀ, ଭିକି ତାଣ୍ଡି, ଖମାରୀ ମାଝୀ । ହର ଗୌରୀ କ୍ରିକେଟ କ୍ଲବର ସଦସ୍ୟାମାନେ ଏଥିରେ ସହଯୋଗ କରିଥିଲେ ।

# ଫୁଲବାଣୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସାଧାରଣ

କନ୍ଧମାଳ , ୧୦/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଦ୍ୱିତୀୟ ସାଧାରଣ ପରିଷଦ ବୈଠକ ଫୁଲବାଣୀ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବ୍ୟୟ ବରାଦ କରାଯିବ ସହିତ ବିଭିନ୍ନ ଯୋଜନାକୁ ସାମିଲ କରାଯାଇଛି । ଜିଲ୍ଲା ପାଇଁ ୯ କୋଟିରୁ ଉର୍ଦ୍ଧ୍ୱ ରାଶି ପାଇଁ ବିଭିନ୍ନ ଯୋଜନାରେ ପ୍ରସ୍ତାବ ଦିଆଯାଇଛି । ପ୍ରତ୍ୟେକ ବ୍ଲକ ପାଇଁ ୭୫ଲକ୍ଷ ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି କ୍ଷ ସେଥି ମଧ୍ୟରେ ସାପ୍ତାହିକ ହାଟ ତଥା ଜିଲ୍ଲା ସ୍ତରୀୟ ସାଂସ୍କୃତିକ ଉତ୍ସବ, ଏକ୍ସପୋଜର ଭିଜିଟି କାରିଗରୀ କାର୍ଡ, ବାଦ୍ୟଯନ୍ତ୍ର, ଖେଳ ସାମଗ୍ରୀ ନୃତ୍ୟ ପୋଷାକ,ଦକ୍ଷତା ବିକାଶ ତାଲିମ, ଜିଲ୍ଲା ଓ ବ୍ଲକ୍ ?ସ୍ତରୀୟ କ୍ରୀଡା, ଆଦିବାସୀ ଗ୍ରାମାଞ୍ଚଳ ବସତି ପ୍ରଭୃତି ଉପରେ ଆଲୋଚନା ହୋଇଥିଲା ।
ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଏସ୍‌ଡିସିର ସିଇଓ ଆଶିଷ ଈଶ୍ୱର ପାଟିଲ, ଏସ୍ ?ଡିସି ଅଧ୍ୟକ୍ଷ ରୋଦନ ମଲ୍ଲିକ, ଉପାଧକ୍ଷା ନଳିନୀ କହଁର, ପିଏ ଆଇଟିଡିଏ ନରେଶ ଚନ୍ଦ୍ର ଶବର, ବାଲିଗୁଡ଼ା ପିଏ ଆଇଟିଡିଏ ମଧୁସୂଦନ ବେହେରାଙ୍କ ସମେତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାଉନ୍‌ସିଲର ସଭ୍ୟ ଯୋଗ ଦେଇଥିଲେ ।

## ଦିନିକିଆ କନ୍ଧମାଳ ଗସ୍ତରେ ରାଜ୍ୟ ସରକାରଙ୍କ ତିନି ମନ୍ତ୍ରୀ

କନ୍ଧମାଳ , ୧୦/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଦିନିକିଆ ଗସ୍ତରେ ରାଜ୍ୟ ସରକାରଙ୍କ ତିନି ମନ୍ତ୍ରୀ । ରାଜ୍ୟ ଜଙ୍ଗଲ ପରିବେଶ ଓ ପଂଚାୟତରାଜ, ପାନୀୟ ଜଳ ଓ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଗ୍ରାମ୍ୟ ଉନ୍ନୟନଓ ପ୍ରଯୁକ୍ତି ବିଦ୍ୟା ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଓ ଆଦିବାସୀ ହରିଜନ କଲ୍ୟାଣ ପଛୁଆବର୍ଗ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଆଜି ହେଲିକ୍ୟାପଟର ଯୋଗେ ଭୁବେନେଶ୍ୱରରୁ, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ମୁଖ୍ୟାଳୟ ଠାରେ ଥିବା ହାଇସ୍କୁଲ ପଡ଼ିଆରେ ଠାରେ ଦିନ ୧୧.୩୦ରେ ପହଂଚିଥିଲେ । ସେଠାରେ ପ୍ରଥମେ ବିଜୁ ପଟ୍ଟନାୟକ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଜଙ୍ଗଲ ଭିତରକୁ ଯାଇ ଦୁଇଟି ଦୋକାନ ଘର ଉଦଘାଟନ କରିଥିଲେ । ପରେ ବ୍ଲକ ପରିସରରେ ମିଶନ ଶକ୍ତି କ୍ୟାଫେକୁ ଉଦଘାଟିତ କରିଥିଲେ । ଏହା ସହିତ କାଶିନିପଦର ନୂତନ ପଂଚାୟତ ଗୃହ ଉଦଘାଟିତ କରିଥିଲେ । ସେଠାରୁ ଗୋଛାପଡ଼ା ଯାଇ ତିନୋଟି ବିଜୁ ସେତୁର ଉଦଘାଟନ କରିଥିଲେ । ପରେ ମନ୍ତ୍ରୀମାନେ ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇଥିଲେ । ଏହି ଅବସରରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରଦନ ମଲିକ, ଫିରିଙ୍ଗିଆ ବିଡ଼ିଓ ରଶ୍ମିରଞ୍ଜନ ମହନ୍ତ,ବିଜୁ ଜନତା ଦଳର କନ୍ଧମାଳ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୩ରୁ କୋଲକତାରେ ଅନ୍ତର୍ଜାତୀୟ ବିମ୍ସଟେକ୍ ସମ୍ମିଳନୀ: ଯୋଗଦେବେ ଓଡ଼ିଶାର ୧୨ଜଣିଆ ମହିଳା ପ୍ରତିନିଧିଦଳ

ଭୁବନେଶ୍ୱର , ୧୦/୦୬ (ନି.ପ୍ର): ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନ୍‌ଡବ୍ଲୁଇସି) ନେତୃତ୍ୱରେ ଅର୍ନ୍ତଜାତୀୟ ବାଣିଜ୍ୟ ମେଳା 'ବିଆଇଏମ୍‌ଏସ୍‌ଟିଇସି' ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ କୋଲକାତାରେ ଅନୁଷ୍ଠିତ ହେବ । ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି), ଲେଡିଜ୍ ଷ୍ଟଡି ଗ୍ରୁପ୍ (ଏଲ୍‌ଏସ୍‌ଜି) ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ଆୟୋଜିତ ଏହି ମେଳାରେ ବାଂଲାଦେଶ, ଭୂଟାନ, ଭାରତ, ମ୍ୟାଁମାର, ନେପାଳ, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ ଆଦି ୭ଟି ବଙ୍ଗୋପସାଗର ଆଞ୍ଚଳିକ ଦେଶ ଅଂଶଗ୍ରହଣ କରିବେ । ବଡ଼ କଥା ହେଲା, ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶାର ୧୨ଜଣ ମହିଳା ଉଦ୍ୟୋଗୀଙ୍କ ଏକ ପ୍ରତିନିଧିଦଳ ପ୍ରତିନିଧିତ୍ୱ କରିବେ । ସେମାନେ ହେଲେ, ସୁକୀର୍ତ୍ତି ପଟ୍ଟନାୟକ, ପ୍ରୀତିପଲ୍ଲବୀ ପଟ୍ଟନାୟକ, ମିନୁ ପଟ୍ଟନାୟକ, ସ୍ୱାତି କେଜ୍ରିୱାଲ, ସୋଫିଆ ଫିରଦୋସ୍, ସୋନି ସାମଲ, ଜୁବିନା ଅଲ୍ଲୀ, ଅନୁରାଧା ମହାନ୍ତି, ଶ୍ୱେତା ଶର୍ମା ଏବଂ ଡାକ୍ତର ସ୍ମିତପ୍ରଜ୍ଞା ପ୍ରମୁଖ । ଶୁକ୍ରବାର ଦିନ ହୋଟେଲ୍ ଶୀତଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଇସିସି ଓଡ଼ିଶାର ଅଧ୍ୟକ୍ଷ ଜେବି ପାଣି, ଉପାଧ୍ୟକ୍ଷ ରାଜୀବ ସାହୁ, ଆଇଏନ୍‌ଡବ୍ଲୁଇସି ଆବାହିକା ତନୟା ପଟ୍ଟନାୟକ, ସୋଫିଆ ଫିରଦୋସ୍, ଆଇସିସି ଓଡ଼ିଶାର ମୁଖ୍ୟ ଜେବି ପାଲ ଏବଂ ଆଇଏନ୍‌ଡ୍‌ବ୍ଲ୍ୟୁଇସି ଓଡ଼ିଶାର ମହିଳା ସଦସ୍ୟମାନେ ଯୋଗଦେଇ ଏହି ସୂଚନା ଦେଇଛନ୍ତି । ଏହି ସମ୍ମିଳନୀ ବଙ୍ଗୋପସାଗରର ଆଞ୍ଚଳିକ ଦେଶଗୁଡ଼ିକ ସହିତ ବାଣିଜ୍ୟିକ ସମ୍ପର୍କକୁ ସୁଦୃଢ଼ କରିବା ସହ ବିଶ୍ୱ ବଜାରକୁ ରପ୍ତାନି ପାଇଁ ବାଟ ଫିଟାଇବ । ଏଥିରେ ଶିକ୍ଷା, ପର୍ଯ୍ୟଟନ ବାଣିଜ୍ୟ, ରତ୍ନ ଏବଂ ଅଳଙ୍କାର, ସ୍ୱାସ୍ଥ୍ୟସେବା, ସଂଯୋଗୀକରଣ, କୃଷି, ଆର୍ଥିକ ସେବା, ହସ୍ତତନ୍ତ, ଷ୍ଟାର୍ଟଅପ୍ ?, ଜଳବାୟୁ ପରିବର୍ତ୍ତନ, ମହିଳା ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ଇତ୍ୟାଦି ବିଷୟ ଉପରେ ଆଲୋଚନା ହେବ । ବୈଦେଶିକ ବ୍ୟାପାର, ବାଣିଜ୍ୟ, କୃଷି, ପର୍ଯ୍ୟଟନ, ସ୍ୱାସ୍ଥ୍ୟ ସମେତ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ପ୍ରତିନିଧି, ମନ୍ତ୍ରୀ, ରାଷ୍ଟ୍ରଦୂତ, ବିଭିନ୍ନ ଚାମ୍ବର ଅଫ୍ କମର୍ସର ମୁଖ୍ୟ, ବିଶ୍ୱ ବ୍ୟାଙ୍କ/ ଏଏଚ୍‌ଡି, ଡବ୍ଲୁଏଚ୍‌ଓ, ସମସ୍ତ ବିଏଆଇଏମ୍‌ଏସ୍‌ଟିଇସି ଦେଶର ସରକାରୀ ପ୍ରତିନିଧି, ବିଭିନ୍ନ ରାଜ୍ୟ, ପଲିସି ଆଡ୍‌ଭୋକେଟ୍, ଉଦ୍ୟୋଗୀ, ଶିଳ୍ପପତି ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୧ ଜୁନ ୨୦୨୩
email :
rabibarachayan2015@gmail.com

ରବିବାର ଚୟନ
ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ

ଡ.ଭାଗବତ ବେହେରା



# ବୈଦେହୀ

ଭାଗ-୭
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମର୍ତ୍ତ୍ୟମଣ୍ଡଳରେ ଏପରି ତପସ୍ୱିନୀ କେଉଁଠି ନଥିବେ । ମାତା ସୀତାଙ୍କର କେଶପାଶକୁ କଳାହାଣ୍ଡିଆ ମେଘ ଭାବି ମୟୂର ନୃତ୍ୟ କରିବାକୁ ଲାଗିଲେ । ମୁଖଚନ୍ଦ୍ରରୁ ଅମୃତ ଝରୁଥିବା ମନେକରି ହରିଣ ହରିଣୀ ସତୃଷ୍ଣ ନୟନରେ ତାହା ପାନ କରିଗଲେ । ଗାଈମାନଙ୍କ ଚକ୍ଷୁରୁ ଧାରଧାର ହୋଇ ଅଶ୍ରୁ ଝରିବାକୁ ଲାଗିଲା । କି ଆନନ୍ଦ ଆଜି ସେମାନେ ଅନୁଭବ କରୁଛନ୍ତି ଏଠି । ଏପରି ଦିବ୍ୟାନନ୍ଦ ସେମାନେ କେବେ ଏ ଆଶ୍ରମରେ ଲଭିନଥିଲେ । ମୃଗ ଶାବକମାନେ ତୁଣ୍ଡରେ ପୁଷ୍ପଗୁଚ୍ଛ ମାନ ଧରି ତପସ୍ୱିନୀ ମାତାଙ୍କର ପାଦରେ ଅର୍ପଣ କରି, ସେ ପାଦକୁ ଲେହନ କରିବାକୁ ଲାଗିଲେ । ବାଛୁରୀମାନେ ମନ ଆନନ୍ଦରେ ପୁଚ୍ଛ ଟେକି ଡେଇଁଡେଇଁ ଆସି ନିଜର ଗ୍ରୀବାକୁ ମାତାଙ୍କ ଚରଣରେ ଘଷି ପକାଇଲେ । କୋକିଳ ବୃକ୍ଷ ଉପରେ ଥାଇ ସୃଷ୍ଟିକଲା ପଞ୍ଚମ ରାଗିଣୀ । ବାନରମାନେ ନାନା ଜାତିର ପକ୍ୱଫଳମାନ ଆଣି ଠୁଳ କରିଦେଲେ ତାଙ୍କ ତପସ୍ୱିନୀ ମାତାଙ୍କ ସମ୍ମୁଖରେ । ପଶୁ, ପକ୍ଷୀଠୁଁ ଆରମ୍ଭକରି ଆଶ୍ରମର ଅନ୍ତେବାସୀ ମାନେ ସମସ୍ତେ ଆଜି ଆନନ୍ଦରେ ବିଭୋର । ବାଲ୍ମିକୀ ଆଶ୍ରମରେ ଆଜି ଶୋଭା ପାଉଛନ୍ତି ବନଲକ୍ଷ୍ମୀ । କି ଅପୂର୍ବ ଆନନ୍ଦ ଆଜି ସେମାନଙ୍କର । ଏ ଦୃଶ୍ୟ ଦେଖି ତପସ୍ୱିନୀ ମାତା ସ୍ତମ୍ଭୀଭୂତ ହୋଇ ଯାଉଛନ୍ତି । ପ୍ରକୃତିରାଣୀ ପବନ ଛଳରେ ତାଙ୍କ ଉପରେ ପୁଷ୍ପବୃଷ୍ଟି କରୁଛି । ଆଶ୍ରମର ଆକାଶ, ପବନ, ମାଟି, ବୃକ୍ଷ, ଲତା, ପଶୁ, ପକ୍ଷୀ, ତଡ଼ାଗ, ନଦୀ ସମସ୍ତେ ଆଜି ଆନନ୍ଦରେ ବିଭୋର ।

ସୀତାଙ୍କର ଏ ତପସ୍ୱିନୀ ବେଶ ଦର୍ଶନ କରିବା ପାଇଁ ଦେବତାମାନେ ନଭମଣ୍ଡଳରେ ଧାଡ଼ି ବାନ୍ଧିଛନ୍ତି । ସ୍ୱର୍ଗ ଅପ୍ସରୀମାନେ ନୃତ୍ୟଗୀତରେ ମଜି ଯାଇଛନ୍ତି ସୀତାଙ୍କର ଏ ବେଶକୁ ଦର୍ଶନ କରି । ଅଯୋଧ୍ୟାରେ ଥାଇ ଭଗବାନ ରାମଚନ୍ଦ୍ର ମଧ୍ୟ ମାନସ ଚକ୍ଷୁରେ ସୀତାଙ୍କର ଏ ତପସ୍ୱିନୀ ରୂପ ଦେଖି ଭାବ ଗଦ୍‌ଗଦ୍ ହୋଇ ପଡୁଥା'ନ୍ତି । ବେନି ନେତ୍ରରୁ ତାଙ୍କର ଝରିପଡୁଥାଏ ଶ୍ରାବଣର ଧାରା । ସୀତାଙ୍କର ସେ ଅନନ୍ୟ, ଅପୂର୍ବ, ଅନିନ୍ଦ୍ୟ ତପସ୍ୱିନୀ ରୂପଶୋଭା ତାଙ୍କ ଅନ୍ତରରେ ସୃଷ୍ଟି କରୁଥାଏ ପ୍ରେମର ମନ୍ଦାକିନୀ। ଶରମୂନରେ ତପସ୍ୱିନୀ ସୀତାଙ୍କର ଛବି ଆଙ୍କି, ତାଙ୍କୁ ପୁଷ୍ପରେ ସଜାଇ ସୀତେ ସୀତେ କହି ବାରମ୍ବାର ସେ ଚିତ୍ରକୁ ଚୁମ୍ବନ କରୁଥାନ୍ତି ଭଗବାନ ରାମଚନ୍ଦ୍ର ।

ଦୂରରେ ଥାଇ ଏ ଦୃଶ୍ୟ ଦେଖି ଲକ୍ଷ୍ମଣ ସ୍ତବ୍ଧ । କାଲିଠାରୁ ଭାଇ ଅନ୍ନ ଜଳ ଗ୍ରହଣ କରୁନାହାନ୍ତି । ବେନି ନେତ୍ରରୁ ତାଙ୍କର ଝରୁଛି ଅଶ୍ରୁର ଝରଣା । ଯିଏ ଯେତେ ବୁଝାଇଲେ ମଧ୍ୟ ସେ କିଛି ନକହି ନିରବ ରହୁଛନ୍ତି । ଆଜି କିନ୍ତୁ ଭାଇ ଏକାକୀ ପୁଷ୍ପଉଦ୍ୟାନର ଗୋଟାଏ ବଉଳଗଛ ମୂଳରେ ବସି ଶରମୂନରେ କାହାର ଚିତ୍ର ଆଙ୍କି ବାରମ୍ବାର ଚୁମ୍ବନ କରୁଛନ୍ତି । ସେ ଚିତ୍ର ନିଶ୍ଚିତ ଭାଉଜ ସୀତା ଦେବୀଙ୍କର ହୋଇଥିବ । ଧୀରେଧୀରେ ଛପିଛପି ଲକ୍ଷ୍ମଣ ଆସି ଦେଖନ୍ତି ତ ତାଙ୍କ ଅନୁମାନ ସତ୍ୟ । ଭାଇ ତାଙ୍କର ଶର ମୂନରେ ସୀତାଦେବୀଙ୍କର ସନ୍ନ୍ୟାସିନୀ ଛବିଟିଏ ଆଙ୍କି, ଫୁଲରେ ଫୁଲରେ ସେ ଚିତ୍ରକୁ ସଜାଇ ଆବେଗରେ ସୀତେସୀତେ କହି ଚୁମ୍ବନ ଦେଉଛନ୍ତି । ନିଜକୁ ଆଉ ସମ୍ଭାଳି ପାରିଲେ ନାହିଁ ଲକ୍ଷ୍ମଣ । ଆଖିର ଲୁହକୁ ଆଖିରେ ମାରି, ମନ ଭିତରେ ଅସରନ୍ତି କୋହକୁ ଚପି ସେ ସେଠାରୁ ଲୁଚି ପଳାଇ ଆସିଲେ ।

ବାଲ୍ମିକୀ ଆଶ୍ରମର ବଉଳବେଦୀରେ ବସି ରହିଛନ୍ତି ସୀତା । ତାଙ୍କୁ ବେଢ଼ି ରହିଥିବା ପଶୁ, ପକ୍ଷୀ ମାନଙ୍କର ସ୍ନେହ ଆଦର ଦେଖି ସେ ତନ୍ମୟ ହୋଇ ଯାଇଛନ୍ତି । ସେମାନଙ୍କ ପାଖକୁ ଯାଇ ସେ କାହାକୁ କୋଳେଇ ନେଉଛନ୍ତି ତ କାହା ମସ୍ତକରେ ଚୁମ୍ବନଟିଏ ଆଙ୍କି ଦେଉଛନ୍ତି । ଏହିଭଳି ଏକ ଭାବସ୍ନିଗ୍ଧ, ସ୍ନେହସିକ୍ତ ପରିବେଶ ମଧ୍ୟରେ ତପସ୍ୱିନୀ ସୀତା ହଜି ଯାଇଥିବାବେଳେ ହଠାତ୍ ସେ ଚମକି ଉଠିଥିଲେ । ତାଙ୍କ କର୍ଣ୍ଣରେ ଗୁଞ୍ଜରି ଉଠିଲା ଏକ କରୁଣ ଧ୍ୱନି । "ସୀତେ ! ତୁମେ କେଉଁଠି ସୀତେ ? ମୋତେ ତୁମେ କ୍ଷମା କରିଦିଅ ପ୍ରିୟେ। ମୁଁ ମହାପାପୀ । ଅପରାଧ କରିଛି ସଖୀ । ତୁମ ପ୍ରତି ଅନ୍ୟାୟ କରିଛି । ତୁମର ତପସ୍ୱିନୀ ବେଶ ମୋତେ ଅଧୀର କରି ପକାଉଛି ଦେବୀ । ତୁମ ପ୍ରାଣବଲ୍ଲଭ ରାମ ତୁମ ବିହୁନେ ଅର୍ଦ୍ଧମୃତ । ତୁମେ କ'ଣ ଅଯୋଧ୍ୟାକୁ ଫେରି ଆସିବ ନାହିଁ ଦେବୀ ।"

ଭୋ.... ଭୋ... ହେଇ କାନ୍ଦି ଉଠିଥିଲେ ସୀତାଦେବୀ । କେମିତି ଯିବି ପ୍ରଭୁ। କେମିତି ମୁଁ ଅଯୋଧ୍ୟା ଫେରିବି । ଆପଣ ତ ମୋତେ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

ଦେବୀ ! କ'ଣ ହେଲା ଆପଣଙ୍କର ? କାହା ସହିତ ଆପଣ କଥା ହେଉଛନ୍ତି । ଏହାକହି ମୁନିକୁମାରୀମାନେ ତାଙ୍କୁ ଚରିପାରୁଶରୁ ବେଢ଼ି ଯାଇଥିଲେ । ସହସା ତାଙ୍କ ଆଖିରେ ପଡ଼ିଲା ବଉଳ ବେଦୀ ମୂଳରେ ଫୁଲରେ ଅଙ୍କା ଯାଇଥିବା ଏକ ଧନୁର୍ଦ୍ଧାରୀ ମୂର୍ତ୍ତି । ସେହି ମୂର୍ତ୍ତିର ଚରିପାରୁଶରେ ଫୁଲ ଫୁଲରେ ଲେଖି ଦିଆଯାଇଛି ରାମନାମ । ସେହି ପୁଷ୍ପମୂର୍ତ୍ତିର ପାଦଯୁଗଳରେ ଅଶ୍ରୁମୋଚନ କରୁଛନ୍ତି ସୀତାଦେବୀ ।

ଏ ଦୃଶ୍ୟ ଦେଖି ମୁନିକୁମାରୀମାନେ ଚକିତ ହୋଇ ଯାଇଥିଲେ । ପୁଷ୍ପରେ ଅଙ୍କିତ ଏହି ଧନୁର୍ଦ୍ଧାରୀ ମୂର୍ତ୍ତିଟି ନିଶ୍ଚିତ ଭଗବାନ ରାମଚନ୍ଦ୍ରଙ୍କର । ଏତେ ଦୁଃଖରେ, ଏତେ ଯନ୍ତ୍ରଣାରେ ମଧ୍ୟ ସୀତାଦେବୀ ସ୍ୱାମୀ ରାମଚନ୍ଦ୍ରଙ୍କୁ ଭୁଲି ପାରୁନାହାନ୍ତି । ଅହରହ ତାଙ୍କ ତୁଣ୍ଡରେ ରାମ ନାମ । ଶଯ୍ୟାରେ, ଗମନକାଳରେ, ବସିଥିବାବେଳେ ସବୁ ସମୟରେ ରାମ, ରାମ, ରାମ । ଧନ୍ୟ ତୁମେ ପତିବ୍ରତା ନାରୀ ସୀତାଦେବୀ । ଧନ୍ୟ ତୁମର ସ୍ୱାମୀ ପ୍ରଭୁ ରାମଚନ୍ଦ୍ର । ବଉଳ ମୂଳରେ ମୁନିକୁମାରୀ ମାନଙ୍କର ଗହଳ ଦେଖି ସେ ସ୍ଥାନକୁ ଚାଲିଆସିଥିଲେ ତପସ୍ୱିନୀ ଅନୁକମ୍ପା । ବଉଳ ମୂଳର ଦୃଶ୍ୟ ଦେଖି ସେ ଆଚମ୍ବିତ ହୋଇ ଯାଇଥିଲେ । ଧୀରେଧୀରେ ସେ ସୀତାଙ୍କ କାନ ପାଖରେ କହିଥିଲେ, "ଯାହା ଅତୀତ ହୋଇ ଯାଇଛି ତାକୁ ଝୁରି ଫଳ କ'ଣ ପାଇବୁ ମା' । ଯାହା ବର୍ତ୍ତମାନ, ତାକୁ ତୋତେ ପାଥେୟ କରି ବଞ୍ଚିବାକୁ ହେବ ।" ତୋ ସ୍ୱାମୀ ଅଯୋଧ୍ୟାର ରାଜା, ତୁ ରାଜରାଣୀ ହୋଇ ମଧ୍ୟ ଭିକାରୁଣୀ, ବନଚାରୀ ତପସ୍ୱିନୀ । ବିନା ଦୋଷରେ ତୋତେ ନିର୍ବାସନ ଦଣ୍ଡ ଦେଇ ସେ ଯଦି ସୁଖରେ ରହିପାରିଲେ....

ଅନୁକମ୍ପାଙ୍କ ତୁଣ୍ଡରୁ ଶବ୍ଦପୁଞ୍ଜକୁ ରୋକିଦେଇ ସୀତା କହିଥିଲେ, "ନାଁ ମା' ନାଁ। ମୋ ସ୍ୱାମୀଙ୍କର କୌଣସି ଭୁଲ୍ ନାହିଁ । ସେ ଅଯୋଧ୍ୟାର ରାଜା । ପ୍ରଜାଙ୍କ ସୁଖ, ଦୁଃଖ ବୁଝିବା ତାଙ୍କର ଧର୍ମ । ପ୍ରଜାଙ୍କ ମୁଖରୁ ସେ ଯାହା ଶୁଣିଲେ ତାହାକୁ ସେ ସତମଣି ଜଣେ ରାଜା ଭାବରେ ମୋତେ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି, ଜଣେ ସ୍ୱାମୀ ଭାବରେ ନୁହେଁ। ମୋତେ ହରାଇ ମୋ ସ୍ୱାମୀ କେତେ ଦୁଃଖରେ ସମୟ ବିତାଉଛନ୍ତି । ନୟନରୁ ଅଶ୍ରୁଢାଳି କେମିତି ମୋତେ ଝୁରି ହେଉଛନ୍ତି । ସୀତା ସୀତା କହି କେମିତି ଭୂମିରେ ଲୋଟି ପଡୁଛନ୍ତି, ତାହା ମୁଁ ତାଙ୍କଠାରୁ ସହସ୍ର କୋଷ ଦୂରରେ ରହି ମଧ୍ୟ ଏଠାରେ ଦେଖିପାରୁଛି ମା'। ସେଇଥିପାଇଁ ମୋ ଚକ୍ଷୁର ଏ ଅଶ୍ରୁ । ସେଇଥିପାଇଁ ଫୁଲରେ ତାଙ୍କ ଚିତ୍ରଟିଏ ଆଙ୍କି....

ସୀତାଙ୍କ ତୁଣ୍ଡରୁ ଏପରି ବଚନ ଶୁଣି ତଟସ୍ଥ ହୋଇ ଯାଇଥିଲେ ସନ୍ନ୍ୟାସିନୀ ଅନୁକମ୍ପା। ସୀତାଙ୍କୁ କୋଳେଇ ନେଇ ସେ କହିଥିଲେ, "ଧନ୍ୟ ଧନ୍ୟ ତୁମେ ସୀତେ । ଧନ୍ୟ ତୁମର ପତିଭକ୍ତି । ତୁମ ଭଳି ପତି ପରାୟଣା, ପତି ଅନୁଗତା, ପତି ସେବିକା ନାରୀ ଏ ଧରାରେ ଆଉ କେହି ଜନ୍ମିଥିବେ କି ନାଁ ମୋର ସନ୍ଦେହ ମା' । ତୁମ ପତିପତ୍ନୀଙ୍କର ଏ କୀର୍ତ୍ତି ସାରା ଜଗତରେ ବ୍ୟାପୀ ଯିବ । ଦେବଲୋକ, ନାଗଲୋକ, ନରଲୋକ ସବୁଠିଁ ତୁମେ ମହାସତୀର ଆଖ୍ୟା ଲଭିବ ମା' । ସବୁଠିଁ ତୁମେ ହେବ ନାରୀ ସମାଜର ଅଗ୍ରଗଣ୍ୟା, ପୂଜ୍ୟା ।"(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର

# ରହସ୍ୟମୟ ଶ୍ରୀଜଗନ୍ନାଥ

ଡ.ତ୍ରିନାଥ ପଟ୍ଟନାୟକ



ରହସ୍ୟମୟ ଶ୍ରୀଜଗନ୍ନାଥ। କୁହାଯାଇଛି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରହସ୍ୟ ଦେବତାମାନଙ୍କୁ ଅଗୋଚର। ସବୁକଥା ଜାଣିବା ମାନବ ପକ୍ଷେ କେଉଁଠି ସମ୍ଭବ ହେବ ? ବିଚିତ୍ର ସଂସ୍କୃତି ଓ ସଂସ୍କାର। ଗବେଷକମାନେ ଯେତିକି ପ୍ରଯତ୍ନ କରୁଛନ୍ତି ରହସ୍ୟ ଜାଣିବା ନିମନ୍ତେ ସେତିକି ରହସ୍ୟର ଦିଗ୍‌ବଳୟ ଘୁଂଚି ଘୁଂଚି ଯାଇଛି। କେବଳ ମରୀଚିକା ପଛରେ ଗୋଡ଼ାଇହିଁ ସାର ହେଉଛି। ଏପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ବିଷୟରେ ଯାହାଲେଖା ଯାଇଛି, ସବୁଥିରେ କିଛି ନା କିଛି ନୂତନ ଅଛି। ବିଜ୍ଞାନ ସମ୍ମତ ମଧ୍ୟ। ପୁରାଣର ଜଗନ୍ନାଥ ରୁଚିପୂର୍ଣ୍ଣ। ତନ୍ତ୍ରର ଜଗନ୍ନାଥ ରହସ୍ୟ ମୟ ଓ ଇତିହାସର ଜଗନ୍ନାଥ ବିଚିତ୍ରମୟ। କେତେକ ପୁରାଣ ସାହିତ୍ୟ ଇତିହାସ ଶ୍ରୀ ଜଗନ୍ନାଥଙ୍କ ରହସ୍ୟ କୁ ନେଇ ଲେଖା ଯାଇଛି ଓ ଲେଖା ଯାଉଛି ମଧ୍ୟ। ମାତ୍ର ସଠିକ ରୂପାୟନ ହୋଇପାରୁ ନାହିଁ। ଆଉ ତାରମଧ ଶେଷ ନାହିଁ। ଯେତିକି ଚିନ୍ତା କରିବା ରହସ୍ୟରୁ ରହସ୍ୟମୟ ଶ୍ରୀଜଗନ୍ନାଥ ଆଉ ତାଙ୍କର ପାବନ କ୍ଷେତ୍ର ଶ୍ରୀମନ୍ଦିର ବଢ଼ି ଚାଲିଥିବ।

ଶ୍ରୀଜଗନ୍ନାଥ ଓ ସଂସ୍କୃତିକୁ ଯଦି ଆମେ ଠିକ ରୂପେ ଚିହ୍ନି ପାରୁ ନାହୁଁ, ତେବେ ସେଥିପାଇଁ କେବଳ ଆମର ଭୁଲ ନୁହେଁ। ଶ୍ରୀଜଗନ୍ନାଥଙ୍କ ମହାନୀୟତା ଏତେ ବେଶୀଯେ ଆମ ମାନଙ୍କ ଭଳି ମନୁଷ୍ୟମାନଙ୍କ ପକ୍ଷେ ତାହାସବୁ ଆକଳନ କରିବା ସମ୍ଭବ ନୁହେଁ। ଶ୍ରୀଜଗନ୍ନାଥଙ୍କ ବିଷୟରେ ଯେତିକି ଗବେଷଣା ଚାକିଛି, ଶ୍ରୀଜଗନ୍ନାଥଙ୍କ ରହସ୍ୟ ସେତିକି ଅଧିକରୁ ଅଧିକ ଅଜ୍ଞେୟ ହେଲା ଭଳି ମନେ ହେଉଛି। ସବୁଧର୍ମ ସର୍ବ ମତର ସମନ୍ୱୟ ହେଉଛନ୍ତି ଶ୍ରୀଜଗନ୍ନାଥ। ସବୁ ଧର୍ମର ମତବାଦ ଶ୍ରୀମନ୍ଦିରରେ ଦେଖିବାକୁ ମିଳେ। ଯଥା- ଶାବର, ବ୍ରାହ୍ମଣ୍ୟ, ବୌଦ୍ଧ, ଜୈନ। ଏହା ବ୍ୟତୀତ ଶୈବ, ବୈଷ୍ଣବ, ଶାକ୍ତ, ଗାଣପତ୍ୟ, ସୌର ଓ ତାନ୍ତ୍ରିକ ମତବାଦ ମଧ୍ୟ ଶ୍ରୀମନ୍ଦିରରେ ପ୍ରଚଳିତ।

ରହସ୍ୟମୟ ଶ୍ରୀମନ୍ଦିରର କେତୋଟି ରହସ୍ୟ ବିଷୟରେ ଏଠାରେ ଆଲୋଚନା କରିବା।

ରତ୍ନସିଂହାସନର ନୀଳମାଧବ- ନୀଳମାଧବ ହେଉଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଅର୍ଥାତ ୧- ନୀଳ ୨- ମା ୩- ଧବ। ନୀଳର ଅର୍ଥ କଳା (କୃଷ୍ଣ) ଡାହାଣ ପଟେ ବସିଛନ୍ତି ନୀଳରଙ୍ଗର ଶ୍ରୀଜଗନ୍ନାଥ। ତାଙ୍କରି ପାଖକୁ ବସିଛନ୍ତି ମାଆ। ମା ର ଅର୍ଥ ପରମ ସୁନ୍ଦରୀ ନାରୀ ମୂର୍ତ୍ତି ସୁଭଦ୍ରା। ତାଙ୍କ ପରେ ବସିଛନ୍ତି ଧବ। ଧଳାରଙ୍ଗର ବଳଭଦ୍ର। ଧବଳରୁ ଧବ ବୋଲି କୁହାଯାଏ। ପୁଣି ଶ୍ରୀଜଗନ୍ନାଥଙ୍କ ବାମ ପଟେ ସୁଦର୍ଶନ। ଚାରି ମୂର୍ତ୍ତି ଚାରି ବେଦର ପ୍ରତୀତ ରୋଷଘର ଓ ଆନନ୍ଦ ବଜାର- ଅନ୍ୟ ଏକ ରହସ୍ୟ ହେଉଛି ଶ୍ରୀଜଗନ୍ନାଥଙ୍କ ରୋଷଘର। ଯାହାକି ପୃଥିବୀର ବୃହତ୍ତର ରୋଷଶାଳା। ଏହି ରୋଷଇ ଘରେ ଦୁଇଶହ ଚୁଲି ଅଛି। ସାତଶହ ଲୋକ ରୋଷେଇ କାମ କରନ୍ତି। ଅଧ ଘଣ୍ଟାକ ମଧ୍ୟରେ ପନ୍ଦର କୋଡ଼ିଏ ହଜାର ଲୋକଙ୍କ ନିମନ୍ତେ ପ୍ରସାଦ ପ୍ରସ୍ତୁତ ହୋଇଯାଏ। ସାତଟି କୁଡୁଆ ତଳଉପର ହୋଇ ଚୁଲୀରେ ବସେ। ବିଚିତ୍ର କଥା ଶେଷ କୁଡୁଆ ପ୍ରଥମେ ସିଦ୍ଧ ହୁଏ।

ସେହିଭଳି ବୃହତ୍ତମ ଭୋଜନାଳୟ ହେଉଛି ଶ୍ରୀମନ୍ଦିରସ୍ଥ ଆନନ୍ଦ ବଜାର। ବିଦେଶୀମାନେ ଯାହାକୁ କୁହନ୍ତି ପୃଥିବୀର ବୃହତ୍ତମ ହୋଟେଲ। ଏଠାରେ ଅନ୍ନ ଓ ବ୍ୟଞ୍ଜନ ରୂପେ ଡ଼ାଲି, ବେସର, ମହୁର, ଶାଗ, ଖଟା, ଖିରି ପ୍ରଭୃତି ମିଳିଥାଏ। ଏଠାରେ ଏକଲକ୍ଷ ଲୋକଙ୍କ ନିମନ୍ତେ ଭୋଜନ ବ୍ୟବସ୍ଥା ହୋଇପାରେ।

ଗଣେଶଙ୍କ ବିଚିତ୍ର ମୂଷା- ଶ୍ରୀମନ୍ଦିରର ବଟ ଗଣେଶଙ୍କ ସମ୍ମୁଖରେ କଳା ମୁଗୁନୀ ପଥରର ମୂଷା ଟିଏ ସ୍ଥାପନ କରାଯାଇଛି। ଏହି କଳାମୁଗୁନୀ ପଥରର ମୂର୍ତ୍ତିଟିର ଏକ ବିଶେଷ ଅଛି। କଣ୍ଟିଆଳି କାକୁଡ଼ି ଉପରେ ହାତ ଆଙ୍ଗୁଠି ବୁଲାଇଲେ ଯେପରି କଣ୍ଟାଲାଗେ, ମୂଷା ଦେହରେ ଆଙ୍ଗୁଠି ବୁଲାଇଲେ ସେମିତି କଣ୍ଟା ଲାଗେ। ଏପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଲୋକଙ୍କ ହାତ ତାରି ଉପରେ ବୁଲିଲାଣି ଅଥଚ କଣ୍ଟାର ମୂନ ଗୁଡ଼ିକ ମାଖୁନା ହୋଇ ନାହିଁ। ସେମିତି କଣ୍ଟାଯୁକ୍ତ ଅଛି।

ଲକ୍ଷ୍ମୀମନ୍ଦିରକୁ ଅଖଣ୍ଡ ପବନ- ମାଆ ଲକ୍ଷ୍ମୀଙ୍କ ଦର୍ଶନ ମନ୍ଦିର ଭିତରେ ସାରିବା ପରେ, ମନ୍ଦିରର ଜଗମୋହନରେ ଟିକିଏ ବସିବାର ପ୍ରଥା ଅଛି। ବର୍ଷ ସାରା ଏଠାରେ ଅଖଣ୍ଡ ପବନ ବହୁଥାଏ। ଶ୍ରୀମନ୍ଦିର ପରିସରର କେଉଁଠି ପବନ ନଥାଉ ପଛେ ଏଠାରେ ପବନ ନିଶ୍ଚୟ ବହୁଥିବ। ଏହା ଏକ ବିସ୍ମୟକର ଘଟଣା। ସମୁଦ୍ର ନିସ୍ତବ୍ଧ, ବଡ଼ ଦେଉଳ ପତାକା ନିଶ୍ଚଳ ଅଥଚ ଲକ୍ଷ୍ମୀ ମନ୍ଦିର ଜଗମୋହନକୁ ମୃଦୁ ହିଲ୍ଲୋଳ ନିଶ୍ଚୟ ସ୍ପର୍ଶ କରିବା ହିଁ କରିବ।

ଏ ବିଷୟରେ ଏକ କିମ୍ବଦନ୍ତୀ ଅଛି। ଥରେ ଥରେ ପବନ ଓ ସମୁଦ୍ର ଗମ୍ଭୀର ହୋଇଯାନ୍ତି। ଶ୍ରୀମନ୍ଦିରକୁ ଟିକିଏ ସୁଦ୍ଧା ପବନ ଆସେ ନାହିଁ। ବହୁତ ଗୁଳୁଗୁଳି ହୁଏ। ଏମିତି ଦିନକର ଶ୍ରୀଜଗନ୍ନାଥ ଗୁଳୁଗୁଳିରେ ଅତିଷ୍ଠ ହୋଇ ଉଠିଲେ।

ମାଆ ଲକ୍ଷ୍ମୀଙ୍କୁ ଡ଼ାକି କହିଲେ- ତୁମ ବାପାଙ୍କୁ କହିବ ସେ ଯଦି ପବନକୁ ରୋକି ଏମିତି ଗୁଳୁଗୁଳି କରି ଆମକୁ ହଇରାଣ କରନ୍ତି, ତେବେ ତୁମକୁ ତୁମ ବାପ ଘରକୁ ପଠାଇ ଦେବି। ଲକ୍ଷ୍ମୀ ପ୍ରଭୁଙ୍କ ବିମୁଖ କଥାକୁ ନିଜର ପିତା ସମୁଦ୍ରଙ୍କୁ ଜଣାଇଦେଲେ। ସମୁଦ୍ର କହିଲେ- ଏଇ କଥା ତ, ଶ୍ରୀମାନ ଜଗନ୍ନାଥଙ୍କୁ କହିବୁ ଆଜିଠାରୁ ସବୁବେଳେ ଶୀତଳ ପବନର ପ୍ରବାହ ଶ୍ରୀମନ୍ଦିରରେ ବହିବ ମାତ୍ର ବଡ଼ ଦେଉଳରେ ନୁହେଁ, ତୋ ମନ୍ଦିରରେ ବହିବ। ତୋରି ମନ୍ଦିରକୁ ଆସି ପ୍ରଭୁ ସ୍ୱଚ୍ଛ ପବନ ଭୋଗ କରିବେ। (କ୍ରମଶଃ)

❤ ସଂପାଦକ, ପୁରାଣ ପତ୍ରିକା
ନିଆଳୀ- ୭୫୪୦୦୪, ଜି- କଟକ
(ମୋ) ୯୯୩୭୮୪୦୩୮୭

## ଆମ ସମୟର କବିତା.....



### ॥ କୃଷ୍ଣଚୂଡ଼ା-୨ ॥

ସୁରେନ୍ଦ୍ର ପାଣିଗ୍ରାହୀ

ବାଉଳା ବୈଶାଖ ତତଲା ତାତିରେ ମୋହିନେଇ ମୋର ମନ
ଲାଜ ଲାଲିମାରେ ଲେଖି ଦେଇଥିଲ ଜ୍ୟେଷ୍ଠର ଯଉବନ
ମେଲିଥିଲ ତୁମେ ରଙ୍ଗର ପସରା ବାସ୍ନାକୁ ବଳିଦେଇ
କୃଷ୍ଣଚୂଡ଼ା ଗୋ ! ନାଚୁଥିଲ ତୁମେ ରୂପର ରଂଗିଣୀ ହୋଇ ।

ବିଶ୍ୱଭାରତୀର ଭାବ ବନସ୍ତରେ ଲଗେଇଥିଲ ଗୋ ନିଆଁ
ବାଣୀବିହାରରେ ବାଂଧି ନେଇ ମନ କରିଲ କେତେ କିମିଆଁ
ଇନ୍ଦିରା ପାର୍କରେ ଦେଖାହେଲା ଯେବେ ଇଂଗିତ କଲ ହସି
କେଉଁ ଦିନ ପୁଣି କୁଆଖାଇ କୂଳେ ସାଜିଥିଲ ବନହଂସୀ ।

ତୁମରି ଦେହରେ ଜଳୁଥିଲା ଜକଜକ ଯୌବନର ନିଆଁ
ଖୋଜିଥିଲି ପୁଣି ଖଣ୍ଡଗିରି ଖୋଲେ ଭାବିଭାବି ହାରେ ହିଆ
ତୁମକୁ ଦେଖିଲା ପରେ ଭୁଲିଗଲି ଦୁନିଆଁର ଦୁଃଖ ଯେତେ
ତୁମରି ପାଇଁ ମୁଁ ଘୂରିବୁଲୁଥିଲି ନାଉଥାଳ ନେଇ ହାତେ ।

ରୂପରେ ଅରୂପ ଅରୂପରେ ରୂପ ଦେଖି ପୁଣି ନଦେଖିଲି
ସଂସାର ସାଗରେ କେତେ ରଂଗବାସ ସତେ ଚୋରାଇ ପାରିଲି ?
ତହତହ ଖରା ଭିତରେ ଦେଖିଲି ତୁମ ଟହଟହ ହସ
ରୂପ ରାଇଜର ସାଧବ ସାଜିଲି ଘେନି ନିତି ନୂଆ ବେଶ ।

ରଂଗେଇଲି ଦେହ ତୁମରି ରଂଗେ ସେ ରଂଗ ଛାଡ଼େ କି ଆଜି
କୃଷ୍ଣଚୂଡ଼ା ହେ ! କେନ୍ଦେରା ବଜାଏ ଗୋବିନ୍ଦ ଚନ୍ଦ୍ର ମୁଁ ସାଜି ।

❤ ବରି, ସିମୁଳିଆ, ବାଲେଶ୍ୱର
ମୋ: ୯୪୩୭୨୮୨୯୮୭

### ମନାନାହିଁ

ଦୁର୍ଗାଚରଣ ଷଡ଼ଙ୍ଗୀ



ତରଳି ଯାଉ ଏ ମହିମ୍ନ ପୃଥିବୀ ମୋର
ବିଭୀଷିକାରେ କି ଦୈବ କୋପରେ
ମନାନାହିଁ ।
ଛିନ୍ନ ହୋଇଯାଉ ମଣିଷପଣିଆର ସମ୍ବନ୍ଧ
ଯୁଦ୍ଧରେ କି ଆତଙ୍କରେ,
ଧାର ଧାର ରକ୍ତର ନଈ ବୋହିଆସୁ
ହିମ ଶିଖରରୁ
ଏକାକାର ହୋଇଯାଉ ଜଳ ସ୍ଥଳ ଆକାଶ
ମହାପ୍ରଳୟରେ
ମନାନାହିଁ- ମନାନାହିଁ ।

ଅନ୍ତତଃ ତୁଟିଯାଉ ମିଛ ଅହମିକା ଏ ମଣିଷର
ବାହୁବଳୀର କ୍ଷୟିଷ୍ଣୁ ବପୁରେ
ଲାଗିଯାଉ ରକ୍ତ ରୋଗର ଅଚିହ୍ନା ମହାମାରୀ
ଆସୁ କରୋନା- କର୍କଟର କ୍ରାନ୍ତି
ଅନ୍ତତଃ କିଛିଦିନ ପାଇଁ
ନିରବୀ ଯାଉ ମୋ ସୁନ୍ଦର ପୃଥିବୀ
ଏ କୋଳାହଳରୁ
ରଙ୍ଗ- ରସ- ତାମସ ଖେଳରୁ
ହେଉପଛେ ଘଡ଼ିଏ
ମନାନାହିଁ- ମନାନାହିଁ ।

ଏବେ ଅନନ୍ତ ଶୟନ ଭାଙ୍ଗି ମୂର୍ଚ୍ଛିତ ସେ ଈଶ୍ୱର
କ୍ରୁଦ୍ଧ- ହତବମ୍ବ !
ଚତୁର୍ଭୁଜରେ ପାଶୁପତ- ଗଦା- ଖଡ୍ଗ ଓ
ପଞ୍ଚଜନ୍ୟର ଶଙ୍ଖନାଦ
ରେରେକାରରେ ମୁଖର ଗଗନ ପବନ
ହସ୍ତିନାରୁ ବାରୁଣାବନ୍ତ
ଏବେ ସଭିଏଁ ଏକାଠି କୁରୁକ୍ଷେତ୍ରରେ
ମହାଯୁଦ୍ଧର କାଳେ ଉଦ୍‌ଘାଟନ ପର୍ବ
ଆରମ୍ଭ- ଆରମ୍ଭ
ଘୋଷଣା ହେବ ଆଉ ମାତ୍ର ଅଠର
ଦିନରେ।
ଅସ୍ତମିତ ହେଉ ବିପନ୍ନ ଆତ୍ମଗ୍ଲାନିର ଖେଳ
ତାମସର
ମଣିଷର ପରାଜୟ ହେଉ କି ବିଜୟ
ମନାନାହିଁ- ମନାନାହିଁ ।

❤ ଭୁବନେଶ୍ୱର
(ମୋ) ୯୪୩୮୫୩୫୫୭୭

### ॥ ଅଜୟ ଦାଦା ॥

ମାନିନୀ ମିଶ୍ର



ଅଜୟ ଦାଦା ଚୁପୁଚାପିଆ
ତା ବୋଲି ଭାବନା ସେ ଗଣୁନି
ବାଇଶିପାହାଚ ତଳ ମୀନ
ଆଉ ଅଦିନିଆ କାଦୁଆ ଲହଡା !

ଆପଣେ ରଙ୍ଗ ମାରୁଛ
ଦଶାବତାର ଚିତ୍ର ଦେଖାଉଚ
ଅଥଚ ଏବେ ଠାକୁର ଲୁଚିଲେଣି
ଆମେ ସାଉଁଳେଇ ପାରିଲେନି ଯାହା
ଭକତ ଧାଡିର ତତଲା ପାଦ ଫୋଟକା

ଏବେ ମୁକ୍ତି ମାନେ ପାପ ଗୋଟାନ୍ତି
ଏଇଠି ସଉଦା ହୁଏ ସବୁକିଛି
ଅଜୟ ଦାଦା ସହ ମୁହାଁମୁହିଁ ହେଲେ

କହୁଛି ଚିନି, ଲୁଣ କଥା ପରେ କହିବ ସାଆନ୍ତେ
ତମେ ଏଇଠି ଅଣ୍ଡାଳିଛ କି କାଣିଚାଏ ନିର୍ମାଲ୍ୟ
ନା ସେଲଫି ଉଠାରେ ବୋହିନେଲ ବାଲିଗରଡା ?
କେତେଟା ପ୍ଲାଷ୍ଟିକ ଗୋଲାକୁ
ମୋତି ସଜେଇ କିଛି ମୁହଁ
କରୁଛନ୍ତି ଲକ୍ଷ ଟଙ୍କିଆ ଭଣିତା
ଅଜୟଦାଦା କହୁଛି ଓ୍ୱାଃ ଭାଇ ଓ୍ୱାଃ

ଏଇ ମହୋଦଧିର ମହୋତ୍ସବ
ଫେରୁଛି ସବୁ ରାତିରେ
ଜିଇଁଲା କଙ୍କଡା କଙ୍କାଳ
ଚଷମାର ଫ୍ରେମ ଭିତରେ
ଶିଖୁଚି ସ୍ୱାଧୀନତା ମନେଇବା

ଆଶ୍ଚର୍ଯ୍ୟର କଥା ନାଁ ?
ତମେ ପାଲଟଣା ମାଛବୁହା ଜାହାଜରେ
ଛାଡି ଆସିଚ ତମ କଳା ଯାଦୁ
ଆଉ କହୁଚ ଧରମ ଫରମ କଥା

ଓଟ ଉପରେ ବସି ଝୁଲି ଝୁଲି
ବୁଲୁଛି ଏଠି ଗୋଟିଏ ମରୁଦ୍ୟାନ

ପଚାର, ଅଜୟ ଦାଦା ଜାଣିଛି
କିଏ ରାଜ୍ୟାଭିଷେକରେ
କିଏ ଅନ୍ଧାର ଗାଢ କରୁଚି
କିଏ ସୁନା ପାଦ ପିନ୍ଧି
ଅଧାଗଡା
ହା ହା, ଦାଦା କହୁଥିଲା
ତୁମେ ବସିଲେ ବସ, ଫଟ ଉଠା
ସେ
ବସିବନି ଓଟ ପିଠିରେ
ତାକୁ ଲାଗେ,
ହସ ହସ ସଇସର ମୁହଁ
ଆଉ ଚାବୁକ ମାଡରେ
ଓଟର ପାଦ ବଙ୍କା ।

❤ ରେଢାଖୋଲ
(ମୋ) ୮୨୪୯୩୪୨୩୪୬

### ଧାଡିଏ ପ୍ରତିକ୍ରିୟାର ଅପେକ୍ଷାରେ

ପ୍ରୀତିଲେଖା ଦାସ



ଆଜି ମୁଁ
ଧାଡିଏ ତୋ'ର ପ୍ରତିକ୍ରିୟାର
ଅପେକ୍ଷାରେ।

ଏତେ ଟିକେ ବି ଦ୍ୱିଧା ନାହିଁ ମୋର
ସବୁ ସତ୍ୟ ଭଳି
ଏ ସତ୍ୟକୁ ବି
ସ୍ୱୀକାର କରି ନେବାରେ;
ନ ଥାଏ ସବୁକିଛି, ସବୁବେଳେ
ନିଜ ନିୟନ୍ତ୍ରଣରେ।

ତୋ'ର ବି ଅଛି
ନିୟମ କିଛି
ବିଚାର କିଛି,
ତଦନୁଯାୟୀ ଯେତେସବୁ
ଦୁଃଖ-ସୁଖ, ଉତ୍ଥାନ-ପତନ
ଜନ୍ମ-ମୃତ୍ୟୁ।
ହେଲେ,
କେମିତିକା ନିୟମ ଏ ତୋର କହ !
ସକାଳଟା ନେଇଆସେ କିଆଁ
ବେଳେବେଳେ ରାତିର ଅନ୍ଧାର,
ଶବ ହୋଇ ଶୋଇଯାନ୍ତି
ଫୁଲ ଆଉ କଢ।

ନିଃଶବ୍ଦ ପାଲଟେ
ଚଳଚଞ୍ଚଳ କୋଳାହଳ ଯେତେ,
ଚାଲୁଥାଏ ପୁଅ
ଶବ ହୋଇ ବାପର କାନ୍ଧରେ।

ବୁଣି ହୋଇ ପଡୁଥାଏ
ଖୁଚୁରା ପଇସା ହୋଇ
ମାଆଟିଏର ଛାତି,
ବାନ୍ଧୁଥାଏ ବାପ
ଛୁଆର କୋକେଇ।

ନିଜ ଓଜନଠୁ ବେଶି ଓଜନର ଲୁହ
ବୋହିନେଇ ଆଖି ପତାରେ
ଟେକି ଦେଉଥାଏ ଜଳ ମୁନ୍ଦେ
ମୃତ ସନ୍ତାନର ଆତ୍ମା ଉଦ୍ଦେଶ୍ୟରେ।

ଏ କେମିତି ନିୟମ ତୋ'ର କହ !
ଅବଶ ପାଦ ତଳକୁ
ଲମ୍ବିଥିବ ଥକୁନଥିବା ବାଟ,
ଅଥଚ, ଚାଲି ଶିଖିନଥିବା ପାଦତଳୁ
ସରିଯାଉଥିବ ଅକସ୍ମାତ୍
ସବୁତକ ରାସ୍ତା।

ପାଚି ଝୁଲୁଥିବ
ଗଛ ଡାଳରେ
ହଳଦୀ ରଙ୍ଗର ଅବଶିଷ୍ଟ ଆୟୁଷ,
ଅଥଚ, ପଡିବାକୁ ନଥିବ
ଦେହ ଉପରେ ତା'ର
କେଉଁଠି ଆଖପାଖରେ
ସବୁଜ ପତ୍ରର ଛାଇ ଟିକେ।

❤ ଭୋଇସାହି, ବାଲେଶ୍ୱର
ମୋ: ୯୮୫୩୩୪୪୬୮୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୧ ଜୁନ ୨୦୨୩



# ଜୀବନ ଯନ୍ତ୍ରଣାର ଆବେଗ, କୋହ ଓ ମୂଲ୍ୟହୀନ ସଂଘର୍ଷ

## ଶ୍ରୀକାନ୍ତ କୁମାର ସାହୁ



ବାଲେଶ୍ୱରର ବାହାନଗାରେ ମର୍ମନ୍ତୁଦ ରେଳ ଦୁର୍ଘଟଣା ଛାତି ଥରାଇ ଦେଇଛି କେବଳ ଓଡ଼ିଶାବାସୀଙ୍କୁ ନୁହେଁ ସମଗ୍ର ବିଶ୍ୱବାସୀଙ୍କୁ। ବାପା ହରାଇଛି ପୁଅକୁ, ସ୍ତ୍ରୀ ହରାଇଛି ସ୍ୱାମୀକୁ, ବନ୍ଧୁ ହରାଇଛି ବନ୍ଧୁକୁ ଆଉ ସର୍ବୋପରି ଅନେକ ପରିବାରର ଆଶା, ବିଶ୍ୱାସ, ଭଲ ପାଇବା ସବୁକିଛି ପୋଛି ହୋଇଯାଇଛି ଏହି ଅଭାବନୀୟ କ୍ଷେତ୍ରରେ। ଆପଣ କ'ଣ ଭାବୁଛନ୍ତି ବାହାନଗାର ଦୁଃଖ। ଆମ ମାନଙ୍କ ଜୀବନରେ ପ୍ରତିଟି ମୁହୂର୍ତ୍ତରେ ବି ସଂଗଠିତ ହେଉଛି। କର୍ମମୟ ଜୀବନ ଭିତରେ ପେଟପାଟଣା, ଜୀବନ ଯୁଦ୍ଧର ଲଢ଼େଇ ଭିତରେ ଆମେ ସମସ୍ତେ ପରିଶ୍ରମ କରୁଛୁ କାରଣ ଆମ ସହ ଆମ ଘର ପରିବାର, ଆତ୍ମୀୟ ସ୍ୱଜନଙ୍କ ପାଇଁ ହିଁ ଏହି ଖଟିଖିଆ ଜୀବନର ଏହି ଲଢ଼େଇ କିନ୍ତୁ ବାସ୍ତବରେ ଆମକୁ କ'ଣ ସମସ୍ତେ ଠିକ ବିଚାର କରୁଛନ୍ତି ? କ'ଣ ପାଇଁ, କାହା ପାଇଁ ? ଜୀବନ ସଂଗ୍ରାମ ଭିତରେ ସୁଖ ଭିତରେ ଦୁଃଖ ଅଛି, ଅପ୍ରାପ୍ତି ଭିତରେ ପ୍ରାପ୍ତି ଅଛି କିନ୍ତୁ ନାହିଁ ଭଲ ପାଇବା। ସବୁକିଛି ଭଙ୍ଗା ସଂସାରର ମିଛ ଛଳନା । ଯେଉଁଠି କର୍ମବ୍ୟସ୍ତ ଜୀବନ ନିର୍ବାହ କରି ନିଜ ଘରକୁ ଫେରୁଥିବା ଲୋକ ଆହ୍ୱାନ ପାଇଥାଏ। ଅର୍ଥାତ୍ ସେଠି ନଥାଏ ଭଲ ପାଇବା, ସେଠି ଥାଏ ବିଭିନ୍ନ ପ୍ରଶ୍ନବାଣର ଉଚ୍ଚାଟ, ଅନୁଚାରିତ ପ୍ରଶ୍ନର ଫୋପଡ଼ା ବାଣ। ଆମେ ଭଗବାନ ନୁହେଁ କିନ୍ତୁ ଭଗବାନଙ୍କ ସୃଷ୍ଟିରେ ଆମେ ଜଣେ ମଣିଷ କିନ୍ତୁ ଜୀବନ ଲଢ଼େଇ ଭିତରେ ଯେଉଁ ଲୋକଟି କର୍ମବ୍ୟସ୍ତ ଥକ୍କା ହୋଇ ନିଜ ଘରକୁ ଫେରିଥାଏ ସେ କ'ଣ ଚାହିଁଥାଏ ? ସେ ଚାହିଁ ଥାଏ ମା'ର ପଣତ କାନି, ସେ ଚାହିଁଥାଏ ପ୍ରିୟତମା ଜୀବନର ଅର୍ଦ୍ଧାଙ୍ଗିନୀର ପ୍ରେମ ଆବେଗ, ସେ ଚାହିଁଥାଏ ପିଲାମାନଙ୍କର ମମତାବୋଧର କିଛି ଭଲ ପାଇବା। କିନ୍ତୁ ସବୁ ସରିଯାଏ ଯେତେବେଳେ ଆମକୁ ତଥାକଥିତ ଭାବେ ଚରିତ୍ର ସଂହାର ନାମରେ ତୁମେ ଜଣେ ଅମଣିଷ, ତୁମେ ଜଣେ ନିଶାସକ୍ତ, ତୁମେ ଜଣେ ଦାୟିତ୍ୱହୀନ ! ସତରେ ଏହା କଣ ଜୀବନ। ତାହାହେଲେ ଏ ଜୀବନ ଆମେ ବଞ୍ଚୁଛୁ କାହା ପାଇଁ, କ'ଣ ପାଇଁ ? ଜଣେ ନିର୍ଦ୍ଦୋଷ, ନିରୀହ ହୋଇ ବି ଯେତେବେଳେ ତାର ଉପରେ ଆରୋପ, ଲାଞ୍ଛନା ଆସେ ସେ ଜଣେ ସୁସ୍ଥ ମସ୍ତିଷ୍କ ଭାବେ କାର୍ଯ୍ୟ କରିପାରିବ ତ ?

ଜୀବନରେ ପ୍ରେମ ହିଁ ବହୁତ ବଡ଼ କିନ୍ତୁ ଯେଉଁ ଅପ୍ରାପ୍ତ ପ୍ରେମ ଆମ ଜୀବନର ମୋଡ଼ ବଦଳାଇ ଦେଲା, କ'ଣ ପାଇଁ ? ଏହା ବି କ'ଣ ଭଗବାନଙ୍କ ଇଛା। ତାହାହେଲେ ଜଣେ ଯାଜାବର ଜୀବନ ବିତାଇ ଖୁସିରେ ରହିପାରିବ। ଜୀବନରେ ଅଭାବ ରହିବ, ଅପ୍ରାପ୍ତି ରହିବ, ଦୁଃଖ ରହିବ, ଯନ୍ତ୍ରଣା ରହିବ କିନ୍ତୁ ଏ ସବୁ ଭିତରେ ଆମେ ଜୀବନ ତ ବଞ୍ଚାଇବା ନାଁ, କିନ୍ତୁ ମାର ମାର ଭଣ୍ଡାରିଆକୁ ମାର ପରି ଆରୋପ କ'ଣ ପାଇଁ ଆମ ଜୀବନକୁ ଆସିଥାଏ ମୁଁ ଜାଣିବି ପାରୁନି। ଭଗବାନ ଜୀବନରେ ଯେଉଁ ସ୍ୱପ୍ନର ଆଶା ଉଜ୍ଜୀବିତ କରିଥିଲେ ସେଠି ବଡ଼ ଥିଲା ଭଲ ପାଇବାର ଆବେଗ, ନୂଆ ସଂସାର ଜୀବନ ପାଇଁ ଅପେକ୍ଷାମାଣ ମୁହୂର୍ତ୍ତ। ସେଠି ବଡ଼ ନଥିଲା ଦେହ, ବଡ଼ ଥିଲା ବିଶ୍ୱାସର ଭଲ ପାଇବା ସେହି ପ୍ରେମ ଆବେଗର ତାଜମହଲ ଯେତେବେଳେ ଭୁଷୁଡ଼ି ଗଲା ସବୁ ତ ସରିଗଲା ଏବଂ ଆମ ଜୀବନକୁ ଆମ ଅନ୍ଧାରର ଏକ କାଳରାତ୍ରୀକୁ ଯେଉଁ ରାତ୍ରୀର ସକାଳ ହିଁ ନାହିଁ। ଜୀବନ କାହାଣୀ ହିଁ ବାସ୍ତବିକ ଅନେକଙ୍କ ପାଇଁ ମର୍ମନ୍ତୁଦ କିନ୍ତୁ ଅନେକଙ୍କ ପାଇଁ ଆଶୀର୍ବାଦର ଫଳ କିନ୍ତୁ ବୋଧହୁଏ ଆମ ପରି କିଛି ଅଭାଗା ଅଛନ୍ତି ଯେଉଁମାନେ ପ୍ରେମର ମରୁଭୂମରେ ମରିଚିକା ପରି ଧାଇଁ ବାଟ ହିଁ ପାଇନାହାଁନ୍ତି। ସେଇ ଅମଡା ବାଟର ଯାଜାବର ଜୀବନ ଭିତରେ ଅନେକ ଅଛନ୍ତି କିନ୍ତୁ ସେମାନେ ଅମାବାସ୍ୟାର ଚନ୍ଦ୍ର ପରି ଅପେକ୍ଷା କରିଥାନ୍ତି ପ୍ରେମ ପ୍ରଣୟନୀର ଆଶେଷ, ଭଲପାଇବା ଓ ମମତାର କିଛି ଛୋଟିଆ କଥାଟି ପାଇଁ। ଜୀବନ ଯୁଦ୍ଧର ଲଢ଼େଇ ଭିତରେ ଆମେ ସମସ୍ତେ ଆଶା କରୁଛୁ ସେହି ନୂଆ ଜୀବନକୁ ଯେଉଁ ଜୀବନରେ ଅଛି ବିଶ୍ୱାସର ଫଳଶ୍ରୁତି, ପ୍ରେମର ପରିଭାଷା, ମାଆର ପ୍ରାର୍ଥନା, ପିଲାମାନଙ୍କ ଦୃଢ଼ ନିଷ୍ଠ ଆବେଗ, ଆତ୍ମୀୟ ମାନଙ୍କର ଆଶୀର୍ବାଦ ଏବଂ ବନ୍ଧୁ ମାନଙ୍କ ଦୁଃଖ ଭିତରେ କୋଳେଇ ନେବାର ସ୍ନେହ। ସବୁ କିଛି ସରିଯାଉଛି ଜୀବନ ଲମ୍ବା ଲଢ଼େଇର କ୍ଷେତ୍ର ନୁହେଁ ଆସନ୍ତୁ ନିଜକୁ ଟିକେ ବିଚାର କରିବା ଏବଂ ସର୍ବୋପରି ଏହି ବିଚାରର ଶେଷ ଠିକଣା ଦେବା ସେହି ପ୍ରେମପ୍ରଣୟିନୀକୁ ଦେବା ଭଗବାନ ସଦୃଶ ବପା-ମାଆଙ୍କୁ। ଥରେ ନିଜ ହୃଦୟକୁ ପଚାରି, ଆତ୍ମାକୁ ପଚାରି ବୁଝନ୍ତୁତ ମୁଁ କ'ଣ ଭୁଲ ଲେଖୁଛି ?

♥ବିଡ଼ାନାସୀ, ନୂଆସାହି, କଟକ,
ମୋ : ୭୦୦୮୩୨୫୭୩୧

ଗୋଟେ ଅନୁଭବୀ ଗପ

# କଦଳୀ ଚୋପା



ବାପା ଯେ କୃପଣ ସେ କଥା ମୁଁ ଦୁଇଟି ଘଟଣାରୁ ଜାଣିପାରିଥିଲି । ପ୍ରଥମଟି : ଆମ ଘରେ ବ୍ରେକ୍‌ଫାଷ୍ଟ୍ ପାଇଁ ବାପା, ସାନ ଭଉଣୀ ରୁପାଲି ଓ ମୁଁ ଏକା ସାଙ୍ଗରେ ଡାଇନିଂ ଟେବୁଲ୍‌ରେ ବସୁ । ଯାହା ବି ବ୍ରେକ୍‌ଫାଷ୍ଟ ହେଉନା କାହିଁକି ପାଚିଲା କଦଳୀ ଦୁଇଟି ଓ ଗୋଟିଏ ଗ୍ଲାସ୍ କ୍ଷୀର ନିଶ୍ଚିତ ଥାଏ ସମସ୍ତଙ୍କ ପ୍ଲେଟ ପାଖରେ । ବୋଉ ପାଚିଲା କଦଳୀର ଆଗ ଓ ପଛ କାଟି ଆମ ପ୍ଲେଟରେ ସଜାଇ ରଖିଥାଏ । ବାପାଙ୍କର କଦଳୀ କିନ୍ତୁ କଟା ହୋଇ ନଥାଏ । ସେଇମିତି ଗୋଟାସାରା ଥାଏ । ବୋଉ ଯେ ବାପାଙ୍କ ପାଇଁ କାଟନ୍ତି ନାହିଁ ଇଚ୍ଛାକରି ସେ କଥା ନୁହେଁ, ବାପା ନିଜେ କହନ୍ତି, - 'ମୋ'ର ଥାଉ ସେଇମିତି, କଦଳୀର ଆଗ ଅଂଶ ସରୁ ହେଲେ ବି କାଟିଲା ପରେ କିଛି ରହି ଯାଇଥାଏ, ପଛକୁ ମଧ୍ୟ । ତେଣୁ ନଷ୍ଟ ହେଉଛି ।' ସେଇଥିରୁ ମୁଁ ଜାଣିଥିଲି ବାପା ବହୁତ କୃପଣ । ଆମ ଖାଇବା ଥାଳିରେ କିଛି ବଳିଗଲେ ବାପା ସଚେତନ କରାଇ ତାଗିଦା କରାନ୍ତି, 'ଖାଇବା ଯେତିକି ଖାଇବ, ସେତିକି ନିଅ, ନଷ୍ଟ କରନି, ଯେତକ ଫିଙ୍ଗୁଛ, ସେତକ ଗୋଟିଏ ଗରିବ ପୁଅଝିଅ ବି ପାଉ ନାହାଁନ୍ତି ।'

ଆଉ ଦିନକର ଘଟଣା । ଆମେ ଖଣ୍ଡଗିରି ଯାଇଥାଉ ବୁଲିବାକୁ ବାପାଙ୍କ ଗାଡ଼ିରେ । ବୋଉ, ଜେଜେମା ଓ ରୁପାଲି ମଧ୍ୟ ସାଙ୍ଗରେ ଯାଇଥାନ୍ତି। ସାଙ୍ଗରେ ମୋଟା ମୋଟା ଦେଶି କଦଳୀ ଫେଣେ ଆଉ ବଟର ଟୋଷ୍ଟ ନେଇ ଯାଇଥାଉ । ବୁଲାବୁଲି କରି ଗଛ ଛାଇରେ ପାହାଡ଼ ଉପରେ ସେହି ପଥର ଉପରେ ବସି ଆମେ ବଟର ଟୋଷ୍ଟ ଖାଇଲୁ । କଦଳୀ ଫେଣା ବାହାର କଲା ବେଳକୁ କୁଆଡେ ଗୋଟିଏ ମାଙ୍କଡ ଥିଲା, ହଠାତ୍ ଆସି ବାପାଙ୍କ ହାତରୁ ଝାମ୍ପି ନେଇ ପଳାଇ ଗଲା । ସେ ମାଙ୍କଡ ତା ଛୁଆ ସହିତ ବସି ସବୁତକ ନିମିଷେକ ମଧ୍ୟରେ ଖାଇଦେଲେ । ବାପା କିଛି କହିଲେ ନାହିଁ କି ମାଙ୍କଡକୁ ଗୋଡେଇଲେ ନାହିଁ। ଖାଲି ତାଙ୍କୁ ଦେଖୁଥାନ୍ତି କେମିତି ସେ କଦଳୀ ଫେଣାକୁ ଖାଉଥିଲେ । ବାପା ଦେଖି ଦୁଃଖରେ କାନ୍ଦି ପକେଇଲେ । ଜେଜେମା ମଧ୍ୟ କାନ୍ଦି ପକାଇ ଶାଢି କାନିରେ ଆଖି ପୋଛି ପକେଇଲା । ଅବଶ୍ୟ ଜେଜେମାର ଟିକିଏ ଭାବ ପ୍ରବଣତା ଅଧିକ । ବାପା କାନ୍ଦିଲେ ସେ ସହି ପାରେନି, କାନ୍ଦି ପକାଏ। ମୁଁ କହିଲି , ' ବାପା, ଫେଣାଏ କଦଳୀ ମାଙ୍କଡ଼ ନେଇଗଲା ବୋଲି କାନ୍ଦୁଛନ୍ତି ଭୋକିଲା ଜନ୍ତୁ, ଏଠାରେ ଖାଇବାକୁ ପାଉ ନାହାଁନ୍ତି, ଖାଇଗଲେ ଯଦି ଏଇମିତି ଆଖିରୁ ଲୁହ ଝରାଇବାର କ'ଣ ଅଛି । ପାଖରେ ତ ବିକ୍ରି ହେଉଛି, ଆଉ ଫେଣାଏ ନେଇ ଆସିବା ।'

ବାପା କିଛି କହିଲେ ନାହିଁ, ଖାଲି କହିଲେ, 'ହଉ, ସେୟା କରିବା ।'

ମୁଁ ଜାଣିଲି ସେଦିନ, ବାପା ପ୍ରକୃତରେ ବହୁତ କଞ୍ଜୁସ । ବାପା ଜଣେ ପ୍ରଫେସର । ପଇସା ତ ଅଛି ପାଖରେ । କଦଳୀ ଫେଣାଙ୍କ ପାଇଁ ତାଙ୍କର ପୁଣି ଆଖି ଛଳଛଳ ।

କିନ୍ତୁ ବାପା କୃପଣ ବୋଲି ମୁଁ ପୁରାପୁରି ମାନି ପାରୁ ନଥାଏ । ମୁଁ ବହୁତ ଥର ଦେଖିଛି, ବାପା ବାଟରେ ଗାଡ଼ିରେ ଯାଉଥିବା ବେଳେ କେତେଥର ଟ୍ରାଫିକର ଲାଲ ସିଗ୍‌ନାଲରେ ଗାଡି ଛିଡ଼ା ହୋଇଗଲେ, ଛୋଟ ପିଲାକୁ କାଖରେ ବସାଇ ସ୍ତ୍ରୀ ଲୋକ କିଛି ପଇସା ମାଗିବାକୁ ଆସନ୍ତି । ବାପା ପକେଟରେ ହାତ ପୁରେଇ ଯାହା ପଇସା ହାତରେ ପଡେ, ବାହାର କରି ଦେଇ ଦିଅନ୍ତି । ବୋଉ ପ୍ରତିବାଦ କରେ, 'ଏମାନେ ସବୁ ଠକ। ଛୋଟ ପିଲାଙ୍କୁ ଭଡ଼ାରେ ଆଣି ଭିକ ମାଗୁଛନ୍ତି ମିଛରେ। ଅନ୍ତତଃ ଦେବା ପୂର୍ବରୁ ଥରେ ଦେଖିଦିଅ କେତେ ପଇସା ଦେଉଛ ।'

ବାପା କୁହନ୍ତି, 'ନାଁରେ ରୁନୁ ! ମୁଁ ତ ସତ ଭାବି ଦେଲି । ଜଣକୁ ଅବିଶ୍ୱାସ କରି ପ୍ରକୃତ ଅଭାବି ଲୋକର ବଢାଇ ଥିବା ଖାଲି ହାତକୁ ତ ଫେରାଇ ଦେଇ ହୁଏନାହିଁ । ସମସ୍ତେ କ'ଣ ଠକ କଅଁଳା ଛୁଆଟିକୁ ଧରିଛି , ହୁଏତ ଅଭାବି ଥିବ। ତୁମେ ଜାଣନା, ବହୁତ ମଣିଷ କେତେ ଅଭାବରେ ଥାଆନ୍ତି, କେତେ କଷ୍ଟରେ ଥାଆନ୍ତି।'

ସେହି ଦରଦୀ ମଣିଷର ମୋ ବାପା ପୁଣି ମାଙ୍କଡ ଫେଣେ କଦଳୀ ଖାଇଗଲା ବୋଲି କାନ୍ଦି ପକାଇଲେ । ମୁଁ କାରଣ ଖୋଜି ପାଉନଥିଲି । ହୁଏତ ଆଉ ଗୋଟିଏ କାରଣ ହୋଇପାରେ । ସାନ ଭଉଣୀ ଥରେ ବହୁତ କାନ୍ଦିଲା, ଆଲସେସିଆନ କୁକୁର ଛୁଆଟିକୁ କିଣି ଘରେ ରଖି ପାଳିବାକୁ । ରୁପାଲି ଯିଦି ଧରିବାରୁ ବୋଉ ମଧ୍ୟ ବାପାଙ୍କୁ ଅନୁରୋଧ କରି କହିଲା କିନ୍ତୁ ବାପା ରୋକ୍‌ଠୋକ୍ ମନାକରିଦେଲେ । କହିଲେ, 'ଗୋଟିଏ କୁକୁର ପାଳିବା ଖର୍ଚ୍ଚରେ ଦୁଇଟି ଅନାଥ ମଣିଷ ଛୁଆ ଆଣି ପାଳିହେବ । କେତେ ମଣିଷ ଛୁଆ ମରିଯାଉଛନ୍ତି ଅବହେଳାରେ । କେତେ ମଣିଷ ଅଛନ୍ତି, ପଶୁର ଜୀବନଟିଏ ବି ଜୀଇଁ ପାରନ୍ତି ନାହିଁରେ ରୁନୁ । କହିବ ଯଦି ଗୋଟିଏ ଗରିବ ପିଲାକୁ ଘରକୁ ନେଇଯିବା ।'

ତାପରେ ବୋଉ କି ରୁପାଲି ଆଉ ଜିଦି କଲେନାହିଁ ।

ଏଇ ସବୁ ଘଟଣାରୁ ମୁଁ ଜାଣିଥିଲି ବାପା ଖାଲି କଞ୍ଜୁସ ନୁହନ୍ତି ସେ ଜୀବଜନ୍ତୁ ପ୍ରତି ସେତେ ସମ୍ବେଦନଶୀଳ ମଧ୍ୟ ନୁହନ୍ତି । ତେଣୁ ମାଙ୍କଡ କଦଳୀ ଫେଣାଏ ଖାଇଯିବାଟା ହୁଏତ ତାଙ୍କୁ କଷ୍ଟ ଲାଗିଥିବ ।

ସେଦିନ ପଖାଳ ଦିବସ ଥିଲା । ଜେଜେମା ଭଲ ପଖାଳ କରନ୍ତି । ବୋଉକୁ ପଖାଳ କରି ଆସେନି। ସେ ସହରର ଝିଅ । ମୋ ଅଜା ଇଂଜିନିୟର, ବୋଉ ତାଙ୍କର ଅଲିଅଳି ଏକମାତ୍ର ଝିଅ । ତାଙ୍କ ଘରେ ପଖାଳ ହୁଏନାହିଁ। ବୋଉର ତେଣୁ ପଖାଳ କରିବା ବିଷୟରେ ଧାରଣା କମ୍। ଜେଜେମା ପଖାଳ ରାନ୍ଧିଥିଲେ । ବୋଉ ଭେକଟି ମାଛ ଭଜା, ମାଛ ବିହନ ଭଜା, ବାଇଗଣ ଭଜା, ଦକ୍ଷିଣା କଦଳୀ ଭଜା , ଆଳୁ, ବାଇଗଣ, ବିଲାତି ସହ ବଡ଼ିଚୁରା ଦେଇ ଭର୍ତ୍ତା କରିଥିଲା। ଏ ସବୁକୁ ଛାଡ଼ି ଆଉ ଗୋଟିଏ ଆଇଟମ ଥାଏ, ସେଇଟା କେଉଁଥିରୁ ତିଆରି ଆମେ କେହି ଜାଣି ପାରିଲୁ ନାହିଁ । କିନ୍ତୁ ସେ ଆଇଟମ ପଖାଳ ସହ ଖୁବ୍ ଟେଷ୍ଟି ଥିଲା । ମୁଁ ଆଉ ରୁନୁ ମାଗି ମାଗି ଦୁଇ ଥର ଲେଖା ନେଇ ବଡ ଖୁସିରେ ଖାଇଲୁ । ବୋଉ କହିଲେ, 'ଏଇଟା ତୁମ ଜେଜେମା ରାନ୍ଧିଛନ୍ତି ।' ବାପା କିଛି କହିଲେ ନାହିଁ, କେବଳ ମୁରୁକି ହସି ବଡ ଆନନ୍ଦରେ ଖାଉଥିଲେ ଯେମିତି ସେ ଆଗରୁ ଜାଣି ସାରିଛନ୍ତି କିଏ ରାନ୍ଧିଛନ୍ତି ବୋଲି ।

ଆମେ ସବୁ ଖାଇ ସାରି ଉଠିଗଲା ପରେ ମୁଁ ଏକାନ୍ତରେ ଜେଜେମାକୁ ପଚାରିଲି,'ସେ ଆଇଟମଟା କେଉଁଥିରେ କରିଛୁ କହିଲୁ, ଏତେ ଟେଷ୍ଟି ଲାଗିଲା ପଖାଳ ସହ। ମଦରଙ୍ଗା ଶାଗ ଓ ଆଳୁ ଭଳି ତ ଜଣାପଡୁ ନୁହେଁ । ପିତାଘମା ଶାଗ ଓ ଆଳୁ ହୋଇଥିଲେ ତ ଟିକିଏ ପିତାପଣ ରହିଥାନ୍ତା । ଜେଜେମା ହସି କହିଲା, 'ତୋ ବୋଉ ଦକ୍ଷିଣା କଦଳୀର ଚୋପା ଛେଲି ଚୋପାକୁ ଫିଙ୍ଗିବା ପୂର୍ବରୁ ମୁଁ ନେଇ ଶିଳରେ ବାଟି ମସଲା ଦେଇ, ଆଳୁ କୁଚି କୁଚି କାଟି ନିଜେ ରାନ୍ଧିଛି । ଟେଷ୍ଟ ଯେମିତି ଭଲ, ଦେହ ପାଇଁ ଉପକାରୀ ମଧ୍ୟ ସେମିତି ସେ କଦଳୀ ଚୋପାର । ତୋ ବାପା ପିଲାଟି ବେଳେ ବହୁତ ଥର ଖାଇଛି । ତେଣୁ ସେ ଜାଣେ ।'



ଶ୍ରୀନିବାସ ସେଠୀ

ଏବେ ବୁଝିଲି ବାପା କାହିଁକି କିଛି ନକହି ମୁରୁକି ହସା ଦେଉଥିଲେ । ଆଚ୍ଛା କହିଲୁ ଜେଜେମା, 'ଆମ କଞ୍ଜୁସ ବାପାଙ୍କ କଦଳୀ ଫେଣାଏ ମାଙ୍କଡ ଖାଇଗଲା ବୋଲି କାନ୍ଦୁଥିଲେ, ତୁ ବି ନାକ କାନ୍ଦୁରି, ତାଙ୍କୁ ଦେଖି କାନ୍ଦି ପକେଇଲୁ ଯେ ?'

- 'ତୋ ବାପା କେବେ ବି କଞ୍ଜୁସ ନୁହନ୍ତି । ବଡ ଦୟାଳୁ। ହଁ , ମଣିଷକୁ ବେଶି ଭଲ ପାଆନ୍ତି। କାହିଁକି ସେଦିନ ସେ କାନ୍ଦି ପକେଇଲା, ସେ ଅନେକ କାହାଣୀ ।

ତୋ ବାପା ଓ କକା ପିଲାଟି ବେଳେ ବଡ କଷ୍ଟରେ ବଢିଛନ୍ତି । ପେଟପୁରା ଦୁଇ ବକତ ଖାଇବାକୁ ମିଳେନାହିଁ । ତୋ ଜେଜେ ବାପାଙ୍କ ଚାକିରି ବାକିରି କିଛି ନଥିଲା । ଅଳ୍ପ ଜମିରେ ଯାହା ଚାଷ ହୁଏ ବର୍ଷସାରା ଭାତ ମୁଠେ ଖାଇବାକୁ ନିଅଣ୍ଟ ହୁଏ । ଘରବାଡିରେ ନେଉଟିଆ ଶାଗ ପଟାଳିର ଶାଗହୁଏ , ସଜନା ଗଛ ଥାଏ, ବାଡି ପୋଇ ଶାଗ ହୁଏ । କଦଳୀ ଗଛ ଥାଏ । ପରିବା କିଣି ପାରୁନା ବୋଲି ସେଇଥିରୁ କଷ୍ଟରେ ଚଳିଯାଉ । ଆପେଲ୍ କି ଅଙ୍ଗୁର ଭଳି ଫଳ ତ ପାଟିରେ ବାଜେନି । ଥରେ ବାଡ଼ିରେ ପାଚିଲା କଦଳୀର କାନ୍ଦିଟିଏ ପଡ଼ିଥାଏ । ତୋ ବାପା ଓ କକା ଡେଲି ସକାଳୁ ଉଠି ଦେଖନ୍ତି । ଚାହିଁ ରହିଥାନ୍ତି କେବେ ପାଚିବ । ଧିରେ ଧିରେ କଦଳିର ପାଚିବା ରଂଗ ଆସେ । ତୋ ଜେଜେ ମାତ୍ର ଫେଣାଏ କଦଳୀ ରଖି ସବୁବିକ୍ରି କରି ଦିଅନ୍ତି ହାଟରେ । ସେହି ପଇସା ସହ ଆଉ କିଛି ପଇସା ମିଶାଇ ତୋ ବାପା ଓ କକାର ସ୍କୁଲ ପ୍ୟାଣ୍ଟ୍ ସାର୍ଟ ଆସେ । ସେହି ଫେଣାକ କଦଳୀ ମୁଁ ସୁତୁଲି ଦେଇ ଟାଙ୍ଗି ଦେଇଥାଏ । କଦଳୀକୁ ଟାଙ୍ଗି ରଖିଲେ ଧିରେ ଧିରେ ପାଚେ । ତୋ ବାପା ଓ କକାକୁ ଦିଏ । ସେ ବୟସରେ ବହୁତ ଖାଇବାକୁ ଇଛା ହୁଏ ପିଲା ଦୁଇଟାକୁ । ପେଟ ପୁରେନି ବୋଲି ସେମାନେ କଦଳୀ ଚୋପା ସହ କଦଳୀ ଖାଇ ଦିଅନ୍ତି । ବାଡି କଦଳୀ ପୁରା ପାଚିଗଲେ ଚୋପା ସମେତ କଦଳୀ ଖାଇଲେ ବି ମିଠା ମିଠା ଲାଗେ। ତୁମେ ତ ସେଦିନ ଦେଖିଲ କଦଳୀ ଫେଣା ମାଙ୍କଡ ନେଇ ଖାଇଗଲା । ଆଉ କିଛି ଦେଖିପାରିଲ ନାହିଁ । ସେ ମାଙ୍କଡ କିନ୍ତୁ ଖାଇବା ସମୟରେ କଦଳିର ଚୋପା ଛଡ଼ାଇ ଖାଉଥିଲେ। ତୋ ବାପାର ପିଲା ଦିନ କଥା ମନେ ପଡିଗଲା ବୋଧେ, ଆଖି ଛଳଛଳ କରି ବଡ କାକୁସ୍ଥରେ ମୋ ଆଡ଼କୁ ଅନାଇ ନିରବରେ ହୁଏତ ପଚାରୁଥିଲା, 'ବୋଉ ଲୋ ! କେତେ କଷ୍ଟ ଯାଇଛି । ଆମେ ଏଇ ମାଙ୍କଡ଼ଙ୍କ ଭଳି ବି ଦିନେ ବଞ୍ଚି ପାରିନଥିଲୁ ।'

ତା'ର ସେହି ଚାହାଣିରୁ ମୋ ଆଖିରୁ ଲୁହ ଆସି ଯାଇଥିଲା ।

+ରେଲ ମିନାର, ଜୋଜେସ୍ କୋର୍ଟ ରୋଡ, କଲିକତା ୨୭

## ଭିନ୍ନ ସ୍ୱାଦର ଗପ

# ଅସ୍ତାଚଳ

## ଘନଶ୍ୟାମ ପଲେଇ



ନିଜ କାମରେ ବ୍ୟସ୍ତ । ମୋ କେବିନ୍‌କୁ ପଶି ଆସିଲା ପିଅନ ରାଧୁ। ଚାଲି ଯାଉଥିଲା ଚା' କପେ ଥୋଇ ଦେଇ । କହିଲ- ନେ, ଏଇ ଫାଇଲ ଦି'ଟା ଦେଇ ଆସିବୁ ଷଡଙ୍ଗୀ ବାବୁଙ୍କୁ ।

- ହଁ ସାର ! କହି ବାହାରିଗଲା ଚାମ୍ବରରୁ। ହେଲେ ଏ କ'ଣ ପୁଣି ଥରେ ଧୂମକେତୁ ପରି ଧସେଇ ପଶି କହିଲା,

-ସାର, ଅଡିଟୋର ସାହାବ ଆସିଛନ୍ତି, ଭିତରକୁ ଡାକି ଦେବି କି ?

- ହଁ, ହଁ ପଠାଅ ।

ଭାବିଲି ହଁ ସତରେ ତ ଆଜି ଆମ ବିଭାଗର ଅଛି ଅଡିଟ । ମୋ ଉପରିସ୍ଥ ଅଧିକାରୀ ଗତକାଲିରୁ ହିଁ କରେଇଥିଲେ ସତର୍କ ।

ଭିତରକୁ ପଶି ଆସିଲେ ବୁଢା ଜଣଙ୍କ। ନିଜର ପରିଚୟ ରଖି କହିଲେ,

- ମୋ ନାଁ, ପି.ଦେଶପାଣ୍ଡେ। ଚିଫ୍ ଅଡିଟୋର। ଜଣେ ରିଟାର୍ଡ ସରକରୀ କର୍ମଚାରୀ । ରିଟାର୍ଡ ପରେ ଆଜକୁ ବାଇଶ ବର୍ଷ ହେଲାଣି ଏହି ସଂସ୍ଥା ସହ ଜଡିତ ।

ମୁଁ ସ୍ୱାଗତ ଜଣାଇ କହିଲି ବସିବାକୁ। ପଚାରିଲି, - ରିଟାର୍ଡର ବାଇଶ ବର୍ଷ ! ତା'ହେଲେ ଆପଣଙ୍କ ବୟସ ? ଆପଣ ଏକା ଆସିଛନ୍ତି ନା କିଏ ଅଛନ୍ତି ସାଥିରେ ?

- ନା ! ନା ! ଆମେ ଆସିଛୁ ତିନିଜଣ । ଦିହେଁ ଯାଇଛନ୍ତି ଅଲଗା ବିଭାଗକୁ । ମୁଁ ଏକୁଟିଆ ହିଁ କରିବି

ଥୁରୁ ଥୁରୁ ବୁଢାକୁ ଦେଖି ଏପରି ପ୍ରଶ୍ନ ଆସିବା ବି ସ୍ୱଭାବିକ । ଲାଗୁଥିଲା ଗଳି ପଡିବ ପିନ୍ଧିଥିବା ପେଣ୍ଟ ଖଣ୍ଡକ। ମୋଡି ଭିଡି ପେଟ ଉପରକୁ ଟିକିଏ ପିନ୍ଧିଛନ୍ତି ପେଣ୍ଟ । ଚଷମା କାଚ ବି ମୋଟା ମୋଟା । ଆଉ ଚାଲୁଛନ୍ତି ଟଳମଳ। ବାର୍ଦ୍ଧକ୍ୟ ପୁରା ଫୁଟି ଉଠୁଚି ଶରୀର ସାରା ।

ଅଛି ତାଙ୍କର ଗଭୀର ଜ୍ଞାନ । ଭିତରକୁ ପଶୁଛନ୍ତି ସବୁ ବିଷୟରେ। । କଥା ବୁଲେଇ ବାଙ୍କେଇ ବଞ୍ଚିବା ତାଙ୍କଠୁ କଷ୍ଟ। ଅବଶ୍ୟ ସିଧା ସିଧା ଉତ୍ତର ପାଇ ମୋ ଉପରେ ଥିଲେ ସନ୍ତୁଷ୍ଟ।

ହଠାତ୍ ଉଠିଲା ବେଳକୁ ପଡି ଯାଇଥିଲେ ତଳେ, ଠିକ୍ ସମୟକୁ ଧରି ପକେଇଲି ମୁଁ । ଚିଆରରେ ବସେଇ ପିଇବାକୁ ଦେଲି ପାଣି ଟିକିଏ । ଟିକିଏ ହେଲେ ଆଶ୍ୱସ୍ତ।

ବୁଢାର ଏପରି ଅବସ୍ଥା ଦେଖି ମୋତେ ଲାଗୁଥିଲା ଦୟା । ସତରେ କାହାର ଅସୁବିଧା ନଥିଲେ କିଏ କ'ଣ ଏଇ ବୟସରେ ବି କରି ପାରେ ଚାକିରି । ରିଟାୟର୍ଡ ପରେ ତ ରେଷ୍ଟ କରିବା କଥା । ନିଶ୍ଚୟ କିଛି ଥିବ ପାରିବାରିକ ସମସ୍ୟା । ଅନ୍ୟମନସ୍କରେ ପଚାରିଦେଲି – ସାର୍ ପିଲାମାନେ ବଡ ହେଲେଣି ତ ? ଝିଅ ଫିଅ ବାହାଘର ସାରିଲେଣି ନା ପଢୁଛନ୍ତି ପିଲାମାନେ ?

ବୁଢା ଉତ୍ତରରେ କହିଲେ, ମୋର ଦି'ଟା ପୁଅ, ଗୋଟାଏ ଝିଅ । ପୁଅ ଜଣେ ହାଇଦ୍ରାବାଦରେ ତ ଆଉ ଜଣେ ବାଙ୍ଗାଲୋରରେ । ଚାକିରୀ କରନ୍ତି ଉଭୟ। ଉଚ୍ଚପଦସ୍ଥ ଅଫିସର ସେମାନେ । ଝିଅ ବାହାଘର ବି ସରିଲାଣି କେବେଠୁଁ । ଜୋଇଁ ଜଣେ ବଡ ବ୍ୟବସାୟୀ ।

ମନେମନେ ଚିନ୍ତା କଲି ବୁଢା ଜଣଙ୍କ ତାହାଲେ ଆରାମରେ ରହିବା କଥା ପୁଅ ଝିଅଙ୍କ ସହ । ନାତିନାତୁଣୀ ମେଳରେ କାଟିଦେବା କଥା ଅବଶିଷ୍ଟ ଜୀବନ । ନିଷ୍ଟେ ନିଜ ପୁଅଝିଅ ପଚାରୁ ନାହାନ୍ତି ।

ସନ୍ଦେହ ଦୂର ପାଇଁ ପଚାରି ଦେଲି --

- ଯଦି ଅସୁବିଧା ଅଛି । ପେନସନ୍ ଗଣ୍ଡାକ ତ ମିଳୁଥିବ ଚଳି ପାରନ୍ତେ ସାର୍ ?

- ମୋ କଥାକୁ ବୋଧେ ଠଉରେଇ ନେଲେ । କହିଲେ, ନାଇଁ ଆଜ୍ଞା ! ପୁଅ ଝିଅ ତ କହୁଛନ୍ତି ପାଖରେ ରହିବାକୁ ସବୁ ଦିନ । ହେଲେ ଥରେ ରହିଗଲେ ମୁଁ ହେଇଯିବି ଗୋଟାପଣେ ପଙ୍ଗୁ । ପ୍ରତିଟି କଥାରେ ନିର୍ଭର କରିବି ତାଙ୍କରି ଉପରେ। ପାଣି ଗ୍ଲାସ ଉଠାଇବାକୁ ବି ହେବିନି ସକ୍ଷମ। ଆଉ ରହିଲା ଚଳିବା କଥା । ବୁଢୀ ତ କେଉଁ କାଳୁ ଗଲାଣି ଆର ପାରିକି । ମୁଁ ଏକା ବୁଢା ଲୋକଟା। ଚଳିବାକୁ ବା କେଇଟା ପଇସା ଦରକାର ଯେ ? ତା' ଛଡା ମୋର ଯେତିକି ଘରବାଡି ସମ୍ପତ୍ତି ଅଛି ବସି କି ଦି'ପିଢି ଖାଇଲେ ସରିବନି ।

- ଆହୁରି ହେଲି ଆଶ୍ଚର୍ଯ୍ୟ । ଉତ୍କଣ୍ଠାର ସହ ପଚାରିଲି । ତା' ହେଲେ, ବୟସର ଅପରାହ୍ନରେ ଚାକିରି କାହିଁକି ?

- ଚାକିରି କରୁଛି ବୋଲି ତ ବଞ୍ଚିପାରୁଛି ମୁକ୍ତ ଜୀବନ। ନହେଲେ ତ କେବେ ଠୁ ପଞ୍ଜୁରୀ ଭିତରେ କାଟୁଥାନ୍ତି ବନ୍ଦୀ ଜୀବନ। ହେଲାଣି ମୋତେ ବୟାଅଶୀ । ମୋ ସମକାଳୀନ ବଞ୍ଚିଛନ୍ତି କାଁ ଭାଁ । ମୋର ତ ଚାଲୁଛି ହାତଗୋଡ ଏବେ ଯାକେ । ନିଜ କାମ କରି ପାରୁଛି ନିଜେ । ସେଇଥିପାଇଁ ତ ଛାଡି ପାରୁନି କାମକୁ । ଚାକିରୀରୁ ମିଳୁଛି ଆନନ୍ଦ । ଚାକିରୀ କରୁ କରୁ ଯଦି କେବେ ଚାଲିଯାଏ ତା'ହେଲେ ବି ମୋ ଆତ୍ମା ପାଇବ ଖୁସି । ମୋର ସାର୍ଥକ ହେବ ସେବାବ୍ରତୀ ଜୀବନ।

କେତେବେଳୁ ବିଦାୟ ନେଲେଣି ବୁଢା ଜଣଙ୍କ ହେଲେ ମୁଁ ଅନେଇ ଥାଏ ଝରକା ଫାଙ୍କରୁ ତାଙ୍କ ଯିବା ବାଟକୁ । ହଠାତ ପକ୍ଷୀଟିଏ ଫଡ ଫଡ କରି ଡେଣାଝାଡି ଉଡିଗଲା ବଉଳ ଗଛ ଡାଳରୁ। ତାକୁ ଦେଖି ଆହୁରି ଭାବୁଥାଏ,

- ସତରେ କ'ଣ ଆମେ ଉଡି ପାରିବୁ ତ ବୟସର ଅପରାହ୍ନରେ ଠିକ୍ ତାଙ୍କ ଭଳି। ମୋତେ ତ ବେଳେ ବେଳେ ଲାଗେ ସନ୍ଦେହ । ସାରି ପାରିବୁ ତ ନିଜ ନିଜ ଚାକିରି କାଳତକ । ଦେଖି ପାରିବୁ ତ ଷାଠିଏ ବର୍ଷ ପରେ ରିଟାର୍ଡ ପରର ସୂର୍ଯ୍ୟୋଦୟ !!

ଏସବୁ ଭାବନା ଭିତରେ ବି ମୋତେ ଲାଗୁଥାଏ ଫୁର୍ତ୍ତି । ପଚାଶ ବର୍ଷ ବୟସରେ ବି ମୁଁ ଅନୁଭବ କରି ପାରୁଥାଏ ଯୁବଶକ୍ତିକୁ। ପ୍ରକୃତରେ ଶକ୍ତି ତ ଦେହ ଅପେକ୍ଷା ମନରେ ହିଁ ଥାଏ ବେଶି ।

+ବଡ-ଆମ୍ବୁଁଣୀ, ଝୁମ୍ପୁରା,
କେନ୍ଦୁଝର,
ମୋ-୯୪୩୭୭୧୮୫୦୦

ପୂଣ୍ୟ ଜନ୍ମତିଥି ଅବସରରେ

# ସ୍ମୃତିର କାନଭାସ୍‌ରେ ନନ୍ଦିନୀ ଶତପଥୀ



## ଶୁଭେନ୍ଦୁ କୁମାର ଭୂୟାଁ

"ପିଲାଦିନୁ ଆମଘରେ ମୁଁ ଆମିଷ ଖାଏନା ।

୧୯୭୫ ମସିହାରେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଥରେ ମୁଁ କୋରାପୁଟ ଯାଇଥିଲି। ସେତେବେଳେ 'ପ୍ରଜାତନ୍ତ୍ର' ଗୋଟେ ନ୍ୟୁଜ୍ ଛାପିଥିଲା ଯେ- 'ନନ୍ଦିନୀ ଦେବୀ ଗୋଟେ ହରିଣର ମାଂସ ପୁରା ଖାଇଦେଲେ ।'

ସେମାନେ ସିରିଅସଲି ଏକଥା ଲେଖିଥିଲେ । କେତେକଥା ତ ମୋ ବିଷୟରେ ଲେଖନ୍ତି । ମୁଁ ତାଙ୍କୁ ପଚାରିଲି- ଆପଣ କେବେ ପ୍ରତିବାଦ କରିଛନ୍ତି କି ? ମୋ କଥା ଶୁଣି ସେ ଉତ୍ତର ଦେଲେ- ପ୍ରତିବାଦ କରିବା କ'ଣ ଦରକାର ? ପ୍ରତିବାଦ କରି କିଛି ଲାଭ ହିଁ ନାହିଁ । ମୁଁ ଟୁର୍‌ରେ ଗଲେ, ଯଦି ଖରାଦିନ ହୋଇଥାଏ, ତେବେ ଖବର ଦେଇଥାଏ ଯେ, ମୋ ପାଇଁ ପଖାଳ ଆଉ ଆଳୁଭର୍ତ୍ତା କରିବ । ପଲଉ କରିବନି । ଅଫିସରମାନେ ମନଦୁଃଖ କରି କୁହନ୍ତି, ସିଏମ୍‌ଙ୍କୁ ଆମେ ଖାଇବାକୁ ଦେଇପାରୁନୁ !

ଏକାଡ଼େମୀ ପୁରସ୍କାର ପାଇବା କଥା ପ୍ରଥମେ ଯେତେବେଳେ ଶୁଣିଲି, ମୋ ବାପାଙ୍କ କଥା ଆଗେ ମନେପଡ଼ିଲା । ବାପା ମୋତେ ସବୁବେଳେ କୁହନ୍ତି- ତୁ କିଛି ହୋଇପାରିଲୁନି !

ମୁଁ ତାଙ୍କୁ କୁହେ- ବାପା, ମୁଁ ଦି'ଥର କେନ୍ଦ୍ରମନ୍ତ୍ରୀ ହେଲି, ଦି'ଥର ବି ମୁଖ୍ୟମନ୍ତ୍ରୀ ହେଲି । ସେଇଟା କ'ଣ କିଛି ନୁହେଁ ? କିନ୍ତୁ ବାପା କୁହନ୍ତି- ସେଇଟା ଗୋଟେ କ'ଣ ବଡ଼ କଥା । ତାହା 'ଟେମ୍ପରାରି' । ତୋର କାମ ହେଲା - ଲେଖିବା । ତୁ ବି ପିଲାଦିନରୁ ତ ଲେଖିଆସୁଛୁ ନା । କିନ୍ତୁ ମୋ ଲେଖା ବି ତାଙ୍କର ବିଲକୁଲ ପସନ୍ଦ ନଥିଲା ।

ମୋର ପ୍ରଥମ ଗଳ୍ପ ସଂକଳନ 'କେତୋଟି କଥା' ଯେତେବେଳେ ପ୍ରକାଶ ପାଇଲା, ମୋ ବଡ଼ପୁଅ ନଚିକେତା ନେଇ ସେ ବହିଟି ବାପାଙ୍କୁ ଦେଲା । ମୁଁ ବି ସେ ବହିଟି ବାପାଙ୍କୁ ଉତ୍ସର୍ଗ କରିଥାଏ । ବାପା ଥଟ୍ଟାକରି କହିଲେ- 'ଏତେଦିନ ଲେଖି ଲେଖି ଗୋଟାଏ ଜମା ବହି ବାହାରିଛି ?' ମୁଁ ତାଙ୍କୁ କୁହେ- ବାପା, ତମେ କେତେ ବହି ଲେଖିଛ । କିନ୍ତୁ ମୁଁ ଗୋଟିଏ ବହି ଲେଖିଥିଲେ ବି, ତାହା ଅନେକ ଭାଷାରେ ଅନୁବାଦ ହୋଇଛି ।

ମୋ ପିଲାଦିନୁ ଦେଖି ଆସିଛି, ଆମଘରେ ସବୁବେଳେ ଖାନତଲାସି ଚାଲିଥିବ । (ମୁଁ ତାଙ୍କୁ ପଚାରିଲି- କ'ଣ ଗୋରା ପୋଲିସ ? ସେ କହିଲେ, ନା ନା ଗୋରା ନୁହେଁ, କଳା ପୋଲିସ।) ବାପା, ଛଦ୍ମନାମ 'ବନ୍ଦୀ ସୈନିକ' ନାମରେ ଅନେକ ଲେଖା ଲେଖିଥିଲେ । ଆଉ କକେଇ (ଭଗବତୀ ଚରଣ ପାଣିଗ୍ରାହୀ)ଙ୍କ କମ୍ୟୁନିଜମ୍ ଲେଖା ମଧ ପୋଲିସ ଖୋଜେ । ଆମଘରୁ ଜିନିଷ କାଢ଼ି ପଦାକୁ ଫୋପାଡ଼ି ବି ଦିଅନ୍ତି । ମୁଁ ମଧ ପିଲାଟି ଦିନରୁ କମ୍ୟୁନିଷ୍ଟ ଥିଲି। ରେଭେନ୍ସାରେ ପଢ଼ିଲା ବେଳେ ୟୁନିଅନ ଜାକ୍‌କୁ ତଳକୁ ଖସାଇ ତ୍ରିରଙ୍ଗା ପତାକା ଉଡ଼େଇଥିଲି । ପୋଲିସଠୁ ମାଡ଼ ଖାଇ ଖାଇ ମୋ ମୁଣ୍ଡସାରା ଖାଲି କ୍ଷତ ଆଉ ଖଣ୍ଡିଆ ଦାଗ ଭର୍ତ୍ତି ।"

॥ ପ୍ରସଙ୍ଗ ॥

୧୯୯୫ ମସିହାର କେଉଁ ଏକ ଅଳସ ସଂଜ । ବିଧାନସଭାରୁ ରିପୋର୍ଟିଂ ସାରି ଅଳ୍ପ କିଛି ପାଠ, ଲ୍ୟାଣ୍ଡ ଫୋନରେ ଡାକି ଦେଇ ଏଜି ଛକ ଦେଇ ଫରେଷ୍ଟ ପାର୍କ ମୁହାଁଇ ଥାଏ ମୁଁ । ପୁଣି ସେଠୁ ଫେରି ଛଅ ନମ୍ବର ମେଡ଼ିକାଲ ଦେଇ ନିହାତି ଅନ୍ୟମନସ୍କ ଭାବେ ଆସୁ ଆସୁ ବାଁପଟେ ହଠାତ୍ ଏକ ବଡ଼ ବଙ୍ଗଳାର ଗେଟ୍‌ରେ ନନ୍ଦିନୀ ଶତପଥୀଙ୍କ ନାମଲେଖା ଫଳକଟି ଉପରେ ନଜର ପଡ଼ିଲା । ହଠାତ୍ ମନେପଡ଼ିଲା ଯେ, ଅଳ୍ପଦିନ ତଳେ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି- ପ୍ରସିଦ୍ଧ ପଞ୍ଜାବୀ ଲେଖିକା ଅମୃତା ପ୍ରୀତମ୍‌ଙ୍କ ବହି 'ରସିଦ ଟିକେଟ'ର ଅନୁବାଦ ଲାଗି ।

ବିନା କୌଣସି ଅନୁମତି ବା ସୂଚନାରେ ଗେଟ୍ ଖୋଲି ସେଇ ବିଶାଳ ବଂଗଳା ଭିତରେ ପଶିଲି ଏବଂ ଏତେ ବଡ଼ ଘର ଭିତରେ ପୁରା ନିରବତା ଛାଇଯାଇଥିବା ଅନୁଭବ କଲି । କିଛି ସମୟ ଡାକିବା ପରେ ଅଳ୍ପ ବୟସର ପିଲାଟିଏ ଆସିଲା । ଅନୁମତି ନଥିବା ସତ୍ତ୍ୱେ ଦୋ ଦୋ ପାଂଚହୋଇ ନନ୍ଦିନୀ ଦେବୀଙ୍କୁ ଖବର ଦେବାକୁ ଗଲା । ହଠାତ୍ ଅଳ୍ପ ଆଲୁଅ ଭିତରେ ଏକ ଗାଉନ ପିନ୍ଧି ଶୀର୍ଣ୍ଣ ଶରୀରର ଯେଉଁ ମହିଳା ଜଣକ ଆସି ପହଂଚିଲେ, ସେ ଥିଲେ ଓଡ଼ିଶାର 'ଆଇରନ୍ ଲେଡ଼ି'- ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ।

ସତ କହୁଛି- ଛାଇ ଅନ୍ଧାର ଭିତରେ ଶୀର୍ଣ୍ଣ ଶରୀରର ନନ୍ଦିନୀ ଦେବୀଙ୍କୁ ଦେଖି ସେଦିନ ଟିକେ ଭୟ କରିଥିଲି । ମୁଁ ଭାବିଲି, ବିନା ଅନୁମତିରେ ସଂଜବେଳେ ଜଣେ ଏତେବଡ଼ ଲୋକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ହଠାତ୍ ଭେଟିବାକୁ ଚାଲି ଆସିଥିବାରୁ- ସେ ନିଶ୍ଚୟ ରାଗିଯିବେ । କିନ୍ତୁ ସେଭଳି କିଛି ହେଲାନି । ତାଙ୍କ ଆଚରଣ ଓ କଥା ଭାଷା ଥିଲା ଭାରି ସ୍ନେହ ସଜଳ । ଟିକେ ସାହସ ପାଇ, ମୁଁ ତାଙ୍କର ଏକ ସାକ୍ଷାତକାର ନେବାକୁ ଆସିଛି ବୋଲି କହିଲି ଏବଂ କିଛିଟା ଅନିଚ୍ଛା ସହିତ ସେ ନିଜ ଜୀବନର ଅନେକ କଥା ବେଶ୍ ଖୋଲାମନରେ ଆଲୋଚନା କଲେ । ଆଳାପ ଆଲୋଚନାର ସମୟ ପ୍ରାୟ ଦୁଇଘଣ୍ଟା ଟପିଗଲା ଏବଂ ତାଙ୍କ ନିର୍ଦ୍ଦେଶରେ ସହାୟକ ପିଲାଟି କଫି ଓ ଜଳଖିଆ ଦେଇଗଲା । ତାଙ୍କ ପାଖକୁ ହଠାତ୍ ଯାଇଥିବାରୁ ମୋ ପାଖରେ ପୂର୍ବ ପ୍ରସ୍ତୁତି ପ୍ରଶ୍ନ ମଧ କିଛି ନଥିଲା ! ତେବେ ତାଙ୍କ ସହ ସାକ୍ଷାତ ଅବସର ଭାରି ଭଲ ଲାଗିଲା । ସେଦିନ ନନ୍ଦିନୀ ଦେବୀଙ୍କ ସହ କଥାବାର୍ତ୍ତାର ପ୍ରତିଟି ଧାଡ଼ି ମୁଁ ଟିପି ରଖିଥିଲି- କାରଣ ସେତେବେଳେ ମୋବାଇଲ ଆସିନଥିଲା କିମ୍ବା ମୋର ଟେପ୍‌ରେକର୍ଡ଼ର ବି ଥିଲା ।

ତାଙ୍କ ସହିତ ଦୀର୍ଘ ଆଳାପର କଥାଗୁଡ଼ିକ ଅବିକଳ ଏଇପରି ଥିଲା-

♥ ପିଲାଦିନୁ ମୁଁ ଲେଖିବା ଆରମ୍ଭ କରିଛି । କଟକର ମିଲିଲ ସ୍କୁଲ ଆଉ ଟ୍ରେନିଂ ସ୍କୁଲରେ ପଢ଼ିବା ବେଳଠୁଁ, ୧୯୪୧-୪୨ ମସିହାରେ ସ୍କୁଲ ମାଗାଜିନ୍‌ରେ ପ୍ରଥମ ଗପ 'ଅନାଥ' ପ୍ରକାଶିତ ହୋଇଥିଲା । ସେଇ ଅଳ୍ପ ବୟସରେ ମୁଁ ଇଂରାଜୀ ଅନୁବାଦ ମଧ କରୁଥିଲି । ଅବଶ୍ୟ ବାପାଙ୍କୁ ଅନେକ ବିଷୟ ପଚାରି ବୁଝୁଥିଲି ।

♥ ମାକସିମ୍ ଗର୍କୀଙ୍କ 'ମଦର' ଓ ମୋପାଁସାଙ୍କ ଲେଖାଗୁଡ଼ିକୁ ବି ଅନୁବାଦ କରୁଥିଲି । ଜର୍ମାନୀ ଓ ଋଷ ଲଢ଼େଇରେ ଯେଉଁ ଝିଅ ଗରିଲାମାନେ ଅଂଶଗ୍ରହଣ କରୁଥିଲେ, ସେମାନଙ୍କ ପ୍ରେରଣାରେ ଉତ୍ସାହିତ ହୋଇ ସେମାନଙ୍କ ଉପରେ ବାହାରୁଥିବା ଲେଖାକୁ ବି ପଢ଼ି ତାକୁ ଅନୁବାଦ କରୁଥିଲି ।

♥ ଆମ ପରିବାର ଥିଲା ପୁରା ସାହିତ୍ୟର ପରିବାର । ମୋ ଜେଜେବାପା ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ, କକେଇ ଭଗବତୀ ଚରଣ ପାଣିଗ୍ରାହୀ, ଦଦେଇ ଦିବ୍ୟସିଂହ ପାଣିଗ୍ରାହୀ, ଆଉ ମୋ ବୋଉ ରତ୍ନମଣି ଦେବୀ - ଏମାନଙ୍କର ବହୁ ପ୍ରଭାବ ପଡ଼ିଛି ମୋ ଉପରେ । ମୋ ବୋଉ ବି କବିତା ଲେଖୁଥିଲା । କହିବାକୁ ଗଲେ ଆମ ପରିବାରର ପେଷା ଓ ନିଶା ଥିଲା - ସାହିତ୍ୟ ।

♥ ଆମ ରାଜ୍ୟରେ ଗୋଟିଏ କଥା ମତେ ବିଶେଷ ଭାବରେ ଦୁଃଖ ଦିଏ । ଯେଉଁ କେତେକ ପ୍ରତିଷ୍ଠିତ କବି ବା ଲେଖକ ରହିଛନ୍ତି, ସବୁବେଳେ ସେମାନଙ୍କୁ ହିଁ ଖୋଜାଲୋଡ଼ା ପଡ଼େ । ମୁଁ ଚାହେଁ, ଆସନ୍ତା ପିଢ଼ିର ଯେଉଁ ପିଲାମାନେ ଲେଖିବାକୁ ଉଦ୍ୟମ କରୁଛନ୍ତି- ସେମାନଙ୍କୁ ବୟସ୍କ ସାହିତ୍ୟିକମାନେ ଯଥେଷ୍ଟ ଉତ୍ସାହ ଦେବା ଦରକାର । ତା'ହେଲେ ଓଡ଼ିଆ ସାହିତ୍ୟ ଉନ୍ନତି କରିପାରିବ ।

♥ ଏବେ ଯେତେସବୁ ପୁରସ୍କାର ଶାରଳା, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଇତ୍ୟାଦି ଇତ୍ୟାଦି- ସେଥିପାଇଁ ବହୁତ ଧରାଧରି ହେବା କଥା ମୁଁ ଶୁଣୁଛି ।

♥ ମୁଁ ଏକ କର୍ମଶାଳାରେ କହିଥିଲି ଯେ, ଶାଶୁ ଯଦି ବୋହୂ ଉପରେ ଅତ୍ୟାଚାର କରୁଛି ଏବଂ ତାକୁ ପୋଡ଼ି ମାରି ଦେବାକୁ ଚେଷ୍ଟା କରୁଛି, ତେବେ ବୋହୂ କାହିଁକି ତାକୁ ନୀରବରେ ସହିଯାଉଛି ? ଶାଶୁ ଆଉ ବୋହୂ ଉଭୟେ ହେଲେ ନାରୀ । ଜଣେ ନାରୀ ଆଉ ଜଣେ ନାରୀକୁ ସମ୍ମାନ ଦେବାକୁ ନ ଶିଖିଲେ ଏବଂ ନିଜକୁ ମନୁଷ୍ୟ ବୋଲି ନ ଭାବିଲେ ସେ ଏଭଳି ନିର୍ଯ୍ୟାତିତା ହେଉଥିବ । ସେଥିପାଇଁ ଆଜିକାଲି ବୋହୂମାନେ ଅଧିକ ଶିକ୍ଷିତା ହୋଇ ମଧ ନିର୍ଯ୍ୟାତନା ଭୋଗୁଛନ୍ତି । ପୂର୍ବରୁ ବି ଭୋଗୁଥିଲେ । ଖାଲି ଆପଣଙ୍କ ଭଳି ଖବରକାଗଜର ସାମ୍ବାଦିକମାନେ ସେ ସମୟରେ ନଥିଲେ ବୋଲି, ସେଦିନର ନିର୍ଯ୍ୟାତନାଟା ଏତେ ପ୍ରକାଶ ପାଉନଥିଲା ।

♥ ମୁଁ ସବୁବେଳେ କୁହେ ଯେ, **I am a person, Women must be a person.**

ଏବେ ମଡ଼ର୍ଣ୍ଣ ବୋହୂମାନେ ମଧ ଶାଶୁମାନଙ୍କୁ ନିର୍ଯ୍ୟାତନା ଦେଉଛନ୍ତି । ଖାଲି ବଧୂ ନିର୍ଯ୍ୟାତନା କଥା କୁହାଯାଉଛି, କିନ୍ତୁ ଶାଶୁ ନିର୍ଯ୍ୟାତନା କଥା କାହିଁକି କିଏ ବୁଝୁନି ତ !

♥ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଅନେକ କଥା କହିବାକୁ ଇଚ୍ଛା ହୁଏ, କିନ୍ତୁ ଅବସ୍ଥା ଦେଖି ନ ଲେଖି ରହିଯାଏ । ରାଜନୈତିକ ଦୃଷ୍ଟିକୋଣରୁ କେତେକ ସମାଲୋଚନା ଲେଖା ମୁଁ 'ଗାୟତ୍ରୀ' ଛଦ୍ମନାମରେ ଲେଖିଥିଲି ।

♥ କିଛି ନ ଲେଖିଲେ, ନ ପଢ଼ିଲେ ମୁଁ ଶୋଇପାରେନା । ପ୍ରତିଦିନ ରାତି ଦୁଇଟା ପୂର୍ବରୁ ମୋତେ ନିଦ ମାଡ଼େନା । ଏବେ ଗପ ଆଉ କବିତା ଲେଖୁଛି । ଅମୃତା ପ୍ରୀତମ୍ ଓ ଖୁସବନ୍ତ ସିଂହ ମୋତେ ବହୁଥର ଜୀବନୀ ଲେଖିବାକୁ ପରାମର୍ଶ ଦେଇ କହିଛନ୍ତି ଯେ, "ରାଜନୀତି କ୍ଷେତ୍ରରେ ଆପଣଙ୍କର ଅନେକ ସମସାମୟିକ ଅଛନ୍ତି, ତେଣୁ ଆତ୍ମଜୀବନୀ ଲେଖି ତାକୁ ସିଲ୍ କରି ରଖିଦିଅନ୍ତୁ । ଆପଣଙ୍କ ମୃତ୍ୟୁ ପରେ ତାହା ପ୍ରକାଶ ପାଇବ ।" ମାତ୍ର ମୋ ଲେଖା ପଢ଼ି ଅନ୍ୟମାନଙ୍କର ପ୍ରତିକ୍ରିୟା କ'ଣ ହେବ, ତାହା ତ ମୁଁ ଜାଣିପାରିବିନି । ତେବେ ପୂର୍ବରୁ ମାସିକ 'ସମୟ' ପତ୍ରିକାରେ 'ସେଇ ଲୋକମାନେ' ଶୀର୍ଷକରେ କେତେକ ଲେଖା ବାହାରିଛି । 'ଧରିତ୍ରୀ'ରେ ମଧ ଅଳ୍ପ କେତେଟା ବାହାରିଛି । ତେବେ ଜୀବନତମାମ ଯେଉଁ ଲୋକମାନଙ୍କ ସଂପର୍କରେ ଆସିଛି, ସେମାନଙ୍କ କଥା ହିଁ ଏଥିରେ ଲେଖୁଛି ।

॥ ପ୍ରସଙ୍ଗ ॥

୧୯୩୧ ମସିହା ଜୁନ୍ ୯ ତାରିଖ କଟକର ବକ୍ସିବଜାର-ଯାଚକ ଲେନ୍‌ର ଖ୍ରୀଷ୍ଟିଆନ ସାହିରେ ବିଖ୍ୟାତ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରତ୍ନମଣି ଦେବୀଙ୍କ ଜ୍ୟେଷ୍ଠ ସନ୍ତାନ ଭାବେ ଜନ୍ମଗ୍ରହଣ କରିଥିଲେ, ଓଡ଼ିଶାର ଏହି ସ୍ମରଣୀୟ ନାରୀ ପ୍ରତିଭା ନନ୍ଦିନୀ। ତାଙ୍କର ଜନ୍ମ ବିଛା ରାଶିରେ ହୋଇଥିବାରୁ ଜାତକ ନାଁ ଥିଲା- ନର୍ମଦା । ଡାକ ନାଁ ଥିଲା କୁନି ।

ଆମର ଆଳାପ ଆଲୋଚନାର ସମୟ କେତେବେଳୁ ଦୁଇଘଣ୍ଟା ଅତିକ୍ରମ କରି ସାରିଥିଲା । ମୁଁ ଯେତେବେଳେ କହିଲି, ୧୯୮୮ ମସିହାରେ ରେଭେନ୍ସାରେ ପଢୁଥିଲା ବେଳେ ଆପଣଙ୍କ ବିଖ୍ୟାତ ବାପାଙ୍କ ସହ ସାକ୍ଷାତକାର କରିଥିଲି, ସେ ବେଶ୍ ଖୁସି ଦେଖାଗଲେ । (୩୫ବର୍ଷ ତଳେ କାଳିନ୍ଦୀ ଚରଣଙ୍କ ସହ ମୋର ସାକ୍ଷାତକାର ଦୈନିକ 'ସମାଜ'ର ରବିବାର ସଂସ୍କରଣରେ ପ୍ରକାଶିତ ହୋଇଥିଲା । ରେଭେନ୍ସାର ଆମ ହଷ୍ଟେଲରେ ପ୍ରଥମଥର ପାଇଁ ଆୟୋଜନ କରିଥିବା ଶ୍ରୀଜଗନ୍ନାଥ ପାଠଚକ୍ରର ଉଦ୍‌ଘାଟନ ପାଇଁ ମୁଁ ଏବଂ ମୋ ହଷ୍ଟେଲ ସହପାଠୀ ସୌଭାଗ୍ୟ ସ୍ୱାଇଁ (ବାପି) ଯାଇ ଏହି ମହାର୍ଘ ଅତିଥିଙ୍କୁ ଏକ କାର୍‌ରେ ପିଠାପୁରସ୍ଥିତ ତାଙ୍କ ସୁନ୍ଦର ବାସଭବନ 'ସ୍ୱପ୍ନପୁରୀ'ରୁ ଆଣିଥିଲୁ । ମୋ ସଂପାଦନାରେ ଆମ ହଷ୍ଟେଲର ପ୍ରଥମ ୱାଲ ମାଗାଜିନ୍ 'ଦେବଦାସୀ'ର ମଧ ସେ ଶୁଭ ଉନ୍ମୋଚନ କରିଥିଲେ ସେଇଦିନ ସନ୍ଧ୍ୟାରେ) ।

ମୋର ପରମ ସୌଭାଗ୍ୟ ଯେ, ଓଡ଼ିଶା ମାଟିର ଏଭଳି ଅନନ୍ୟ ଓ ଅସାଧାରଣ ପିତା-ପୁତ୍ରୀଙ୍କର ସାକ୍ଷାତକାର କରିବାର ସୁଯୋଗ ପାଇଥିଲି । ଆଜି ଓଡ଼ିଶା ମାଟିର ଏଇ ଅସାଧାରଣ ମହିଳା ନନ୍ଦିନୀ ଶତପଥୀଙ୍କ ୯୨ତମ ଜନ୍ମତିଥିରେ ତାଙ୍କୁ ଅସରନ୍ତି ଶ୍ରଦ୍ଧା ଓ ସମ୍ମାନ ।

♥ 'ସାଇଭବନ', ପଲାଇ (ବାଲିଚନ୍ଦ୍ରପୁର),
ଯାଜପୁର-୭୫୪୨୦୫, (ମୋ) : ୯୪୩୭୨୨୬୭୯୭

# କି ହେଲାରେ... କହିତ ନୁହଁଇ ଭାରତୀରେ....



## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବ୍ରିଟିଶ ରାଜକାଳରୁ ହାଓଡ଼ାରୁ ପୁରୀ ରେଳ ଲାଇନ ବି.ଏନ.ଆର କମ୍ପାନୀ କରିଥିଲେ। ପରେ ଜାତୀୟ ସରକାର ରେଳ ବିଭାଗର ଉନ୍ନତି ଯାତ୍ରୀଙ୍କ ସୁବିଧା ଓ ପରିଚାଳନା ସରଳ ପାଇଁ ବିଏନଆର ଲାଇନ ଗୁଡ଼ିକ ଏସଇଆରରେ ପରିବର୍ତ୍ତନ କଲେ ଓ ଆହୁରି ଭାବିଚିନ୍ତି ଇଷ୍ଟକୋଷ୍ଟର ଏସଇଆରରୁ ଅଲଗା କରିଦେଇ ଏକ ପ୍ରକାର ପରିଚାଳନା ସଂସ୍କାର କରିଦେଲେ। ପୁଣି କେନ୍ଦ୍ର ସରକାରଙ୍କ ବଜେଟରେ ଦୁଇ ପ୍ରକାର ବଜେଟ ଉପସ୍ଥାପିତ ପୂର୍ବେ କରାଯାଉଥିଲା। ଏହାକୁ ଅଳ୍ପ କେତେ ବର୍ଷ ପୂର୍ବରୁ ଅର୍ଥମନ୍ତ୍ରଣା ଦ୍ୱାରା ଅର୍ଥ ମନ୍ତ୍ରୀ ହିଁ ବଜେଟରେ ଉପସ୍ଥାପିତ କରି ଆସୁଛନ୍ତି। ଲୌହ ଧାରଣାର ଲାଇନ ପୂର୍ବପରି ରହିଛି। ତାର ରକ୍ଷଣା ବେକ୍ଷଣା ମଧ୍ୟରେ କରାଯାଉଛି। ଏ ମଧ୍ୟରେ କୋଇଲା ଇଞ୍ଜିନ ପରିବର୍ତ୍ତନ ହେଲା, ଡିଜେଲ ଇଞ୍ଜିନ ପରିବର୍ତ୍ତନ ହେଲା। ବିଦ୍ୟୁତ ଇଞ୍ଜିନ ଦ୍ୱାରା ଟ୍ରେନ ଚାଲିବା ଲାଗୁହେଲା। ଗାଡ଼ି ଗୁଡ଼ିକର ବେଗ ବେଗବାନ କରି ଦିଆଯାଉଛି। ଆଧୁନିକ ଟେକନିକର ସହାୟତାରେ ଷ୍ଟେସନ ଗୁଡ଼ିକର ପ୍ରକ୍ରିୟା କରାଯାଇଛି। ଲାଇନରେ ବିଦ୍ୟୁତ ଆଲୋକର ସିଗନାଲ ଜାହିର କରାଯାଇଛି। ଯାହା ପୂର୍ବେ ମେକାନିକାଲ ସିଗନାଲକୁ ବଦଳାଇ ଦିଆଯାଇଛି। ବିଦ୍ୟୁତ ଟ୍ରେନ ଗୁଡ଼ିକରେ ଅଧିକ ବଗି ବା ଡବା ଖଞ୍ଜା ଯାଉଛି। ଯାହା ଲାଇନ ଉପରେ ପୂର୍ବେ ବିଛାଯିବା କାଠର ସ୍ଲାବ କଢ଼ାଯାଇ ଲୁହାର ବା ସିମେଣ୍ଟର ସ୍ଲାବର ବ୍ୟବହାର ଲାଗୁ କରାଯାଇଛି। ଲାଇନ ଗୁଡ଼ିକ ସମାନ୍ତର ଭାବରେ ଟାଣିତ ମଧ୍ୟରେ ଲାଇନ ଗୁଡ଼ିକର ରେଲଗାଡ଼ିକୁ ଲୁପ ଲାଇନକୁ ବା ଅନ୍ୟ ଲାଇନକୁ ନେବା ପାଇଁ କ୍ରସିମାନ ବିଭିନ୍ନ ଷ୍ଟେସନ ଓ ଜଙ୍କସନରେ କରାଯାଇଛି। ବହୁ ପୂର୍ବରୁ ସିଙ୍ଗଲ ଲାଇନରେ ଟ୍ରେନ ଚାଲୁଥିଲା ଏଣୁ ବଡ଼ ବନ ଜଙ୍କସନରେ ଇଞ୍ଜିନ ଗୁଡ଼ିକୁ ଘୁରାଇ ଦିଗ ପରିବର୍ତ୍ତନ ପାଇଁ ଏକ ବୃତ୍ତକାର ବୃହଦ ଗୋଲେଇର ସାହଯ୍ୟରେ ଇଞ୍ଜିନର ଦିଗ ବଦଳା ଯାଉଥିଲା। ତାପରେ ଦୋମୁହାଁ ଇଞ୍ଜିନ ମାନ ବାହାରିଲା। ଏକ ଇଞ୍ଜିନରେ ଦୁଇପଟ ସଂଶ୍ଳିଷ୍ଟ ରହି ଗାଡ଼ିର ଗନ୍ତବ୍ୟ ପଥକୁ ଯିବା ସରଳୀ କରଣ କରାଗଲା। ଡବଲ ଲାଇନରେ ସୁବିଧା ଏକ ଲାଇନ ଡାଉନ ଏକ ଲାଇନ ଆଗ ଲାଇନ କରାଯାଇ ଯାନର ଗମନା ଗମନର ସୁବିଧା ଧରାଗଲା। ସିଙ୍ଗଲ ଲାଇନରେ ଗାଡ଼ି ଯିବେ ଗାଡ଼ି ଆସିବା ଯୋଗୁ ଏଥିରେ ବିଭିନ୍ନ ଷ୍ଟେସନରେ ଗାଡ଼ିକୁ ଅପେକ୍ଷା କରିବାକୁ ପଡୁଥିଲା, ତାହା କମିଗଲା।

ରେଲ ବିଭାଗ ବହୁ ବିଦେଶୀ କଣ୍ଟ୍ରାକ୍ଟରଙ୍କୁ ସିଗନାଲ ସିଷ୍ଟମ ପାଇଁ ଗାଡ଼ିର ଉପଯୁକ୍ତ ଗମନାଗମନ ନିୟନ୍ତ୍ରଣ ପାଇଁ ଟେଣ୍ଡର ଦେଇ କାମ କରାଯାଉଛି ଏ ପର୍ଯ୍ୟନ୍ତ ସ୍ୱଦେଶୀ ଜ୍ଞାନ କୌଶଳରେ ଏପରି କରାଯାଇନାହିଁ। କମ୍ପ୍ୟୁଟର ଯୁଗରେ ସର୍ବତ୍ର କିଛି ଦୁଃଷ୍ଟ ବ୍ୟକ୍ତି ବ୍ୟାଙ୍କରୁ ଅର୍ଥ ଲୁଟ ଧନ୍ଦା ଚଲାଉଛନ୍ତି। ସରକାରୀ ନଥିଚୋରୀର କାର୍ଯ୍ୟ କରୁଛନ୍ତି ଏ ପରି ରେଲ ବିଭାଗର ତଥ୍ୟ ଚୋରୀ କରିବା ଦେଖାଯାଉଛି। ପୂର୍ବେ ତତ୍କାଳ ରିଜର୍ଭ ଟିକେଟର ରେଲ ବିଭାଗର ଧାର୍ଯ୍ୟ ନିୟମର କମ୍ପ୍ୟୁଟର ଟିକେଟକୁ ଟ୍ୟାମ୍ପରିଂ କରି ଅତି କମ ସମୟରେ ମାତ୍ର ଜଣେ ବହୁଜଣଙ୍କର ଟିକେଟ କନଫର୍ମ କରି ମନମାନି ଆୟ କରୁଥିଲେ। ଏବେ ଏହା ତଦନ୍ତ ଦ୍ୱାରା ଅନେକ ଅଂଶରେ ବନ୍ଦ କରାଯାଇଛି। ଭାରତର ରେଲ ବ୍ୟବସ୍ଥାରେ ଅନେକ ସ୍ତରରେ କମ୍ପ୍ୟୁଟର ନିୟନ୍ତ୍ରଣ ରହିଛି। ଏଥିରେ ଠକି ରୋଜଗାର କରିବା ପାଇଁ ବହୁତ ଠକ ଏବେ ବି ଚେଷ୍ଟାରତ।

ଯେଉଁ ଯେଉଁ ସ୍ତରରେ ରେଲ ବିଭାଗରେ କମ୍ପ୍ୟୁଟରୀ କରଣ କରାଯାଇଛି ତାର ଧାରାରେ ଠକମାନେ ଭିନ୍ନ ଭିନ୍ନ କୌଶଳରେ ପ୍ରବେଶ କରିବା ଅସମ୍ଭବ ନୁହେଁ। ଯେଉଁ ସଫ୍ଟୱ୍ୱାରରେ ପ୍ରୋଗ୍ରାମ ଚାଲୁଛି, ତାକୁ ପାଇରେଟ କରିବା ଜଣା ପଡ଼ିଲାଣି ମୋବାଇଲ ଫୋନରୁ ତଥ୍ୟ ଚୋରୀ ନିତ୍ୟ ଘଟିଲାଣି। ରେଲବାଇ ଅଧିକାରୀଙ୍କ ମୋବାଇଲରେ ବି ଏପରି ତଥ୍ୟ ଚୋରୀ ହୋଇପାରେ। ବାହାନଗା ଷ୍ଟେସନ ମ୍ୟାନେଜମେଣ୍ଟରେ ବ୍ୟବହୃତ ସଫ୍ଟୱ୍ୱାରର ଏମିତି ହୋଇପାରିଥାଏ। ତଦନ୍ତ ଅଫିସରମାନେ ଆଶା ଖୋଜ କରି ଧରି ପାରିବେ। ମନୁଷ୍ୟକୃତ ଅଘଟଣ ଯାହା ବୁଝା ପଡୁଛି ପିଶାଚୀ କାଣ୍ଡ ଏହାକୁ ଦୃଢ଼ ହସ୍ତରେ ସରକାର ଓ ବୁଦ୍ଧିମାନ କମ୍ପ୍ୟୁଟର ପର୍ସନେଲ ଜଡ଼ରୁ ଧରିଲେ ଆଗକୁ ଏପରି ଘଟଣାର ଇତି ହୋଇପାରେ। ଦିଗପାଳଙ୍କ ଭ୍ରାନ୍ତିରେ କର୍ମ ଦାୟିତ୍ୱ ଢ଼ିଲାରେ ଦିନେ ମହିଷାସୁରର ଉତ୍ଥାନ ହୋଇଥିଲା। ରେଲବାଇରେ ଏମିତି ବିଭିନ୍ନ ଅନୁ ବିଭାଗରେ ଦିଗପାଳ ଅଛନ୍ତି ସେଇ ମାନଙ୍କର ହେବାରୁ ଏପରି ଦୁର୍ଘଟଣା ହୋଇଯାଇଛି। ସ୍ଥୂଳକୁ ସୂକ୍ଷ୍ମକରି



ସମଗ୍ର ସ୍ଥୂଳକୁ ପରିଚାଳନା କରିବା ଧାରାରେ ରେଲବାଇର ପ୍ରତିଷ୍ଟେସନର ଲମ୍ବା ଚୌଡ଼ା ଉପରେ ନଜର ଷ୍ଟେସନ ଅଧିକାରୀଙ୍କର ରହିବା ପାଇଁ ତାଙ୍କ କାର୍ଯ୍ୟାଳୟରେ ଆଧୁନିକ କମ୍ପ୍ୟୁଟରର ପର୍ଦ୍ଦା ଜାଗ୍ରତ ରହିଛି। ଷ୍ଟେସନର ଲମ୍ବା ଗାଡ଼ି ମାନଙ୍କର ପ୍ରବେଶ ବିନ୍ଦୁରୁ ପ୍ରସ୍ଥାନ ବିନ୍ଦୁକୁ ମାପ କରି ସ୍କେଲରେ ଏକ ଇଞ୍ଚ ବା ଏକ ସେଣ୍ଟିମିଟରରେ ଲମ୍ବାକୁ କମ୍ପ୍ୟୁଟର ପର୍ଦ୍ଦାରେ ନିଷ୍ପେ ଧାର୍ଯ୍ୟ ରଖା ଯାଇଛି। ଏଥିରେ ଆଗପଟର ଓ ଡାଉନପଟର ଟ୍ରେନ ଷ୍ଟେସନରେ ପ୍ରବେଶରୁ ପ୍ରସ୍ଥାନ ଯାଏ ସମୟ ମଧ୍ୟରେ ଅଧିକାରୀ ଟ୍ରେନଟିର ନିରାପତ୍ତା ପାଇଁ ସବୁ ପ୍ରକାର ଚେଷ୍ଟା ଏଇ କମ୍ପ୍ୟୁଟର ମାର୍ଫତ ବୁଝୁଥାନ୍ତି। ଅଧିକାରୀ ଜଣଙ୍କୁ ଅନ୍ୟମନସ୍କ କରାଗଲେ ବା ପାଖରେ ଜଞ୍ଜାଳ ଗହଳି ରହିଲେ ବ୍ୟକ୍ତି ଜଣକ ଅନ୍ୟମନସ୍କ ରହିପାରନ୍ତି ବା ନିଜେ ଖାମ ଖିଆଲି ଭାବରେ ଅପରେଟିଂ ସିଷ୍ଟମକୁ ଅଣଦେଖା କଲେ ବଡ଼ ଧରଣର ଅଘଟଣ ଆସିପାରେ। ନାଲି, ନୀଳ, ହଳଦିଆ ଆଲୋକ ବିନ୍ଦୁର ଚିହ୍ନଟ ଓ ସିଗନାଲ ପାଇଁ ଉପଯୁକ୍ତ ନିର୍ଦ୍ଦେଶ ସଠିକ ଭାବରେ ପ୍ରୟୋଗ କରାନଗଲେ ଏଇ ଦୁର୍ଘଟଣା ପରି ଘଟଣା ଘଟେ। ଯେତେ ପ୍ରିୟ ହେଲେ ବି କଣ୍ଟ୍ରୋଲରୁମ ଓ ଷ୍ଟେସନ ମାଷ୍ଟରଙ୍କର ଅପରେଟିଂ ଟେବୁଲ ଥିବା ରୁମକୁ ବୃଥା ଆଳପ ସାଙ୍ଗ ସାଥି ଆସି କରିବା କେବେ ଠିକ ନୁହଁ। ଏପରି ହେବା ଦ୍ୱାରା ଅନେକଙ୍କର କ୍ଷତି ପ୍ରାଣହାନି ଯାନର କ୍ଷତି ହୋଇପାରେ। ଅର୍ନ୍ତଘାତୀ କାର୍ଯ୍ୟ ସର୍ବଦା ଏବେ ସବୁଠି ଦେଖା ଗଲାଣି। ଷ୍ଟେସନ ଗୁଡ଼ିକରେ କର୍ତ୍ତବ୍ୟରତ ବ୍ୟକ୍ତିମାନେ ବାହ୍ୟଲୋକ ପ୍ରଲୋଭନରେ ଆସିଲେ ସବୁଜ-ନାଲ, ନାଲ-ସବୁଜ ସିଗନାଲ ଗଣ୍ଡଗୋଳ କରାଯାଇପାରେ। ଯାହା ଏହି ଦୁର୍ଘଟଣା ପଛରେ ରହିବା ଆଶଙ୍କା ରହୁଛି। ଏକ ସ୍ଥାନରେ ଅନେକ ଭାର ଏକ ସଙ୍ଗରେ ଦେଲେ ଚଳନ୍ତି ଟ୍ରେନର କମ୍ପାନୀରେ ଲାଇନ ପଟ୍ରୀ ଗୁଡ଼ିକର ଚାପ ଓ କମ୍ପନ ସୃଷ୍ଟି ବଗି ଗୁଡ଼ିକୁ ଦୋହଲାଇଥାଏ। ଏଥିରେ ବଗି ଲାଇନଚ୍ୟୁତ ହୁଏ। ସବୁବେଳେ ମାଟିର ଆର୍ଦ୍ରତା ବା ଶୁଷ୍କତା ସମାନ ନଥାଏ। ପୁଣି ନାଦ ଗୁଡ଼ିକ ନିୟନ୍ତ୍ରଣ ବା ପ୍ରତିଧ୍ୱନୀ ପ୍ରଭୃତି ପାଖରେ ଥିବା ବଡ଼ଗଛ କୋଠାଘର ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଯଦି ଏପରି ହଠାତ ବୃକ୍ଷ ଅନେକ କାଟି ଦିଆଯିବ। ଘର ଗୁଡ଼ିକୁ ଭାଙ୍ଗି ଦିଆଯିବ ବା ନୂତନ ଗୃହ ସଠିକ କମ୍ପନ ସହ୍ୟ କରିବା ପଦ୍ଧତିରେ ନଥିବ ତେବେ ବି ଯାନର ଲାଇନରେ କମ୍ପନ ବିଘ୍ନ କରିପାରେ। ଏସବୁ ବିଚାରକୁ ନେଇ ତଦନ୍ତ ଆବଶ୍ୟକ। ଦାୟିତ୍ୱ ନିର୍ବାହ ପାଇଁ ରେଲବାଇ କର୍ମଚାରୀଙ୍କୁ ଅଧିକ ଦରମା ଦେଇଥାନ୍ତି ଯଦି ରାତାରାତି ଧନୀ ହେବା ମୋହ କର୍ମଚାରୀଙ୍କୁ ଲାଗିବ ତେବେ ଅଘଟଣା ଏପରି ଘଟିପାରେ। ଏହା ବି ବିଚାରକୁ ନିଆଯିବା କଥା।

♥ ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ମୋ: ୯୪୩୭୦୩୧୨୫୩

# ଦୟାମୟୀ ରଥ ଦୟା ଓ କରୁଣାର ଅବତାର ଥିଲେ



ସ୍ୱର୍ଗତଃ ଦୟାମୟୀ ରଥ ଜଣେ ଧର୍ମପରାୟଣା ମହିଳା, ଆଦର୍ଶ ନାରୀନେତ୍ରୀ ତଥା ଆଗଧାଡ଼ିର ସମାଜ ସେବୀ ଥିଲେ। ଓଡ଼ିଶାରେ ନାରୀ ଶିକ୍ଷା ଏବଂ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କର ଉତଥାନ ପଛରେ ଶ୍ରୀମତୀ ରଥଙ୍କର ବ୍ୟାପକ ଅବଦାନ ଥିଲା। ତାଙ୍କର ଅଦମ୍ୟ ଇଚ୍ଛା ଶକ୍ତି ଓ ଅନନ୍ୟ କର୍ତ୍ତବ୍ୟବୋଧ ନିକଟରେ ସାମାଜିକ କଟକଣା ହାର ମାନିଥିଲା। ସ୍ୱର୍ଗତଃ ଦୟାମୟୀଙ୍କର ଦୃଢ଼ ମନୋବଳ, ଉତ୍ସର୍ଗୀକୃତ ସଂକଳ୍ପ ଓ ନିରବିଚ୍ଛିନ୍ନ ପ୍ରୟାସ, ଅନେକ ଅସହାୟ ମହିଳା ମାନଙ୍କ ପାଇଁ ଆଶାର କିରଣ ଆଣିଦେଇଥିଲା। ଶ୍ରୀମତୀ ରଥଙ୍କର ସେବା ଓ ତ୍ୟାଗର ପଟ୍ଟାନ୍ତର ନଥିଲା। ସେ ଥିଲେ ସ୍ୱାଭିମାନ ଓ ସ୍ୱେଚ୍ଛାସେବାର ଜଣେ ମୂର୍ତ୍ତିମନ୍ତ ପ୍ରତୀକ। ଅଜସ୍ର ପ୍ରେରଣାର ଉତ୍ସ ଏବଂ ସର୍ବଗୁଣ ସଂପର୍ଣ୍ଣା ଦୟାମୟୀ ରଥଙ୍କର ଦେହାନ୍ତ ୭୩ ବର୍ଷ ବୟସରେ ୨୦୧୯ ମସିହା ଜୁନ ମାସ ୨୬ ତାରିଖ ଆଷାଢ଼ କୃଷ୍ଣ ପକ୍ଷ ନବମୀ ତିଥିରେ ଘଟିଥିଲା।

ତୁଳସୀ ଦୁଇ ପତ୍ରରୁ ବସିଲା ପରି ବାଲ୍ୟ କାଳରୁ ଦୟାମୟୀଙ୍କର ପରୋପକାର ମନୋବୃତ୍ତି ଲୋକଲୋଚନକୁ ଆସିଥିଲା। ପ୍ରକୃତରେ ସେ ଦୟା ଓ କରୁଣାର ଅବତାର ଥିଲେ। ସ୍ୱର୍ଗତଃ ଦୟାମୟୀ ରଥ କଟକ ସହରର ସ୍ୱର୍ଗତଃ ଇଞ୍ଜିନିୟର ଗଣେଶ୍ୱର ନନ୍ଦ ଓ ଶ୍ରୀମତୀ ସାରଳା ଦେବୀଙ୍କର ପଞ୍ଚମ ସନ୍ତାନ ଭାବେ ୧୯୪୬ ମସିହା ନଭେମ୍ବର ମାସ ୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ୧୯୬୫ ମସିହା ନଭେମ୍ବର ମାସ ୧୮ ତାରିଖରେ କଟକ ଜିଲ୍ଲା ଆଠଗଡ଼ ସବଡିଭିଜନସ୍ଥିତ କଟକିଆ ସାହି ଗ୍ରାମ ପଞ୍ଚାୟତର ପାଟେଣୀ ଗାଁ ନିବାସୀ ସ୍ୱର୍ଗତଃ ଭଗବାନ ରଥଙ୍କର କନିଷ୍ଠ ପୁତ୍ର ତଥା ଉକ୍ତ ଗ୍ରାମର ପ୍ରଥମ ଇଞ୍ଜିନିୟର ଓ 'ବାସକଳା' ପୁସ୍ତକର ରଚୟିତା ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ରଥଙ୍କୁ ସେ ବିବାହ କରିଥିଲେ। ସ୍ୱାମୀଙ୍କର ଅବିରତ ପ୍ରେରଣାକ୍ରମେ ଦୟାମୟୀ ପାଠ ପଢିବା ଓ ଗୀତ ଶିଖିବା ସାଙ୍ଗକୁ କଳାରେ ସ୍ନାତକ ଏବଂ ଭୁବନେଶ୍ୱରସ୍ଥିତ ସଙ୍ଗୀତ ମହାବିଦ୍ୟାଳୟରୁ ସଙ୍ଗୀତରେ ସଫଳତାର ସହିତ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ବିଭିନ୍ନ ସ୍ଥାନରେ ଚାକିରି କରି ନିଜର ପେଶାକୁ ଜାରି ରଖିବା ସାଙ୍ଗକୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ବହୁ ଅନୁଷ୍ଠାନ ଯଥା ପୂର୍ଣ୍ଣାଙ୍ଗ ସିଲେଇ ଶିକ୍ଷା କେନ୍ଦ୍ର, ସାରଳା ମହିଳା ସମିତି, ସାରଳା ଶିଳ୍ପ ସମବାୟ ସମିତି ଇତ୍ୟାଦି ଜରିଆରେ ସେ ବହୁ କନ୍ୟା ଓ ମହିଳାଙ୍କୁ ଗୀତ, ନୃତ୍ୟ ଓ ସିଲେଇ ଆଦି ବୈଷୟିକ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭର କରାଇବାକୁ ସକ୍ଷମ ହୋଇଥିଲେ। ଏହି ସମୟରେ ଜଣେ କବି ଭାବରେ ନିଜର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତାର ପ୍ରଦର୍ଶନ କରି ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ। ବିଭିନ୍ନ କବିତା ଆସରରେ ତାଙ୍କର କବିତା ଆବୃତ୍ତି, ଶ୍ରୋତା ମାନଙ୍କ ଦ୍ୱାରା ଖୁବ ଆଦୃତ ହେଉଥିଲା। ଶ୍ରୀମତୀ ରଥଙ୍କର ବହୁବିଧ ଉଜ୍ଜ୍ୱଳ ଓ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ମଧ୍ୟରେ ରାଜନୀତି ବି ସାମିଲ ଥିଲା। ରାଜନୀତିକୁ ସେ ଦେଶ ଓ ସମାଜସେବା ପାଇଁ ଆୟୁଧ କରିଥିଲେ। ସେ ସକ୍ରୀୟ ରାଜନୀତିରେ ଯୋଗଦେଇ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସର ସଭାନେତ୍ରୀ ଓ ଓଡ଼ିଶା ରାଜ୍ୟ ମହିଳା କଂଗ୍ରେସର ସମ୍ପାଦିକା ରୂପେ ଦଶ ବର୍ଷ ଧରି କାର୍ଯ୍ୟରତ ଥିଲେ। ଜଣେ ଅଗ୍ରଣୀ ସମାଜ ସେବୀ ଭାବରେ ସେ ଭାରତୀୟ କୃଷକ ସମାଜର କାଉନସିଲ ସଦସ୍ୟ, ଭାରତ ସ୍କାଉଟସ ଓ ଗାଇଡ ତଥା ରେଡକ୍ରସର ଆଜୀବନ ସଭ୍ୟ ହେବାର ଗୌରବ ଅର୍ଜନ କରିଥିଲେ। ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ସେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ତରଫରୁ ବହୁବାର ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଛନ୍ତି। ବିଶେଷ କରି ସମାଜର ଦୀନ,ହୀନ ଓ ଦୁଃଖୀ,ରଙ୍କି ମହିଳା ମାନଙ୍କର କଲ୍ୟାଣ ନିମନ୍ତେ ତାଙ୍କର ନିରନ୍ତର ଓ ନିଷ୍ଠାପର ଉଦ୍ୟମ ଅତୁଳନୀୟ ଥିଲା। ଉଭୟ ବାପ ଘରେ ଓ ଶାଶୁ ଘରେ ନିଜ ଜୀବଦଶା ମଧ୍ୟରେ ସେ ଯେଉଁ ଜନହୀତକର କାର୍ଯ୍ୟ କରିଯାଇଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବ।

୧୯୯୯ ମସିହାର ମହାବାତ୍ୟା ବିପତ୍ତି ସମୟରେ ଶ୍ରୀମତୀ ରଥ କଟକ, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ଗାଁ ଗାଁ ବୁଲି ଚାଉଳ, ଚୁଡ଼ା, ପାଉଁରୁଟି, ପାଣି ଓ ଲୁଗା ଇତ୍ୟାଦି ବାତ୍ୟା ବିପନ୍ନଙ୍କୁ ବଣ୍ଟନ କରିବା ବିଷୟକୁ ସେ ଅଞ୍ଚଳର ବାସୀନ୍ଦାମାନେ ଏବେବି ମନେ ରଖିଛନ୍ତି। ସ୍ୱର୍ଗତଃ ଦୟାମୟୀ ରଥଙ୍କର ଦୁଇ ପୁତ୍ର ଡଃ ପ୍ରଭାତ କୁମାର ରଥ ଓ ଇଂ ପ୍ରଦୀପ କୁମାର ରଥ ଏବଂ କନ୍ୟା ଡାକ୍ତର ପଦ୍ମାଳୟା ରଥ ତାଙ୍କର ଉପଯୁକ୍ତ ଦାୟାଦ ଭାବେ ଉଚ୍ଚ ପଦପଦବୀରେ ଆସୀନ ହୋଇ ଏବେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି। ଦୟାମୟୀଙ୍କର ସ୍ଥୂଳ ଶରୀର ଗତ ଚାରି ବର୍ଷ ଧରି ସୂକ୍ଷ୍ମ ଓ ଶାନ୍ତ ହୋଇଯାଇଥିଲେ ସୁଦ୍ଧା ତାଙ୍କର ବହୁ ଅବିସ୍ମରଣୀୟ ସ୍ମୃତି ଏବେବି ପରିଜନମାନଙ୍କ ହୃଦୟରେ ଉଜ୍ଜୀବିତ ହୋଇ ରହିଛି। ନାରୀନେତ୍ରୀ ଓ ସମାଜସେବୀ ଦୟାମୟୀ ରଥଙ୍କର ଅମର ଆତ୍ମା ସଦଗତି ଲାଭକରୁ, ଏହାହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଓଁ ଶାନ୍ତି ! ଓଁ ଶାନ୍ତି !! ଓଁ ଶାନ୍ତି !!!

ଆଲେଖ୍ୟ: କିଶୋର ଦ୍ୱିବେଦୀ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୧ ଜୁନ୍ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com





# ଇତିହାସର ଝର୍କାରେ ଖବର: ଏକ ବିଶ୍ଳେଷଣ

କାଳିକିଙ୍କର

ଖବର କେବେ କେଉଁ ରୂପରେ ଆସିଲା ତାର ଇତିହାସ ଏବେ ମଧ୍ୟ ଅସ୍ପଷ୍ଟ । କୁହାଯାଏ ନାବିକମାନେ ସମୁଦ୍ରରେ ବିଭିନ୍ନ ଦିଗରୁ ଯେଉଁ ତଥ୍ୟ ଆହରଣ କରୁଥିଲେ ତାକୁ ନିଉଜ ବା ଖବର ବୋଲି କୁହାଗଲା ।ଉତ୍ତର- ଦକ୍ଷିଣ, ପୂର୍ବ-ପଶ୍ଚିମ ବା ନର୍ଥ- ସାଉଥ, ଇଷ୍ଟ-ଓଏଷ୍ଟ । ତେବେ ପ୍ରାୟ ହଜାରେ ବର୍ଷ ପୂର୍ବେ ଗ୍ରୀସ ଦେଶରେ ବିଭିନ୍ନ ବିଷୟରେ ନାଟକ ଉପସ୍ଥାପିତ ହେଉଥିଲା ତାହା ଖବର ଥିଲା । ଇଉରିପିଡ଼ିସ, ସଫୋକ୍ଲିସ, ଏସଚାଇଲସ ଆଦି ବିଶିଷ୍ଟ ଚିନ୍ତାନାୟକମାନେ ସେ ସମୟରେ ସମାଜରେ ଘଟୁଥିବା ଘଟଣା ବା ଖବରକୁ ଲୋକଙ୍କ ଆଗରେ ନାଟ୍ୟରୂପରେ ପ୍ରଦର୍ଶିତ କରୁଥିଲେ । ତାହାକୁ ପ୍ରଥମ ଖବର ବୋଲି କୁହାଯାଏ । ଏସିଆ ମହାଦ୍ୱୀପର ଚୀନରେ ପ୍ରଥମେ ମୁଦ୍ରିତ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ବୋଲି କୁହାଯାଏ । ତେବେ ପୃଥିବୀରେ ପ୍ରଥମେ ଇଂଲଣ୍ଡରେ ମୁଦ୍ରିତ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ବୋଲି ଅନେକେ ମତବ୍ୟକ୍ତ କରନ୍ତି ।

ଭାରତରେ ପ୍ରଥମେ ଜାନୁୟାରୀ ୨୯ ତାରିଖ ୧୭୮୦ ମସିହାରେ ଖବରକାଗଜ ପ୍ରକାଶିତ ହୋଇଥିଲା ବେଙ୍ଗଲ ଗେଜେଟ ବା କୋଲକାତା ଆଡ଼ଭାରଟାଇଜର ନାମରେ । ଜନ ଅଗଷ୍ଟସ ହିକି ଏହାକୁ ପ୍ରଥମେ ସମ୍ପାଦନା କରୁଥିଲେ । ଓଡିଶାରୁ ପ୍ରକାଶିତ ଖବରକାଗଜ ବିଷୟରେ ଯଦି ଆଲୋଚନା କରିବା ତେବେ ଆମେ ଓଡ଼ିଶାର ମାଦଳାପାଞ୍ଜିକୁ ଖବରକାଗଜର ଆଦି ରୂପ ବୋଲି ଖିପାରିବା ।୧୮୪୮-୪୯ ମସିହାରେ କଟକର ମିଶନ ପ୍ରେସରୁ ପ୍ରଥମେ ଏକ ସାପ୍ତାହିକ ଖବର କାଗଜ ବାହାରିଲା । ତକ୍ଷୁ ଏ ହିଲ ଜ୍ଞାନାରୁଣ ଓ ପ୍ରବୋଧ ଚନ୍ଦ୍ରିକା ନାମକ ଦୁଇଟି ପତ୍ରିକା ପ୍ରକାଶ କଲେ । ୧୮୬୬ରେ ଗୌରୀ ଶଙ୍କର ରାୟ ଉତ୍କଳ ଦୀପିକା ପ୍ରକାଶ କଲେ । ତେବେ ଦୈନିକ ଆଶାକୁ ଓଡ଼ିଆର ସର୍ବ ପ୍ରାଚୀନ ଖବରକାଗଜ ବୋଲି କୁହାଯାଏ । ତାପରେ ଧୀରେ ଧୀରେ ରେଡ଼ିଓ, ଟେଲିଭିଜନ, କ୍ୱେଲ ଟିଭି, ସିନେମା, ୟୁ ଟ୍ୟୁବ ଚେନାଲ, ହ୍ୱାଟ୍ସଆପ ଆଦି ମାଧ୍ୟମରେ ସମ୍ବାଦ ଆସି ପହଂଚିଲା ।

ଏବେ ଆମେ ଖବର କାହାକୁ କୁହାଯାଏ ବା ଖବରର ସଂଜ୍ଞା ବିଷୟରେ କିଛି ଆଲୋଚନା କରିବା । ସମ୍ବାଦର ପ୍ରକାରଭେଦ ଓ ମୌଳିକ ଗୁଣ ବିଷୟରେ କିଛି ଆଲୋଚନା କରିବା । ବିଶ୍ୱର ପ୍ରଥମ ସମ୍ବାଦ ସ୍କୁଲ ସ୍ଥାପନ କରିଥିବା walter william କହନ୍ତି ଯେ ପାଠକ ରୁଚି ଓ ଆଗ୍ରହକୁ ନେଇ ଯେଉଁ କଥା ପ୍ରକାଶ ହୁଏ ତାହାହିଁ ଖବର । ସେହି ପ୍ରସଙ୍ଗରେ ନ୍ୟୁୟର୍କରୁ ପ୍ରକାଶ ପାଉଥିବା ପ୍ରସିଦ୍ଧ ସନ ପତ୍ରିକାର ସମ୍ପାଦକ ଜନ ବି ବୋଗାର୍ଟ ଏକ ମଜାଦାର କଥା କହନ୍ତି । ସେ କହନ୍ତି ଯେ କୁକୁର ମଣିଷକୁ କାମୁଡ଼ିଲେ ଖବର ହୁଏନାହିଁ କିନ୍ତୁ ଯଦି ମଣିଷ କୁକୁରକୁ କାମୁଡ଼ିଲା ତେବେ ତାହା ଖବର ହୁଏ । ତେବେ ଜୁସେଫ ପୁଲିଟଜର କହନ୍ତି- ଖବରର ସଂଜ୍ଞା ହେଲା original, distinctive, democratic, romantic, thrilling, unique, curious, quint, humorous, odd, apt to be talked about । ଏହି ସବୁ ସୂତ୍ରକୁ ଯଦି ବିଶ୍ଳେଷଣ କରିବା ତେବେ ଖବର ସମ୍ପର୍କରେ ବହୁତ ମୌଳିକ କଥା ବୁଝିହେବ ।

ଖବରକୁ ବିଶେଷ ଭାବରେ ଦୁଇ ଭାଗରେ ବିଭକ୍ତ କରାଯାଇ ପାରିବ । ତାହାହେଲା ହାର୍ଡ ନ୍ୟୁଜ ବା କଠିନ ଖବର ଓ ସଫ୍ଟ ନ୍ୟୁଜ ବା ନରମ ନ୍ୟୁଜ । ହାର୍ଡ ନ୍ୟୁଜ ଅନେକ ସମୟରେ ଇତିହାସ ଦେହରେ ଲୁଚି ରହିଯାଏ । ଅବଶ୍ୟ ସଫ୍ଟ ନ୍ୟୁଜର ଅନ୍ୟାନ୍ୟ ପ୍ରକାର ଭେଦ କରାଯାଇ ପାରିବ । ସେଗୁଡିକ ହେଲା ସମୟ ସଂଗତ ବା timeliness, ନିକଟତମ ବା **proximity**, ବିବାଦ ବା **conflict**, ଖ୍ୟାତି ବା **prominence**, ସରକାରୀ ବା **public**, ସମାଧାନ ଓ ସମସ୍ୟା ବା **development** ବା **problems**, ମାନବିକ ସମ୍ବେଦନା ବା **human interest**, ଖେଳ ପାଣିପାଗ ବା **sports- weather**, ଗତିଧାରା ବା **follow- up** । ଆମେ ଏହି ନିବନ୍ଧରେ ଖବରର ମୌଳିକ ଗୁଣ ବିଷୟରେ କିଛି ଆଲୋଚନା କରିବା । ସେଗୁଡିକ ହେଲା - ଖବରର ଭ୍ରମଶୂନ୍ୟତା ବା **accuracy**, ସମତୁଲ୍ୟତା ବା **balanced news**, ନିଷ୍ପକ୍ଷତା ବା **objectivity**, ସ୍ୱଷ୍ଟତା ବା **clarity** ଏବଂ ପ୍ରଭାବ ବା **impact** ।

ଇତିହାସର ଛାଇରେ ଯେତେବେଳେ ଆମେ ଖବରକୁ ବିଶ୍ଳେଷଣ କରୁ ସେତେବେଳେ ଯଦିଓବା ଆମେ କେତେକାଂଶରେ ନିରାଶ ହେଉ କିନ୍ତୁ ଆଶା ଓ ଭରସା ମଧ୍ୟ ଆମକୁ ଆସ୍ଥାବାନ କରେ ।ଖବରକାଗଜ ବା ଖବର ପରିବେଷଣରେ ଯୋଡି ହୋଇଥିବା ବ୍ୟକ୍ତିମାନେ ଯଦି ଏ ବିଷୟରେ ସଚେତନ ହେବେ ତେବେ ଆମର ଏ ଦେଶର ଗଣତନ୍ତ୍ର ଅତ୍ୟନ୍ତ ସୁନ୍ଦର ଓ ଶକ୍ତିଶାଳୀ ହୋଇପାରନ୍ତା ।

♥ ସୌଭାଗିନୀ ନିବାସ,
ରଟିଲୋ, ରେଞ୍ଚ, ପୁରୀ-୭୫୨୧୧୪,
ମୋ-୮୨୫୯୨୧୬୦୬୭



# ପଟିଦିଅଁ

ଦିଲ୍ଲୀପ କୁମାର ସାହୁ

ସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତୀ ଧାଡି ପହଣ୍ଡିରେ ସ୍ନାନ ବେଦୀକୁ ଆସନ୍ତି ଓ ୧୦୮ ଗରା ସୁବାସିତ ଜଳରେ ପ୍ରତ୍ୟକ୍ଷ ସ୍ନାନ କରନ୍ତି। ସେଦିନ ଶେଷରେ ହାତୀ ବେଶ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦିଅନ୍ତି। ତାପରେ ଗୋଟି ପହଣ୍ଡି ରେ ଫେରି ଯାଆନ୍ତି ମନ୍ଦିର କୁ । ସେତେବେଳକୁ ଦେହରେ ସେମାନଙ୍କର ଖଇଫୁଟା ତାତି । ରତ୍ନବେଦୀ ରେ ଚଢିବା ପାଇଁ ଦେହରେ ବଳ ନଥାଏ। ଅଟକି ଯାଆନ୍ତି କଳାହାଟ ଦ୍ୱାର ଓ ନାଟ ମଣ୍ଡପ ମଝିରେ। ସେହି ଠାରେ ତାଟି ପକାଯାଇ ଆରମ୍ଭ ହୁଏ ଦିଅଁ ମାନଙ୍କର ଅଣସର ସେବା ,ଆଉ ସେଠାରେ ଘେରାଯାଇଥିବା ତାଟିରେ ତିନିବାଡ ପାଇଁ ତିନିଗୋଟି ପଟିଦିଅଁଙ୍କୁ ଝୁଲାଯାଇ ସେମାନଙ୍କର ପୂଜା କରାଯାଏ । ବଡ଼ଭାଇ ବଳଭଦ୍ରଙ୍କ ବାଡରେ ରୁହନ୍ତି ଅନନ୍ତ ବାସୁଦେବ। ଧବଳ ବରଣ ଚତୁର୍ଭୁଜ ବାସୁଦେବ ହାତରେ ଧରିଥାନ୍ତି ଶଂଖ ଚକ୍ର ହଳ ଓ ମୂଷଳ ଏବଂ ପିନ୍ଧିଥାନ୍ତି ନୀଳରଙ୍ଗର ବସ୍ତ୍ର। ସେହିଭଳି ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଥାଆନ୍ତି ଶ୍ରୀ ଅନନ୍ତ ନାରାୟଣ। ପୀତ ବସନ ପରିହିତ ଶ୍ରୀନାରାୟଣ ତାଙ୍କ ଚାରି ହାତ ରେ ଧାରଣ କରିଥାନ୍ତି ଶଂଖ ଚକ୍ର ଗଦା ଓ ପଦ୍ମ। ମାଆ ସୁଭଦ୍ରା ଙ୍କ ବାଡ଼ରେ ଶୋଭିତ ହଳଦୀ ମୁଖି ମାଆ ଭୁବନେଶ୍ୱରୀ ।

ପଟିଦିଅଁ ମାନଙ୍କୁ ଶୁଦ୍ଧ ପୁତ ଚିତ୍ତ ରେ ମହାପ୍ରଭୁ ଙ୍କ ଚିତ୍ରକର ସେବକ ମାନେ ଆଙ୍କି ଥାନ୍ତି। ଏଥିପାଇଁ ଫୁଲ ଫଳରେ ପ୍ରସ୍ତୁତ ପାରମ୍ପରିକ ରଙ୍ଗ ବ୍ୟବହାର ହୋଇଥାଏ। ପଟିଦିଅଁ ଅଙ୍କନ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ରୁ ଆରମ୍ଭ ହୋଇ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ। ଦିଅଁ ମାନଙ୍କୁ ଆଙ୍କିବା ସମୟରେ ଚିତ୍ରକର ସେବକ ମାନେ ନବ ବସ୍ତ୍ର ପରିଧାନ କରନ୍ତି ଓ ହବିଷାନ୍ନ ଭୋଜନ କରନ୍ତି । ସେତେବେଳେ ସେମାନେ ବାହାରେ ବା ଅନ୍ୟ କାହା ଘରେ ଭୋଜନ କରିବା ନିଷେଧ।

ପଟିଦିଅଁ ମାନେ ଅଙ୍କନ ସରିବାପରେ ଚିତ୍ରକର ସେବକ ପରିବାର ର ସଧବା ଝିଅ ବୋହୂ ସେମାନଙ୍କର ବନ୍ଦାପନା କରନ୍ତି । ଆଷାଢ଼ ଶୁକ୍ଳ ପ୍ରତିପଦ ଦିନ ଘଣ୍ଟ,ଘଣ୍ଟା,ବାଜା ଓ କାହାଳୀ ସହିତ ଛତ୍ର ଧାରଣ ପୂର୍ବକ ଶୋଭାଯାତ୍ରା ରେ ପଟିଦିଅଁ ତ୍ରୟଙ୍କୁ ଶ୍ରୀମନ୍ଦିର କୁ ଅଣାଯାଏ ଓ ଅଣସର ଘର ତାଟିରେ ଝୁଲାଯାଇ ପୂଜା କରାଯାଏ।

ତିନି ଗୋଟି ପଟିଦିଅଁ ଙ୍କ ସହ ତାଟି ସମ୍ମୁଖରେ ଏକ ଖଟ ଉପରେ ପୂଜା ପାଆନ୍ତି ରାମ , କୃଷ୍ଣ, ମଦନମୋହନ, ନୃସିଂହ ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ। ମୋଟରେ ଏହି ଦଶ ମୂର୍ତ୍ତୀ ପୂଜିତ ହେତୁ ତହାକୁ କୁହାଯାଏ ଦଶ ଅବତାର ପୂଜା ।

ଚତୁର୍ଦ୍ଧା ମୂର୍ତ୍ତୀଙ୍କର ଅଣସର ଘରେ ଗୁପ୍ତ ସେବା ହେଉଥିବା ବେଳେ ସେମାନଙ୍କର ସମସ୍ତ ଦୈନଦିନ ନୀତି କ୍ରାନ୍ତି କିନ୍ତୁ ଦଶ ଅବତାର ଙ୍କ ପାଖରେ ହୋଇଥାଏ। ପହୁଡ଼ ଭାଙ୍ଗିବାଠାରୁ ବଡ଼ସିଂହାର ସହିତ ସମସ୍ତ ଧୂପ ଓ ଅବକାଶ ଓ ଅନ୍ନ ପ୍ରସାଦ ଦିଅଁ ମାନଙ୍କୁ ଲାଗି ହୋଇଥାଏ। ବର୍ଷ ର ଏହି ଅଣସର ସମୟରେ ପଟିଦିଅଁଙ୍କ ସହ ମହାପ୍ରଭୁ ଙ୍କ ଚଳନ୍ତି ପ୍ରତିମା ମାନଙ୍କୁ ଏକାଠି ଦର୍ଶନ କରି ଭକ୍ତ ମାନେ ଧନ୍ୟ ହୋଇଥାନ୍ତି।

♥ ଶଙ୍କରପୁର, ଚାରବାଟିଆ, ଚୌଦ୍ୱାର, କଟକ
(ମୋ) ୭୦୭୭୨୦୬୯୭୭

ସ୍ମୃତି ଶତଦଳ ୨୯୧



# ସ୍ନାନ ପୂର୍ଣ୍ଣିମାରେ ଶେଷ ଦର୍ଶନ-୨

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସ୍ନାନ ପୂର୍ଣ୍ଣିମାରେ ଏତେ ବିଧିଥାଏ, ଏତେ ବିଧାନଥାଏ, ଏତେ ତତ୍ତ୍ୱ ଓ ତଥ୍ୟ ଥାଏ ଯେ, ତାହା ସାଧାରଣ ମଣିଷ ବୁଝିବା ବେଶ୍ କଠିନ ହୋଇଯାଏ । ପ୍ରଭୁଙ୍କର ଷୋଡଶ ଉପଚାରରେ ପ୍ରତ୍ୟକ୍ଷ ସ୍ନାନ ଏତେ ପୁଣ୍ୟଦାୟକ ଯେ, ବହୁ ଭକ୍ତ ବିଶେଷ ଭାବରେ ସେ ରିତିନୀତି ଓ ତତ୍ତ୍ୱ ଜାଣିନଥାନ୍ତି । ତେବେ ଠାକୁରଙ୍କର କୃପାରୁ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବର୍ଷ ବର୍ଷ ଧରି ବିଭିନ୍ନ ଚାନେଲରେ ରନିଂ କମେଣ୍ଟି ବା’ ଧାରା ବିବରଣୀ ଦେବା, ମୋ ପାଇଁ ଏକ ପୁଣ୍ୟତମ ମୁହୂର୍ତ୍ତ ପାଲଟିଯାଇଥିଲା । ଠାକୁର ହିଁ ମୋ କଣ୍ଠରେ ବିଜେ କରୁଥିଲେ ଅନର୍ଗଳ ଏ ତଥ୍ୟ ଉପସ୍ଥାପନ କରିବା ପାଇଁ ।

ସ୍ନାନଯାତ୍ରାର ତତ୍ତ୍ୱ ଓ ରହସ୍ୟରୁ ଜଣାଯାଏ, ଏହି ସ୍ନାନ ହୁବନବିଧି ଅଟେ, କାରଣ ଯଜ୍ଞର ପୂତ ଜଳରେ ଯଜ୍ଞପୁରୁଷ, ହିରଣ୍ୟଗର୍ଭ, ଯଜ୍ଞସମ୍ଭୂତ ଯଜ୍ଞ ମୂର୍ତ୍ତିକୁ ସ୍ନାନରୂପକ ହୁବନ କରାଯାଏ। ବ୍ରହ୍ମ ପୁରାରଣରେ ଏହାକୁ “ମହାଜ୍ୟେଷ୍ଠ ସ୍ନାନ” କୁହାଯାଏ। ଏହାଦ୍ୱାରା ମର୍ତ୍ତ୍ୟ ଉଜ୍ଜଳିତ ହୋଇଥାଏ। ଏହି ସ୍ନାନ ଦୀନହିତାର୍ଥେ, ସର୍ବ ପାପ ନାଶନ ଓ ରାଷ୍ଟ୍ରର କଲ୍ୟାଣ ନିମନ୍ତେ ବରଣୀୟ।

ଶ୍ରୀମହାପ୍ରଭୁ ଏହି ସ୍ନାନୋତ୍ସବରେ ସମସ୍ତଙ୍କୁ ସୂଚାଇ ଦେବାକୁ ଚାହାନ୍ତି ଯେ, ଜନ୍ମଦିବସରେ ସମସ୍ତେ ଶୁଦ୍ଧସ୍ନାନ କରିବା ଜରୁରୀ। ବାହ୍ୟସ୍ନାନ ଶରୀରକୁ ନିର୍ମଳ ଓ ଶୁଦ୍ଧ ରଖିବାବେଳେ ଅନ୍ତଃସ୍ନାନ ମଧ୍ୟ ହୃଦୟକୁ ପବିତ୍ର ନିର୍ମଳ କରେ। ୧୯୯୬ ନବକଳେବର ସମୟରେ କୌଣସି ମତେ ସମୟ କରି ସ୍ନାନପୂର୍ଣ୍ଣିମା ପୂର୍ବଦିନ ମୁଁ ଓ ମୋ ସ୍ୱାମୀ ଡ଼ଃ ରମାରମଣ ଷଡ଼ଙ୍ଗୀ ପୁରୀ ଅଭିମୁଖେ ବାହାରିଲୁ। ସବୁ ତାଙ୍କରି କରୁଣା, ପବନରେ ଉଡୁଥାଏ ଗାଡ଼ି, ଏବଂ ତା’ଠୁଁ ଆହୁରି ଦ୍ରୁତଗତିରେ ଦଉଡୁଥାଏ ମନ, ପ୍ରାଣ ଓ ହୃଦୟ। କେମିତି ଶ୍ରୀକ୍ଷେତ୍ରରେ ପହଂଚି ପ୍ରଭୁଙ୍କର ଦିବ୍ୟ ସ୍ନାନ ଉତ୍ସବକୁ ସ୍ନାନ ମଣ୍ଡପରେ ଦର୍ଶନ କରିବୁ। ରାତିରେ ପୁରୀରେ ପହଂଚି ବିଶ୍ରାମନେଇ ବାହାରି ଆସିଲୁ ବଡ଼ଦାଣ୍ଡ। ଲକ୍ଷଲକ୍ଷ ଲୋକଙ୍କର ସମାଗମ ହୋଇଥିଲା। ଆମେ କୌଣସି ମତେ ସ୍ନାନମଣ୍ଡପ ସାମ୍ନାରେ ଥିବା ମଠରେ ସ୍ଥାନ ପାଇ ଠିଆହେଲୁ। ଖୁବ୍ ଜୋର୍‌ରେ ହରିବୋଲ୍, ହୁଳହୁଳି ଶୁଭିଲା, ଖୋଳ, କରତାଳ, ଘଣ୍ଟ, ଘଣ୍ଟା, ଶଙ୍ଖଧ୍ୱନି ଓ ବିଜେ କାହାଳୀର ମନ୍ତ୍ର ମୁଗ୍ଧ ଶବ୍ଦରେ କମ୍ପିତ ହୋଇ ଉଠିଲା ବଡ଼ଦାଣ୍ଡ।

ସୁନାକୂଅର ପାଣି ବର୍ଷର କୌଣସି ସମୟରେ ବ୍ୟବହୃତ ହୁଏନାହିଁ। କେବଳ ବର୍ଷକରେ ଥରଟିଏ ସ୍ନାନପୂର୍ଣ୍ଣିମା ଦିନ ସୁନାକୂଅର ପାଣି ପ୍ରଭୁଙ୍କର ପ୍ରତ୍ୟକ୍ଷଜଳ ସ୍ନାନରେ ଲାଗି ହୋଇଥାଏ। ପୂର୍ଣ୍ଣିମା ଆଗଦିନ ସୁନାକୂଅର ସମସ୍ତ ପାଣି ଉଝାଳି ଦିଆଯାଏ ଏବଂ ଆଶ୍ଚର୍ଯ୍ୟର କଥା, ଗୋଟିଏ ଦିନରେ ପୁଣି ସୁନାକୂଅରେ ପାଣି ଭର୍ତ୍ତିହୋଇ, କୂଅ ଉଛୁଳିଉଠେ। ପୃଥିବୀର ସବୁ ନଦୀର ତୀର୍ଥଜଳ ଧାର ଧାର ହୋଇ ବୋହିଆସି ଅନ୍ତଃସଲୀଳା ସ୍ରୋତହୋଇ ସୁନାକୂଅ ଭିତରକୁ ଝରିଆସନ୍ତି, ପ୍ରଭୁଙ୍କ ଅଙ୍ଗଲାଗି ହେବାପାଇଁ। ଆଗକାଳରେ ଭାରତର ସବୁ ନଦନଦୀର ତୀର୍ଥଜଳ ସଂଗୃହୀତ ହୋଇ ମିଶାଯାଉଥିଲା। କିନ୍ତୁ ଆଜିକାଲି ସେ ସବୁ ସମ୍ଭବହୋଇ ପାରୁନାହିଁ। ତେବେ ପ୍ରଭୁ ଆମର ଏଶ୍ୱର୍ଯ୍ୟମୟ, ସେ କ’ଣ ଏମିତି ସେମିତି ଜଳରେ ସ୍ନାନ କରନ୍ତି। ଚୁଆ, ଚନ୍ଦନ, କସ୍ତୁରୀର ସୁବାସିତ ଅଧିବାସ ଜଳରେ ୧୦୮ ଗରା ପାଣିରେ ସେ ସ୍ନାନକରନ୍ତି। ଯେପରି ଭକ୍ତଗଣଙ୍କୁ ପ୍ରଭୁ କହନ୍ତି, “ପାରିବତ ସୁବାସିତ ମନ୍ତ୍ରସିକ୍ତ ଜଳରେ ସ୍ନାନକର, ଦେହ ଓ ମନ ଅନେକ ମୁହୂର୍ତ୍ତ ଯାଏଁ ସୁବାସିତ ରହିବ।” ପୂର୍ଣ୍ଣିମାର ପୂର୍ବଦିନ ସୁନା ଗୋସେଇଁ ଓ ମୁଦିରସ୍ତ ୧୦୮ଟି ନୂଆ କୁମ୍ଭରେ ଗରାବଡୁ ସେବକଙ୍କ ଦ୍ୱାରା ଜଳ ଅଣାଇ ଭୋଗମଣ୍ଡପରେ ଅଧିବାସକରି ରଖିଥାନ୍ତି। ଘଟୁଆରୀ ଚନ୍ଦନଘୋରି କର୍ପୂର କେଶର ଓ ଚୂଆ ଇତ୍ୟାଦି ଏହି ଜଳରେ ମିଶାଇ ଏହାକୁ ସୁବାସିତ କରିଥାନ୍ତି। ସ୍ନାନପରେ ପ୍ରଭୁ ଗଜାନନ ବେଶରେ ସମସ୍ତଙ୍କୁ ଦର୍ଶନ ଦେଇଥାନ୍ତି ।

କହିବା ବାହୁଲ୍ୟ ପ୍ରଭୁଙ୍କର ଏ ଅପୂର୍ବ ଦେବସ୍ନାନ ଦର୍ଶନକରିବା ପାଇଁ କେବଳ ଲକ୍ଷ ଲକ୍ଷ ଭକ୍ତ କାହିଁକି ସ୍ୱର୍ଗରୁ ଦେବତାମାନେ ମଧ୍ୟ ସହାସ୍ୟ ବଦନରେ ଦୁଇହାତ ଯୋଡି ଏ ଦୃଶ୍ୟ ଦେଖି, କୃତାର୍ଥ ହୁଅନ୍ତି। ଏ ଗଜାନନ ବେଶ ଦେଖିଲେ କୋଟି କୋଟି ଜନ୍ମର ପାପକ୍ଷୟ ହୁଏ, ଏବଂ ପ୍ରଭୁଙ୍କର ଏହି ସ୍ନାନ ‘ଉଦକବଳି’ ରୂପରେ ଧୂପ, ଦୀପ ଓ ସଂସ୍କାର ସହ ପ୍ରଦତ୍ତ ହୋଇଥାଏ, ସେ ସମୟରେ “ବିଶ୍ୱ ତୋ ମୁଖାୟ ଉଦଂ, ଜଳଂ, ଗୁହ୍ନ, ଗୁହ୍ନ” କାବ୍ୟ ଦ୍ୱାରା ସମର୍ପିତ ହୁଏ।

ପ୍ରବିତ୍ର ଗଜାନନ ବେଶ ଦର୍ଶନ କରି ଆମେ ନବକଳେବର ପୂର୍ବରୁ ପୁରୁଣା ବିଗ୍ରହମାନଙ୍କୁ ଶେଷଥର ପାଇଁ ଦର୍ଶନ କରି ଆମ ଆଖି ଲୁହରେ ପରିପୂର୍ଣ୍ଣ ହୋଇଗଲା, ଏବଂ ଏଇ ବିଗ୍ରହମାନେ ଯେ ପାତାଳୀ ହେବେ, ଏକଥା ବିଶ୍ୱାସ ନହେଲେ ବି ଯେ ନିରାଟ ସତ୍ୟ, ସେ କଥା ଭାବି ସେମାନଙ୍କୁ ଆଖିପୁରାଇ ଦର୍ଶନ କରିନେଲୁ। ସ୍ନାନ ଜଳ ନାଁ ବିନ୍ଦୁଏ ଲୁହ ? ହୁଏ ତ’ ଏହା ମନର ଭ୍ରମ ହୋଇପାରେ, କିନ୍ତୁ ମତେ ଲାଗିଲା ପ୍ରଭୁଙ୍କ ଚକା ଆଖିରେ ମୋତି ଭଳି ଚିକ୍ ଚିକ୍ କରୁଥିଲା ବିନ୍ଦୁଏ ଲୁହ। ସୁନା କୂଅର ପବିତ୍ର ଜଳରେ ସ୍ନାନ କରନ୍ତି ପ୍ରଭୁ କିନ୍ତୁ ଆଶ୍ଚର୍ଯ୍ୟର କଥା ଦେହ, ଶତକଦମ୍ବ, ଫୁଲର ମହକରେ ସୁରଭିତ ହୋଇଗଲା। ଏ ପିଣ୍ଡ, ଏ ଶ୍ୱାସ, ଏ ପ୍ରଶ୍ୱାସ, ଏ ପିଣ୍ଡରେ ବହମାନ, କୂଳକୁଣ୍ଡଳିନୀ ଶକ୍ତିଧାରା ସମସ୍ତେ ଏକୀଭୂତ ହୋଇଗଲେ ସେଇ ଶୂନ୍ୟଗର୍ଭ ଅନନ୍ତ ଆକାଶର ସ୍ନିଗ୍ଧ ଘନନୀଳ ସତ୍ତାରେ, ଯେଉଁ ସତ୍ତା ହିଁ ଜୀବନ୍ତ ହୋଇ ରୂପନିଏ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ।

ଆନନ୍ଦ ଓ ବିଷାଦ, ହସ ଓ ଲୁହ, ମହାଶୂନ୍ୟ ଓ ପରିପୂର୍ଣ୍ଣତାର ଏକ ଫେଣ୍ଟା ଫେଣ୍ଟି ଅନୁଭବର ଭାବାବେଗରେ ଆମେ ଏମିତି ବିଭୋର ହୋଇଗଲୁ, ଯାହା ବର୍ଣ୍ଣନାତୀତ। ଏଇ ଦୁର୍ଲ୍ଲଭ ଅନୁଭବକୁ ଆମେ ଏକ ଅମୂଲ୍ୟ ସଂପଦ ଭଳି ଆମ ହୃଦୟରେ ସାଇତି ରଖିବୁ ଚିରକାଳ ଏବଂ ଚିରନ୍ତନ ଭକ୍ତିରେ ଗାଉଥିବୁ “ଜଗନ୍ନାଥ ଭଳି ଜଣେ ସାମନ୍ତ ନାହିଁ ନାହିଁ ତ।”

(କ୍ରମଶଃ)



ମୂଳ ମରାଠୀ :
ଉତ୍ତମ କାମ୍ବଲେ

# ଧାରାବାହିକ ଅନୁବାଦ ଉପନ୍ୟାସ-(୨୫)

# ମାଆ






ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦ୍ୱି’ପ୍ରହରରେ ଖାଇବାପାଇଁ ପୁଣି ଡାକରା ଆସିବାକୁ ଲାଗିଲା। ମାଉସୀ ମୋ କାନରେ ଧୀରେ ଧୀରେ କହିଲା, “ତୁ ଖାଇବାକୁ ଯାଆ। ହେଲେ ସମସ୍ତଙ୍କ ଘରେ ଅଳ୍ପ ଅଳ୍ପ ଖାଇବୁ। ଏମିତି ଖାଦ୍ୟ ଉପରେ ହାମୁଡେଇ ପଡ଼ିବୁନୁ ବିକଳିଆଙ୍କ ପରି। ଯାଆ, ହେଲେ ଗତରାତି ପରି ଯେମିତି ପୁଣି ନହୁଏ ସେ କଥା ମନେ ରଖିଥିବୁ।”

ମାଉସୀର ଉପଦେଶକୁ ମନେ ରଖି ମୁଁ ସମସ୍ତଙ୍କ ଘରେ ଅଳ୍ପ ଅଳ୍ପ ଖାଇଲି। ଦ୍ୱି’ପ୍ରହରେ ଭଲ ନିଦ ବି ଆସିଲା। ସନ୍ଧ୍ୟାରେ ମାମୁଁଘରକୁ ଫେରିବାକୁ ବାହାରିଲି। ମୋର ମାଉସୀ ମୋତେ ବଳେଇ ଦେବାପାଇଁ ବହୁତ ଦୂର ଯାଏଁ ଆସିଲା। ମୋତେ ଛାଡ଼ି ଦେଇ ଯେମିତି ଫେରିବାକୁ ବାହାରିଲା ସିଏ ସୁଁ ସୁଁ ହେଇ କାନ୍ଦିବା ଆରମ୍ଭ କରିଦେଲା। ତାର କାନ୍ଦିବା ବନ୍ଦ ହେଉ ନଥିଲା, “ଘରକୁ ଯାଇ ମୁଁ ସମସ୍ତଙ୍କର ଭଲମନ୍ଦ ପରୁଥିଲି ବୋଲି କହିବୁ। ବାବାଙ୍କୁ କହିବୁ, ସବୁଦିନ ଠିକ୍ ସମୟରେ ଔଷଧ ଖାଇବେ।” ଏମିତି ଅନେକ କିଛି କହୁଥିଲା ସିଏ ମୋତେ।

ମାଉସୀ ଶାଶୁଘରକୁ ଲିଗଲା ପରେ ମୋତେ ବି ବହୁତ ଖରାପ ଲାଗୁଥିଲା। ସବୁଦିନ ରାତିରେ ଆମେ ମିଳିମିଶି ରାତ୍ରୀଭୋଜନ କରୁଥିଲୁ, ସାଙ୍ଗ ହୋଇ କ୍ଷେତକୁ କାମ କରିବାକୁ ଯାଉଥିଲୁ। ମାଉସୀ ମୋତେ ବହୁତ ଭଲ ଲାଗୁଥିଲା। ନିଜ ଭାଗର ଅଧା କିମ୍ବା ଚଉଠେ ରୁଟି ସିଏ ମୋତେ ଦେଇ ଦେଉଥିଲା। ଏବେ ଆଉ ସେମିତି ହେବନି।

ମାମୁଁଘରକୁ ଫେରି ଆସିଲି ମୁଁ। ଘରକୁ ଆସି କହିଲି ଯେ ମାଉସୀ ସମସ୍ତଙ୍କୁ ମନେ ପକାଉଥିଲା। ଆଉ ବାବାଙ୍କୁ ବି ଠିକ୍ ସମୟରେ ଔଷଧ ନେବାପାଇଁ କହିଛି। ଆଇ ଓ ମାଆକୁ ଏକାସାଙ୍ଗେ ଡାକି ଗତ ରାତିରେ ଖାଇବା ପରେ ହୋଇଥିବା ତାମ୍‌ସା କଥା ଧାରାବାହିକ ଭାବରେ ସେମାନଙ୍କୁ ଶୁଣେଇଲି। ମରୁ ମରୁ ବଞ୍ଚିଗଲି, ଏ କଥା ବି ତାଙ୍କୁ କହିବାକୁ ଭୁଲିଲିନି। ଦୁଇ ଜଣଙ୍କ ଚେହେରାରେ ଚିନ୍ତାର ରେଖା ସବୁ ବାରି ହୋଇଯାଇଥିଲା। ସବୁ କିଛି ଶୁଣି ସାରି ମାଆ କହିବାକୁ ଲାଗିଲା “ଆରେ ଉତ୍ତମ୍ୟା, ଏବେଠାରୁ ତୁ ଗୋଟିଏ କଥା ସବୁବେଳେ ମନେରଖ। ମଣିଷ ଖାଦ୍ୟ ଖାଇ ମରିବା ଉଚିତ୍ ନୁହେଁ। ବଞ୍ଚି ରହିବା ପାଇଁ ଖାଦ୍ୟ ଆବଶ୍ୟକ। ବେଶୀ ଖାଇବାକୁ ଇଚ୍ଛା ହେଲା ମାତ୍ରେ ପାଣି ପିଇବା ଉଚିତ୍, ଖାଦ୍ୟ ଖାଇବା ଆଗରୁ ପାଣିପିଅ। ଖାଦ୍ୟ ଖାଇବା ସମୟରେ ବି ପାଣି ପିଅ, ଯାହା ଦ୍ୱାରା ଅଧିକ ଖାଇବା ପାଇଁ ଇଚ୍ଛା ହେବନାହିଁ।

ମାଆ କହିଥିବା ଫର୍ମୁଲା ସମୟକ୍ରମେ ମୋର ଅଭାବ ଅସୁବିଧା ସମୟରେ ମୋ ପାଇଁ ବହୁତ ଉପଯୋଗୀ ପ୍ରମାଣିତ ହୋଇପାରିଥିଲା। ମୋର ପୁରା ବିଶ୍ୱାସ ହୋଇ ଯାଇଥିଲା ଯେ ପାଣି ପିଇବା ଦ୍ୱାରା କିଛି ସମୟ ପାଇଁ ଭୋକକୁ ଦବେଇ ଦେଇହେବ। ଏକଥା ବି ମୁଁ ବୁଝି ପାରିଥିଲି ଯେ ମାଆ ଏତେ ଅଧିକ ପାଣି କାହିଁକି ପିଏ। ମୋର ଏକଥା ହୃଦୟଙ୍ଗମ ହୋଇସାରିଥିଲା ଯେ ଆମ ପରି ଗରୀବମାନଙ୍କ ପାଇଁ ପାଣି କେତେ ଉପକାରୀ ପ୍ରମାଣିତ ହୋଇପାରେ।

ସମୟକ୍ରମେ ମୋର ଡାଇବେଟିସ୍ ହୋଇ ଯାଇଥିଲା। ଖାଦ୍ୟ ଉପରେ ଅଙ୍କୁଶ ଲଗେଇବାକୁ ବାଧ ହେବାକୁ ପଡ଼ିଥିଲା। ବହୁତ ଭୋକ ଲାଗୁଥିଲେ ବି କମ୍ ଖାଦ୍ୟ ଖାଇବାକୁ ହେଉଥିଲା। ଏମିତି ତ ବହୁତ ଅଧିକ ଖାଇବାକୁ ସବୁବେଳେ ଇଚ୍ଛା ହେଉଥିଲା। ସୀମିତ ଭୋଜନରେ ପେଟର ଗାତଭରୁ ନଥିଲା। ସେତେବେଳେ ପେଟ ଭରିବା ପାଇଁ ମୁଁ ପାଣି ଭର୍ତ୍ତି ଡାଳ ଉଠେଇ ନେଉଥିଲି। ସେଇ ସମୟରେ ମୋର ଅନୁଭବ ହେଉଥିଲା ଯେମିତି ମାଆ ବସିଛି ମୋ ନିକଟରେ। ଲାଗୁଥିଲା ଯେମିତି ମାଆ କହୁଛି “ପେଟ ଖାଲି ହେଇଯାଇଛି କି... ଚାଲ ଉଠାଡାଳ, ଆଉ ଲଗେଇ ନେଏ ତୋ ଓଠରେ।”

ଏମିତି ନୁହେଁ ଯେ ଏ କଥା କେବଳ ମୋଅରି ଜୀବନରେ ହୋଇଥିଲା। ଯେଉଁ ମାଆ ମୋତେ ଅଦ୍ଭୁତ ‘ପାଣି’ର ଫର୍ମୁଲା ଦେଇଥିଲା ତାର ଜୀବନରେ ବି ଏହା ହିଁ ଘଟିଥିଲା। ମାଆକୁ ପଥୁରୀ ଭୋଗ ହୋଇଥିଲା। ପାଣି ପିଇଲେ ପଥର ବାହାରି ଯିବ କି, ପ୍ରଥମେ ସେଇ ପ୍ରୟୋଗ କରାଗଲା। ମାଆ ପାଣି ପିଇ ପିଇ ଅସ୍ତବ୍ୟସ୍ତ ହୋଇ ପଡୁଥିଲା। ହେଲେ ଆମେ ସମସ୍ତେ ତାକୁ ପ୍ରୋତ୍ସାହିତ କରୁଥିଲୁ। ‘ମାଆ ପାଣି ପିଇ... ଖୁବ୍ ପାଣି ପି’।”

ତାକୁ ଆହୁରି କିଛି ରୋଗ ବି ଘେରି ନେଇଥିଲା। ସେଇ ସବୁ ରୋଗ ପାଇଁ ବି ବେଶୀ ପାଣି ପିଇବା ହିଁ ଥିଲା ଏକମାତ୍ର ନିଦାନ। ଭୋକକୁ ମାରିବା ପାଇଁ ପାଣି, ରୋଗକୁ ଦୂର କରିବା ପାଇଁ ପାଣି। ପେଟର ପଥୁରୀକୁ ବାହାରକୁ କାଢ଼ିବାକୁ ପାଣି, ନିଃଶ୍ୱାସ ବଳେଇବା ଉପରେ କାବୁ ପାଇବା ପାଇଁ ବି ପାଣି... ତାର ପୁରା ଜୀବନ ପାଣିରେ ବୁଡ଼ିବାକୁ, ପହଁରିବାକୁ ଲାଗିଥିଲା... ଜଳ ରୂପକ ମହାପ୍ରଳୟରେ ଲୋକମାନେ ମରନ୍ତି... ଜଳ ଅଗ୍ନିକୁ ଶାନ୍ତ କରେ... ପେଟର ଅଗ୍ନିକୁ ଶାନ୍ତ କରିବା ପାଇଁ ବି ପାଣି ଦରକାର ହୁଏ, ୱାଟର ୱାଟର ଏଭ୍ରିହୋୟାର୍... କହିଥିବା କବି କୋଲରିଜ୍ କେବେ ଥରେ ତ ମୋତେ ଆଉ ମୋ ମାଆକୁ ବି ପରିଥାନ୍ତେ ପାଣି ବିଷୟରେ !

(୨୬)

ଏକ ଦୁଃଖଦ ଘଟଣା ମୋର ମନେ ପଡ଼ିଯାଉଛି... ମୋର ବଡ଼ ମାଉସୀଙ୍କର ସାନ ଝିଅକୁ ହାଡ଼ଫୁଟି ହୋଇଥିଲା। ଜରର ପ୍ରକୋପ କ୍ରମେ ବଢୁଥିଲା। ଗାଁରେ ନା କୌଣସି ଡାକ୍ତରଖାନା ଥିଲା ନା କୌଣସି ଡାକ୍ତର। ପାଖ ଗାଁରେ ବି ଡାକ୍ତର ନଥିଲେ। ବର୍ଷା ଦିନ ।ପଦାକୁ ବାହାରିବା ବି କଷ୍ଟକର। ମାଉସୀ ଝିଅର ସବୁପ୍ରକାର ଗ୍ରାମୀଣ ଉପର ଚାଲିଥିଲା। ଝୁଣା-ଧୁଆଁ ଦିଆ ହେଉଥିଲା। ଅଣ୍ଡାକୁ ଦୀପ କରି ତା’ ଚାରିପାଖରେ ଆରତୀ ପରି ବୁଲା ହେଉଥିଲା। ଝାଡ଼ଫୁଙ୍କ ବି ଚାଲିଥିଲା। ଠାକୁର-ଠାକୁରାଣୀଙ୍କ ପାଖରେ ମାନସିକ କରାଯାଉଥିଲା। କିନ୍ତୁ ଜର ତ ଯେମିତି ଓହ୍ଲେଇବାର ନାଁ ହିଁ ନେଉ ନଥିଲା।

ବୁଧବାରର ସେଇ ଦିନ ମୋର ଖୁବ୍ ଭଲ ଭାବରେ ମନେଅଛି। ବୁଧବାର, ଅର୍ଥାତ୍ ଗାଁର ନିକଟବର୍ତ୍ତୀ ଦତ୍ତବାଡ଼ରେ ହାଟ। ଆଇ ହାଟକୁ ଯାଉଥିଲା, ଆଉ ସପ୍ତାହେ ପାଇଁ ବଜାରସଉଦା କରି। ସନ୍ଧ୍ୟା ବେଳେ ଫେରୁଥିଲା ଘରକୁ। ହାଟରେ କେବେ ଅଣ୍ଡା ବିକ୍ରି କରୁଥିଲା ତ ଆଉ କେବେ କୁକୁଡ଼ା ବିକ୍ରି କରୁଥିଲା। ପନିପରିବା ଆଉ ଚାଉଳଡାଲି କିଣି ସାରିଲା ପରେ ଶେଷରେ କଂସେଇ ପାଖରୁ ଖାସିମାଂସ କିଣୁଥିଲା। ମାସରେ ଗୋଟେ/ଦୁଇଟି ବୁଧବାର ଆଇ ଖାସିମାଂସ ଆଣୁଥିଲା। ମାଉସୀର ଝିଅକୁ ହାଡ଼ଫୁଟି ହୋଇଥିବାରୁ ତାକୁ ମାଂସର ବାସ୍ନା ଠାରୁ ଦୂରରେ ରଖିବା ପାଇଁ ବାରଣ୍ଡାରେ ଶୁଆଇ ଦିଆଯାଇଥିଲା। ରୋଷେଇ ଆରମ୍ଭ ହୋଇଯାଇଥିଲା। ଖାଇବା ସମୟ ବି ହୋଇଯାଇଥିଲା। ମୁଁ ସେଇ ଭାବନାରେ ମଗ୍ନ ଥିଲି ଯେ କେତେବେଳେ ଖାଇବା ବଢ଼ାହେବ... କେତେବେଳେ ମାଂସ ଖାଇବାକୁ ମିଳିବ। କେତେବେଳେ ମାଂସଝୋଳର ସ୍ୱାଦ ଜିଭରେ ଅନୁଭବ କରିହେବ... ମୁଁ ଖାଲି ଆଇଙ୍କର ଆଦେଶ ‘ଚାଲ ଖାଇବାକୁ’ର ଅପେକ୍ଷା କରୁଥିଲି। ହେଲେ ଆଇର ସେଇ ଆଦେଶ ଆଉ ବାଇ ଅର୍ଥାତ ମାଉସୀର ଚିତ୍କାର ଏକାସାଙ୍ଗେ ଶୁଣାଗଲା। ତାଙ୍କର ଝିଅର ମୃତ୍ୟୁ ହୋଇ ଯାଇଥିଲା। ଗଲା ଆଠ ଦିନ ଧରି ଜରର ନିଆଁରେ ଜଳୁଥିବା ତାର ଶରୀର ବରଫ ପରି ଥଣ୍ଡା ହୋଇଯାଇଥିଲା। ସମସ୍ତେ ଦୌଡ଼ାଦୌଡ଼ି ହୋଇ ଆସିଲେ, ଜୋର୍ ଜୋର୍‌ରେ କାନ୍ଦିବାକୁ ଲାଗିଲେ। ଦୁଃଖରେ କାନ୍ଦି କାନ୍ଦି ମାଉସୀର ଅବସ୍ଥା ଏକଦମ୍ ଖରାପ୍ ହୋଇଯାଇଥିଲା। ସିଏ ବାର ବାର୍ ନିଜର ମୁଣ୍ଡ ବାଡଉଥିଲା। ଛାତିପିଟୁଥିଲା । ମୋର ସବୁ ମାଉସୀ ଆଉ ମାଇଁ ଛାତି ଫଟେଇ କାନ୍ଦୁଥିଲେ। ଅଜା ବି ଗୋଟେ କୋଣରେ ବସି କାନ୍ଦୁଥିଲେ। ସିଏ ନିଜ ମୁଣ୍ଡରେ ବାନ୍ଧୁଥିବା ପଗଡ଼ିକୁ ଖୋଲି ସିଢ଼ି ଉପରେ ଥୋଇ ଦେଇଥିଲେ: ସେଇ କରୁଣ ଦୃଶ୍ୟ ଦେଖିପାରୁ ନଥିଲେ ସିଏ। ଆମ ସାହିରେ ରହୁଥିବା ଲୋକମାନେ ବି ଏକାଠି ହେବାରେ ଲାଗିଥିଲେ। ଶବ-ସତ୍କାର ବିଷୟରେ ବିର ବିମର୍ଷ ଚାଲିଥିଲା। ଶବକୁ ପୋତିବାପାଇଁ ଗାତ ଖୋଳିବାକୁ ଦୁଇ/ରି ଜଣ ଲୋକ କୋଦାଳ, ଫାଉଡା ନେଇ ଶ୍ମଶାନକୁ ଚାଲି ଯାଇଥିଲେ। ସାରା ଅଗଣାରେ ସ୍ତ୍ରୀଲୋକ ଭର୍ତ୍ତି ହୋଇଯାଇଥିଲେ। ସମସ୍ତେ ଏକ ସ୍ୱରରେ କାନ୍ଦିବା ଯୋଗୁଁ ସାରା ଘର ଥର ଥର ହୋଇ କମ୍ପି ଉଠିଥିଲା.... ସେଠାରେ ଯେଉଁ ସବୁ ଦୃଶ୍ୟ ଘଟିତ ହୋଇଚାଲିଥିବା ତାକୁ ବୁଝିବାର ବୟସ ମୋର ହୋଇ ନଥିଲା। ଦ୍ୱିତୀୟ କଥା ହେଲା, ପୂର୍ବରୁ ଘରେ କେବେ କାହାର ମୃତ୍ୟୁ ଦେଖି ନଥିଲି ମୁଁ... ତାର ଅର୍ଥ ବି ମୋର ବୁଝିବାର କ୍ଷମତାର ବାହାରେ ଥିଲା।

ଅଗଣାରେ ଜୋର୍ ଜୋର୍‌ରେ କାନ୍ଦିବା ଆରମ୍ଭ ହୋଇ ଯାଇଥିଲା। ଅନ୍ୟପଟେ ମୋର ଭୋକ ବି ବଢ଼ି ଚାଲିଥିଲା। ଆଜି ମୋତେ ଖାଦ୍ୟ ବାଢ଼ିକି ଦେବାପାଇଁ କେହି ନଥିଲେ। ମୁଁ ଅଗଣାରୁ ଉଠି ଚୁପ୍‌ଚାପ୍ ଯାଇ ବସି ପଡ଼ିଲି ଚୁଲୀ ପାଖରେ। ଆଲୁମିନିୟମ୍ ପ୍ଲେଟ୍ ଥୁଆ ହୋଇଥିଲା ପାଖରେ, ସେଥିରେ ମେଞ୍ଚେ ଝୋଳ ଆଉ ମାଂସ ବାଢ଼ି ନେଲି। ରୁଟି ବି ନେଲି। ଚୁଲୀ ଆଡ଼କୁ ମୁହଁ କରି ଗୋଟେ କୋଣରେ ବସି ଖାଇବାକୁ ଲାଗିଲି ମାଂସ ତରକାରୀ ଆଉ ରୁଟି। ପେଟଭରି ଖାଇ ଚାଲିଥିଲି। ବାସ୍ ‘କମ୍ ଖାଅ’ କହିବା ବାଲା କେହି ନଥିଲେ ଏବେ.. ଯେତେ ଦରକାର ସେତେ ଆଣି ଖାଉଥିଲି। କେହି କାଳେ ଦେଖି ନେବ ଭାବି ଶିଘ୍ର ଶିଘ୍ର ଖାଉଥିଲି ମୁଁ। ଯେମିତି ପ୍ଲେଟ୍‌ରୁ ରୁଟି ଆଉ ମାଂସ ତରକାରୀ ସରିଆସିଲା, ସେଇ ସମୟରେ ପିଠି ଉପରେ ‘ଧପାକ୍’ କରି କାହାର ଗୋଟେ ପୁଡ଼ା ପଡ଼ିଲା। ପଛରେ ମାଆ ଛିଡ଼ା ହୋଇଥିଲା। ତାର ସ୍ଥିତି ଏପରି ଥିଲା ଯେମିତି, କଣ କହିବି ଆଉ କଣ କହିବିନାହିଁ ? ସିଏ କେବଳ ଏତିକି କହିଲା “ଆରେ ଅଗଣାରେ ତୋର ଭଉଣୀର ଶବ ପଡ଼ିଛି ଆଉ ତୁ ଖାଇବା କଥା କେମିତି ଚିନ୍ତା କରିପାରୁଛୁ ? ତୋ ମୁହଁରେ ଲାଜ-ସରମ କିଛି ଅଛି ନା ନାହିଁ ! ଗୋଟେ ବକତ ନ ଖାଇଲେ ମରି ଯିବୁନୁ ତୁ, ବୁଝିଲୁ...’

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମେଧାବୀ ଅଭିନନ୍ଦନ କାର୍ଯକ୍ରମ




ନୀଳଗିରି , ୧୦/୦୬ (ନି.ପ୍ର): ଶନିବାର ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ଠାରେ ଦଶମ ଶ୍ରେଣୀ ର କୃତି ଛାତ୍ରଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା କାର୍ଯକ୍ରମ ଅନୁଷ୍ଠିତ ହୋଇ ଯାଇଅଛି।। ଏହି କାର୍ଯକ୍ରମ ରେ ବିଭିନ୍ନ ହାଇସ୍କୁଲ ର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଅଭିଭାବକ ଙ୍କ ସମେତ କୃତି ଛାତ୍ର ଛାତ୍ରୀ ମାନେ ମଧ ଯୋଗ ଦେଇଥିଲେ।ନୀଳଗିରି ଓ ଔପଦା ର ଦଶମ ବୋର୍ଡ ପରୀକ୍ଷା ର ସର୍ବାଧିକ ନମ୍ବର୍ ରଖିଥିବା ଛାତ୍ର ଛାତ୍ରୀ ମାନେ ଓ ଇ୧ଓ ଇ୨ ମାର୍କ ରଖିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉତ୍ସାହିତ କରା ଯାଇଥିଲା। ଏହି କାର୍ଯକ୍ରମ ରେ ବିଦ୍ୟାର୍ଥୀ ପରିଷଦ ର ନଗର ସଭାପତି ଡଃ ଅକ୍ଷୟ କୁମାର ପାଣିଗ୍ରାହୀ, ସମ୍ପାଦକ ସାଇ ସତ୍ୟପ୍ରକାଶ ପ୍ରଧାନ, ବିଭାଗ ସଂଯୋଜକ ରଜତ କୁମାର ପାତ୍ର, ଆଇନଯିବି କାର୍ତ୍ତିକ ଜେନା, ପୂର୍ବତନ କାର୍ଯ୍ୟକର୍ତ୍ତା ବିକାଶ କୁମାର ସାହୁ , ଜ୍ୟତସ୍ନା ପାଣିଗ୍ରାହୀ, ଚନ୍ଦ୍ର ବିନ୍ଦୁ ଦାସ୍, ଜ୍ୟୋତ୍ସ୍ନା ରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇ ଯୁକ୍ତାତ୍ମକ ଶିକ୍ଷା ବିଷୟ ରେ ଛାତ୍ର ଛାତ୍ରୀ ଙ୍କୁ କହିବା ସହ ଉତ୍ତମ ଚରିତ୍ର ର ବ୍ୟକ୍ତିତ୍ୱ ହେବା କୁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତା ପୂର୍ବତନ କାର୍ଯ୍ୟକର୍ତ୍ତା ତଥା ନୀଳଗିରି ମହାବିଦ୍ୟାଳୟ ର ପୂର୍ବତନ ସଭାପତି ଚନ୍ଦ୍ରବିନ୍ଦୁ ଦାସ ସମାଜ ର ଉନ୍ନତି ତଥା ରାଷ୍ଟ୍ର ନିର୍ମାଣ ରେ ବିଦ୍ୟାର୍ଥୀ ର ଭୂମିକା ବିଷୟ ରେ କହିଥିଲେ।। ଏହି କାର୍ଯକ୍ରମ ର ସଂଯୋଜନା ଲକ୍ଷ୍ମୀ ନାରାୟଣ ନାୟକ କରିବା ସହ ଗୋପୀ ବଲ୍ଲଭ ରାଉତ, ସଂଜୀବ ମହାରଣା, ଉମାକାନ୍ତ ଦାସ୍ , ଅଭିଜିତ ରାଉତ୍, ନିରଞ୍ଜନ ବେହେରା, ଗଣେଶ ମାଝୀ,ବିକାଶ ମାଝୀପ୍ରମୁଖ ଉପସ୍ଥିତ ଥିଲେ।। ରାଷ୍ଟ୍ର ନିର୍ମାଣ ର ବିନ୍ଧାଣି ବିଭିନ୍ନ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଙ୍କୁ ମଧ ସମ୍ବର୍ଦ୍ଧିତ କରା ହୋଇଥିଲା।। ଏହି କାର୍ଯକ୍ରମ କୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି।

## କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, ୧୦/୦୬ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଯୁକ୍ତ ୨ କଳା ଓ ବାଣିଜ୍ୟରେ ବିଭିନ୍ନ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ମାଲକାନଗିରି ମହାବିଦ୍ୟାଳୟ ଅଧକ୍ଷ ପ୍ରକୋଷ୍ଠରେ ନିରାଡ଼ମ୍ବରପୂର୍ଣ୍ଣ ସମ୍ବର୍ଦ୍ଧନା ଉତ୍ସବ ବାଣିଜ୍ୟ ବିଭଗ ମୁଖ୍ୟ ଡଃ. ରଞ୍ଜନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ ଅଧକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦାନ କରି ମେଧାବୀ ଯୁକ୍ତ୨ କଳାରେ ୪୭୩ ମାର୍କ ରଖି ସୁଜାତା ମିର୍ଦ୍ଧା ଏବଂ ଯୁକ୍ତ ୨ ବାଣିଜ୍ୟ ଛାତ୍ରୀ ସୁପ୍ରିୟା ପାଣିଗ୍ରାହୀ ୪୨୬ ନମ୍ବର ରଖି କଲେଜରେ ଗର୍ବ ଓ ଗୌରବ ଆଣିଥିବାରୁ ମୁଖ୍ୟ ଅତିଥି ପୁଷ୍ପ ଗୁଚ୍ଛ ଏବଂ କଲମ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏବଂ ରବି ମାଢ଼ି , ଅନ୍ମିତ୍ ବାଘ୍ ଯୁକ୍ତ ୨ ବାଣିଜ୍ୟ, କଳାରେ ଉତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ମଧ ସମ୍ବର୍ଦ୍ଧନା କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଭିତ୍ତିଭୂମି ଅଭାବରୁ ...

ଉପଭୋକ୍ତାମାନେ ଯେଉଁ ହାରରେ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି, ଭିତ୍ତିଭୂମି ସୁଦୃଢ଼ ନଥିବାରୁ ଅନେକ କ୍ଷେତ୍ରରେ ଟ୍ରାନ୍ସଫର୍ମର ପୋଡ଼ିଯିବା ଭଳି ସମସ୍ୟା ଉପୁଜୁଛି ବୋଲି ମନ୍ତ୍ରୀ କହିଛନ୍ତି । ତେବେ ରାଜ୍ୟରେ ପାୱାର କଟ୍ ହେଉନାହିଁ। ପବନ ହେଲେ ବିଦ୍ୟୁତ କାଟ କରାଯାଉଛି ବୋଲି ପୁଣି ଥରେ ଦୋହରାଇଛନ୍ତି ମନ୍ତ୍ରୀ ।

### ୯ ଜିଲ୍ଲାକୁ ହିଟ୍ ....

ଟାଣ ଖରାରେ ପଦାକୁ ନ ବାହାରିବାକୁ ପାଣିପାଗ କେନ୍ଦ୍ର ଜନସାଧାରଣଙ୍କୁ ପରାମର୍ଶ ଦେଇଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ , ଗଜପତି, କନ୍ଧମାଳ, ଅନୁଗୁଳ, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି, ବିଜୁଳି ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏହାସହ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ମଧ୍ୟ ବହିପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି ପାଇଁ ବରଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ସୋନପୁର , ବଲାଙ୍ଗିର , ବୌଦ୍ଧ ଓ କେନ୍ଦୁଝର ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, କେନ୍ଦୁଝର, ମୟୁରଭଂଜ, ଗଜପତି, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଦେଶର ବିଭିନ୍ନ ସ୍ଥାନକୁ ....

ଆଜି ଏମାନଙ୍କୁ ଗିରଫ କରାଯିବା ସହିତ ତାଙ୍କ ଠାରୁ ୮୦୦ସିମ ୧୬ମୋବାଇଲ ଫୋନ ଜବତ ହୋଇଛି। ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ପାଇଁ ଜ୍ୟୋତି ଓ ବିଶ୍ୱଜିତକୁ ରିମାଣ୍ଡରେ ଆଣିବ ବୋଲି ଜଣାପଡିଛି। ଜ୍ୟୋତି ଆସାମରୁ ଏହି କାରବାରର ଟ୍ରେନିଂ ନେଇ ଆସିବା ପରେ ଗାଁ ବିଲ ମଝିରେ ଏକ ତମ୍ବୁ ପକାଇ ଏହି ସିମ ଆକ୍ଟିଭ କାମ କରୁଥିଲା। ସେ ଏଗୁଡିକୁ ଆସାମର ଏଜେଣ୍ଟକୁ ଦେଇ ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିଲା। ସେହିପରି ବିଶ୍ୱଜିତ ଅନ୍ୟ ସଦସ୍ୟଙ୍କ ଠାରୁ ଆକ୍ଟିଭ ସିମ ସଂଗ୍ରହ କରି ଦିଲ୍ଲୀର ଏଜେଣ୍ଟକୁ ବିକ୍ରି କରୁଥିବା ଜଣାପଡିଛି। ସାଧାରଣ ଲୋକଙ୍କୁ ପ୍ରଲୋଭିତ କରି ତାଙ୍କ ସରଳତାର ସୁଯୋଗ ନେଇ ତାଙ୍କ ଅଜଣାତରେ ତାଙ୍କ ନା ସିମ ଠୁଳ କରୁଥିଲେ ଏମାନେ। ଖୁବଶୀଘ୍ର ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ମଧ ଗିରଫ ହେବେ ବୋଲି ଜଣାପଡିଛି।

# ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ମାନେ ନ୍ୟାୟ ପାଇଁ ଜୁନ୍ ୨୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶ୍ରମ ବିଭାଗ ଅଫିସ୍ ସମ୍ମୁଖରେ ଧାରଣା ଦେବେ

ଜୟପୁର, ୧୦/୦୬ (ନି.ପ୍ର): ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ସମସ୍ୟା ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି । ରାଜ୍ୟ ସରକାରଙ୍କୁ ମଧ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ଏକାଧିକ ପତ୍ର ଦେବା ସତ୍ୱେ ରାଜ୍ୟ ସରକାର ଗୋଟିଏ ରୁଗଣ କାରଖାନାକୁ ଚଲେଇବା ନାଁ ରେ କିଭଳି, ପ୍ରଶାସନିକ ଅଧିକାରୀ, କମ୍ପାନୀ ମାଲିକ ମାନେ ମିଶି ଶ୍ରମିକ ମାନଙ୍କୁ ଅଣଦେଖା କରି ଶହ ଶହ କୋଟି ଟଙ୍କା ଲୁଟ୍ ହୁଏ ସେବା କାଗଜ କଳ ତାର ଜ୍ୱଳନ୍ତ ଉଦାହରଣ । ୨୦୨୦ ରୁ ଆଜି ୨୦୨୩ ଅଧା ହେଇଗଲା, କିନ୍ତୁ ଶ୍ରମିକ ମାନଙ୍କର ପ୍ରୋଭିଡେଂଟ ଫଣ୍ଡ୍ ପେନସନ୍ ବିଷୟରେ ସମାଧାନ ଆସିପାରିଲା ନାହିଁ । ଜଣେ ଶ୍ରମିକ ଯୁଧିଷ୍ଠିର ସ୍ୱାଇଁ ଏମ୍ସ ରେ ଚିକିତ୍ସାଧୀନ ଅଛନ୍ତି, ଜୟରାମ ପ୍ରସାଦ ଜଣେ ବିହାରୀ ଶ୍ରମିକ ହୋଇଥିବା ବେଳେ ଷ୍ଟ୍ରୋକରେ ତାଙ୍କର ଏକ ପାଖ ଅଙ୍ଗ ଦୁର୍ବଳ, ଚାଲିବା କଷ୍ଟ, ଗ୍ରାଚ୍ୟୁଇଟି ଟଙ୍କା ଓ ପେନସନ ସୁବିଧା ହୋଇଗଲେ ଗାଁ କୁ ଯିବେ, କିନ୍ତୁ ସେ ୫ ଟଙ୍କିଆ ମିଲ୍ ଖାଇ ପଡ଼ି ରହିଛନ୍ତି, ଧ୍ରୁବ ବତ୍ସଳ ବାରିକ ସାଇଟ୍ରିକା ଓ ବିଭିନ୍ନ ରୋଗରେ ପୀଡିତ, ଘରୁ ଉଠି ପାରୁନାହାଁନ୍ତି । ସ୍ଥାନୀୟ କାଳିଆ ଗାଁ ର ଧୋବୁଲୁ ବାଘ କିଡନୀ ରୋଗ ଓ ମସ୍ତିଷ୍କ ରୋଗରେ ପୀଡିତ, ବିଶାଖାପାଟଣା ଠାରୁ ଜୟପୁର କେବଳ ମେଡିକାଲରେ ଦିନ ଯାଉଛି । ରକ୍ତହୀନତା ପାଇଁ ତାଙ୍କୁ ରକ୍ତ ଦିଆଯାଇଛି । ଆଜି କାରଖାନାକୁ ଗଲେ ମ୍ୟାନେଜମେଣ୍ଟକୁ ଗୁହାରି କରିବେ ବୋଲି କିନ୍ତୁ ଗେଟ୍ ରେ ଛାଡ଼ିଲେ ନାହିଁ , ଅଗତ୍ୟା ପଟି ପାରି ଗେଟ୍ ରେ ଲମ୍ବା ହୋଇ ଶୋଇଲେ । ବାଧ ହୋଇ ମ୍ୟାନେଜମେଣ୍ଟ ତାଙ୍କୁ କାରଖାନା ଭିତରକୁ ଡ଼ାକି ନେଇ ଜଣେ ତଳିଆ ଅଫିସର୍ ମାଧମରେ ଜଣାଇ ଦେଲେ ଆସନ୍ତାକାଲି ଆସିବାକୁ । ଇତିମଧରେ ଅବସରପ୍ରାପ୍ତ ଶ୍ରମିକ ମାନେ ଲଗାତାର ବୈଠକ କରି ଶେଷରେ ସ୍ଥିର କରିଛନ୍ତି ଯେ, ଶ୍ରମ ମନ୍ତ୍ରୀଙ୍କୁ ଏକ ନିବେଦନ ପତ୍ର ସ୍ଥାନୀୟ ଶ୍ରମ ଅଧିକାରୀଙ୍କ ଜରିଆରେ ଦେଇ ଜୁନ୍ ୨୧ ରୁ ସମସ୍ୟା ସମାଧାନ ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏଥିରେ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଯେ, ଗୋଟିଏ କାରଖାନା ଚାଲିଛି ଅଥଚ ଅବସର ନେଉଥିବା ଶ୍ରମିକ ମାନେ ସେମାନଙ୍କ ବିଧିବଦ୍ଧ ପାଉଣା ଗ୍ରାଚ୍ୟୁଇଟି ପାଇଁ କେସ୍ କରିବାକୁ ପଡ଼ିବ ? ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚ୍ୟୁଇଟି ଦେବା ପାଇଁ ଲିଖିତ ଭାବେ ଦେବା ପରେ ମଧ ମାର୍ଚ୍ଚ ମାସରୁ ଆସି ଜୁନ୍ ଅଧା ହେଲାଣି କିନ୍ତୁ ଦେଉନି । କାର୍ଯ୍ୟରତ ଶ୍ରମିକମାନଙ୍କୁ ପୁରା ଦରମା ବଦଳରେ ଅଧା ଦରମା ଦେଉଛି । ସେଥିରେ ପି ଏଫ୍ ରେ ଅନେକ ବିଭ୍ରାଟ ଦେଖାଦେଇଛି । ଠିକା ଶ୍ରମିକ ସେକ୍ୟୁରିଟୀ ଗାର୍ଡ ମାନେ ଚାରି ମାସ ହେଲା ଦରମା ପାଇନାହାନ୍ତି । କିନ୍ତୁ, କାରଖାନା ପ୍ରତି ମାସରେ କେବଳ କାଠ କୋଇଲା, କେମିକାଲ, କଂଚାମାଲ୍ ଅଭାବରୁ ବନ୍ଦ କାହିଁକି ରହୁଛି ସେ ବିଷୟରେ ଚୁପ୍ । ଜିଲ୍ଲାପାଳ, ଫାଇଭ୍ -ଟି ସଚିବ, ମୁଖ୍ୟ ଶାସନ ସଚିବ, ଶିଳ୍ପ ମନ୍ତ୍ରୀ ସମସ୍ତେ ବଧିର ପାଲଟି ଯାଇଛନ୍ତି ।

# ସ୍ୱାସ୍ଥ୍ୟ ଓ ପରିବେଶକୁ ସୁସ୍ଥ ରଖିବା ପାଇଁ ବିଜେପିର ସାଇକେଲ ଯାତ୍ରା



ନୀଳଗିରି , ୧୦/୦୬ (ନି.ପ୍ର): ନିୟମିତ ସାଇକେଲ ଚଲାନ୍ତୁ, ସୁସ୍ଥ ରୁହନ୍ତୁ, ପରିବେଶ ପ୍ରଦୂଷଣ କମାନ୍ତୁ। ଆଜି ନୀଳଗିରି ନିର୍ବାଚନମଣ୍ଡଳୀର ବଣସୀମା ଜୋନରେ ଯାମୁନା ଛକ ଠାରୁ ବରହମପୁର ବଜାର ପର୍ଯ୍ୟନ୍ତ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ପ୍ରାୟ ପାଞ୍ଚଶହରୁ ଅଧିକ ସାଇକେଲ ଆରୋହୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ପରିବେଶ ପ୍ରଦୂଷଣର ମୁକ୍ତି ପାଇଁ ଓ ନିୟମିତ ସାଇକେଲ ଚଲାଇ ଶରୀରକୁ ସୁସ୍ଥ ରଖିବା ପାଇଁ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ବହୁ ଛାତ୍ରଛାତ୍ରୀ ଓ ଜନସାଧାରଣ ଏହି ସାଇକେଲ ଶୋଭାଯାତ୍ରାରେ ଉତ୍ସାହର ସହ ସାଇକେଲ ଚଲାଇ ଶୋଭାଯାତ୍ରାରେ ଯାଇଥିଲେ କ୍ଷରାସ୍ତାର ଅନେକ ଜାଗାରେ ମହିଳା ମାନେ ମଧ୍ୟ ଏହି ଶୋଭାଯାତ୍ରୀଙ୍କୁ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରବିନ୍ଦୁ ଦାସ, ଅକ୍ଷୟ ବେହେରା, ଉପେନ୍ଦ୍ର ଦାସ, ମାନସ ମିଶ୍ର, ପ୍ରଭାକର ବୁଗୁଡ଼ାଇ, ମାର୍ତ୍ତଣ୍ଡ ମହାପାତ୍ର, ରବି ସାହୁ, ଗୋବିନ୍ଦ ସୋରେନ, ଦେବାଶିଷ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ମାନ ମୁର୍ମୁ, ରାମଚନ୍ଦ୍ର ଦାସ, ରାମଚନ୍ଦ୍ର ପାତ୍ର, ଉର୍ମିଳା ଜେନା, ଅଶୋକାଶିନୀ ନାୟକ, ସରକାର ସୋରେନ, ଫୁଲମଣୀ ହାଂସଦା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିର୍ସା ମୁଣ୍ଡାଙ୍କ ୧୨୪ତମ ସହୀଦ ଦିବସ ପାଳିତ

ନୀଳଗିରି , ୧୦/୦୬ (ନି.ପ୍ର): ଭାରତମାତାର ବୀର ସନ୍ତାନ ବିର୍ସାମୁଣ୍ଡା ଙ୍କ ୧୨୪ତମ ସହୀଦ ଦିବସ ନୀଳଗିରି ବ୍ଲକ ସଜନାଗଡ଼ସ୍ଥିତ ମା ଭୁଦାରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ନାରୀନେତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳର ମହିଳା ଉପସଭାପତି ସୁନୀତି ସିଂ ଙ୍କ ନେତୃତ୍ୱରେ ପାଳିତ ହୋଇଥିବା ଏହି ସହିଦ ଦିବସ କାର୍ଯ୍ୟକ୍ରମରେ ନୀଳଗିରି ବ୍ଲକ ବିଜେଡି ସଭାପତି ବିଜୟ କୁମାର ଲେଙ୍କା, ସମାଜସେବୀ ତଥା ନୀଳଗିରି ଏନଏସି ଜନଜାତି ସେଲ ଅଧକ୍ଷ ଶରତ ଦାସ, ସମାଜସେବୀ ଆର୍ତ୍ତ ମଢେଇ, ଆନନ୍ଦ ବିଶ୍ୱାଳ, ଇନ୍ଦ ସୁବୁନି, ଜ୍ୟୋତ୍ସ୍ନାରାଣୀ ସିଂ, ରାଇବାରୀ ସିଂ ସମେତ ବହୁଲୋକ ସହୀଦ ବିର୍ସାମୁଣ୍ଡା ଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରେ ବାହାନଗା ରେଳଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀ ଙ୍କ ଆତ୍ମାର ସଦଗତି କାମନାକରିବା ସହ ଆହତହୋଇ ଚିକିତ୍ସିତ ହେଉଥିବା ଲୋକମାନଙ୍କର ଆଶୁଆରୋଗ୍ୟ



# ରାଷ୍ଟ୍ରୀୟ ସଂସ୍କୃତ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାଲେଶ୍ୱର, ୧୦/୦୬ (ନି.ପ୍ର): ନୂଆଦିଲୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲରେ ଚାଲିଥିବା ଦଶ ଦିନିଆ ରାଷ୍ଟ୍ରୀୟ ସଂସ୍କୃତ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶନିବାର ଉଦଯାପିତ ହୋଇଯାଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ତଥା ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ଅଧକ୍ଷ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ପାଇଁ ବିଶ୍ୱ ପରିଚିତି ସୃଷ୍ଟିରେ ସଂସ୍କୃତ ଭାଷାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସଂସ୍କୃତ ଭାଷାକୁ ଜୀବକା ପରିବର୍ତ୍ତେ ଜୀବନକୁ ରୂପାନ୍ତରଣ ପାଇଁ ସାଂସଦ ଶ୍ରୀ ଷଡ଼ଙ୍ଗୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେବଭାଷା ସଂସ୍କୃତ ପ୍ରତ୍ୟେକ ଭାରତୀୟଙ୍କ ମାତୃଭାଷା ବୋଲି କହିଥିଲେ। ସଂସ୍କୃତ ଭାଷକୁ ଜନାଦୃତ ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । କବି ପ୍ରଶାନ୍ତ ଦାସ ଓ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧକ୍ଷ ସୁଧାଂଶୁ ଶେଖର ପଣ୍ଡା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଭାରତର ଶିକ୍ଷା ଓ ସଂସ୍କୃତିକୁ ଶୀର୍ଷରେ ପହଞ୍ଚାଇବାରେ ସଂସ୍କୃତ ଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧକ୍ଷ ଡ. କୁମାର ଚନ୍ଦ୍ର ମିଶ୍ର ଏଥିରେ ପୌରୋହିତ୍ୱ କରିବା ସହିତ ସଂସ୍କୃତ ଭାଷାକୁ ସର୍ବବ୍ୟାପୀ କରିବା ଦିଗରେ ଅନୁଷ୍ଠାନ ପକ୍ଷରୁ ଜାରି ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ନାରାୟଣ ପଣ୍ଡା ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ରଖିଥିବା ବେଳେ ପଣ୍ଡିତ ପର୍ଶୁରାମ ପଣ୍ଡା ବେଦପାଠ କରିଥିଲେ। ଦୁଲାଲ ମିଶ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀ ଓ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ୧୦ଦିନିଆ ପ୍ରଶିକ୍ଷଣ ଶିବିରରେ ବିଶ୍ୱଭାରତି ଶାନ୍ତି ନିକେତନ, ଅହମ୍ମଦାବାଦ ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରଭୃତି ଦେଶର ୬ଟି ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନରୁ ୧୦୫ଜଣ ଶିକ୍ଷକ ଅଂଶଗ୍ରହଣ ପୂର୍ବକ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ମହାସଚିବ ଜୟପ୍ରକାଶ ଶାସ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପଣ୍ଡିତ ତପନ କୁମାର ପଣ୍ଡା, ତେଜରାଜ ପ୍ରଧାନ, ଦୁର୍ଗାଶଙ୍କର ପଣ୍ଡା, ଡ. ନାରାୟଣ ସମାଇ, ପ୍ରସାଦରଞ୍ଜନ ମେହେର, କଳ୍ପନା ନାୟକ, ହରିପ୍ରିୟା ବେହେରା, ରକ୍ଷିତ ପାତ୍ର, ନାରାୟଣ ପଣ୍ଡା, ନଳୀନାକ୍ଷ ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡ. ପ୍ରିୟବ୍ରତ ବେହେରା, ସଦାନନ୍ଦ ଦୀକ୍ଷିତମ ନିରଞ୍ଜନ ବେହେରା, ରବିନାରାୟଣ ଜେନା, ଡ. ମଧୁସୂଦନ ମିଶ୍ର, ଚତୁର୍ଭୁଜ ପାଣିଗ୍ରାହୀ, ଅରୁଣ କୁମାର ମହାପାତ୍ର, ସାଧୁ ଗଣେଶନନ୍ଦ ପୁରୀ, ପଣ୍ଡିତ ସଞ୍ଜୟ କୁମାର ଦାଶ, ଦ୍ୱାରିକା ନାଥ ଶତପଥୀ ପ୍ରମୁଖ ସଂସ୍କୃତ ବିଦ୍ୱାନମାନେ ଶିବିରାର୍ଥୀଙ୍କୁ ମାଗଦର୍ଶନ କରାଇଥିଲେ।

## ମଂଟେସୋରୀ ପବ୍ଲିକ ସ୍କୁଲରେ ଗ୍ରୀଷ୍ମକାଳିନ ଶିବିର ଉଦ୍‌ଯାପିତ

ବଲାଙ୍ଗିର, ୧୦/୦୬ (ନି.ପ୍ର): ମାଲପଡା ସ୍ଥିତ ମଂଟେସୋରୀ ପବ୍ଲିକ ସ୍କୁଲରେ ଦିର୍ଘ ୪୫ ଦିନ ବ୍ୟାପି ଆୟୋଜିତ ହୋଇଥିବା ଗ୍ରୀଷ୍ମକାଳିନ ଶିବିର ଉଦଯାପିତ ହୋଇଯାଇଛି । ସ୍କୁଲର ଅଧକ୍ଷ ରବିଚନ୍ଦ୍ର ଉଦ୍ଗାତାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିବା ସଭାରେ ମାୟାବର୍ହା ହାଇସ୍କୁଲର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପଶାୟତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରର ଛାତ୍ର ଛାତ୍ରୀମାନେ ଗ୍ରୀଷ୍ମ ଅବକାଶରେ ବ୍ୟକ୍ତିତ୍ୱ ବିକାଶରେ ନିଜର ଛୁଟି ସମୟକୁ ସଦ୍‌ଉପଯୋଗ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଆକୁଳ ବେହେରା ଯୋଗ ଦେଇଥିଲେ । ଏହି ଗ୍ରୀଷ୍ମ ଅବକାଶ ସମୟରେ ନାଚ, ଗୀତ, ଚିତ୍ରାଙ୍କନ, କରାଟେ, ସ୍ପୋକନ ଇଂଲିସ ଇତ୍ୟାଦି ବିଷୟରେ ତାଲିମ ଦିଆଯାଇଥିଲା ।

# ବ୍ରାଉନସୁଗାର ମାଫିଆ ଚିକିତ୍ସାଧିନ ଅବସ୍ଥାରେ ମୃତ

ଖୋର୍ଦ୍ଧା, ୧୦/୦୬ (ନି.ପ୍ର): ଆଜି ଖବର ମିଳିଲା ଓ ଶବ ଖୋର୍ଦ୍ଧା ଆସିଲା ।ଗତ ବୁଧବାର ଦୀନ ଅଜନା ଦୃବତଙ୍କ ଗୁଳି ମାଡ଼ରେ ବ୍ରାଉନ ସୁଗାର ଯୁବମାଫିଆ ସୋମନାଥ ଭୁଜବଳ ଓରଫ ପାପୁ ଭୁବନେଶ୍ୱର ଏକ ଘରୋଇ ହସ୍ପଟାଲରେ ଚିକିତ୍ସ ଧିନ ଅବସ୍ଥାରେ ଗତ କାଲି ଶୁକ୍ରବାର ରାତିରେ ମୃତ। ଆଜି ତାର ମୃତ ଶବ ଆସିଲା ପରେ ତାଙ୍କ ପରିବାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ହସ୍ତ ଗତ ଖବର ଅନୁଯାୟୀ ପ୍ରାୟ ୩୦ ବର୍ଷ ଗୋଟିଏ ପିଲାର ବାପ, ୨୫ବର୍ଷ ଯୁବତୀ ସ୍ତ୍ରୀଟି ବର୍ତମାନ ମୁକ୍ ପ୍ରାୟ। କମ ବୟେସ ଯୁବକ ,ଯୁବତୀ, ବଡ ଲୋକ ଅତି କମ ଦିନରେ ,କୋଟି ପତି ହେବା ଏହାହିଁ ଫଳ। ଲୋକେ କହୁଛନ୍ତି। ଖୋର୍ଦ୍ଧା ସାମନ୍ତରା ପୁର ,, ଜବଦସ୍ତ ପୁର, ନବିନା ବାଗ,ଭାଲିଆବାଡି, ଗାନ୍ଧୀ ପଡିଆ , ନାବିନା ବାଗ, କନିକା ରାଜା ପଡିଆ ଆଦି ଯେଉଁ ମାନଂକ କିଛି ନ ଥିଲା ସେମାନେ ଏବେ ଆକାଶ ଚୁମ୍ବି କୋଟା ଗାଡି ଖାନ ଦାନି ବୋଲାଉଛନ୍ତି । ଉଦାହରଣ ଖୋର୍ଦ୍ଧା ୬ ନମ୍ବର୍ ୱାର୍ଡ଼ ଜବରଦସ୍ତ୍ ପୁର , ସ୍ୱପ୍ନ ସ୍ୱର୍ ସାହି ବୁଢ଼ୀ ବଗିଚା ଯେଉଁ ମାନେ ୨୦ ବର୍ଷ ତଳେ ଗ୍ରାମରୁ ଆସି କରି ଶ୍ରମିକ କାମ କରୁଥିଲେ ଓ ତାଙ୍କ ମହିଳା ମାନେ ବାସନ ମାଯୁଥିଲେ ସେ ଆଜି ଲାଲ ଲାଲ୍। ସେମାନେ କିଛି ସମସ୍ତେ ନୁହେଁ ପ୍ରାୟ ୬୦ ଭାଗ କୋଟି ପତି। ଏବେ ବି ଯୁବକ , ଯୁବତୀ ବିଭିନ୍ନ ଜେଲ ଅଛନ୍ତି ।ଆଉ କିଛି ପୁରୁଷ ଓ ମହିଳା କୋଟ ଦ୍ୱାର ଖଲାସ ହୋଇ ପୁଣୀ ସେହି ବେବାସାୟ କରୁଛନ୍ତି। ପୋଲିସ ବା କଣ କରିବେ ଧରି ଜେଲ ପଠାଇବେ ଏହା ନିତିଦିନିଆ କାମ ।ଖୋର୍ଦ୍ଧା ପୋଲିସ୍ କିଏ କିପରି କମ ଦିନରେ ଧନୀ ବଡ ଲୋକ ହେଲେ ତାହାର ଭିତିରି ରହସ୍ୟ ଉନ୍ମୋଚନ କଲେ ସବୁ ଦୁର୍ନୀତି ଖୋର ଧରା ହେବେ। ଏବେ ଗୋଦରା କୋଡ଼ାଇ ଯେତିକି ମାଡ଼ଇ ସେତିକି ଚାଲିଛି। ଅତି କମ ଦିନରେ ଧନୀ ହେବା ଓ ରାଜ୍ୟ ନେତାଙ୍କ ହାତ ବାରିଷ ହେବା ନିଶା ବେପାରୀଙ୍କ କାମ। ଯୁବକ ଯୁବତୀ ନିଶା ବେପାର ଓ ନିଶା ଖାଇ ଏହି ପରୀଗୁଳି ମାଡ଼ ଓ ରୋଗ ଆଦିରେ ଅଦିନେ ୫ଡି ପଡୁଛନ୍ତି। କୋର୍ଟରୁ ମୁକୁଳେଇବା କିଛି ହାତ ଗଣତି ଆଇନ ଜିବୀ ମାଲ ମାଲ ଏହା ତାଙ୍କର ପେଶା ଯିଏ ଯାହା କରୁ ଆଇନ ଆଶ୍ରୟ ନେବ ଓକିଲ ତାର ଜବାବ ସୁଆଲ କରିବ କର୍ତ୍ତବ୍ୟ ଓ ପ୍ରମାଣ ଅଭାବ ଖଲାସ ପୁଣୀ ସେହି କାମ କରି ବସନ୍ତି। ଅତି ଅଳ୍ପ ସୁଧାରି ଯାଆନ୍ତି ଏହି ସୋମନାଥ ଭୂଜୁବଳ ଅବସ୍ଥା ଦେଖି ସୁଧାରି ଗଲେ ଛୁଆ ପିଲା ଶାନ୍ତିରେ ରହିବେ। ଖୋର୍ଦ୍ଧା ପୋଲିସ୍ ଅନ୍ଧାରେ ବାଡ଼ି ବୁଲାଉଛନ୍ତି ।ଅବଶ୍ୟ ସମୟ ଆସିବ ମାଛ ଜାଲରେ ପଡ଼ିବା ଲୋକେ କହୁଛନ୍ତି । ଅତି ରୁ ଇତି ଶାଶ୍ର କହିଛି।

# ମୃତ ରେଳଯାତ୍ରୀଙ୍କୁ ବାୟୁସେନା ସଂଘର ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୧୦/୦୬ (ନି.ପ୍ର): ଜିଲା ବାୟୁସେନା ସଂଘ (ଏୟାର ଫୋର୍ସ ଆସୋସିଏସନ)ପକ୍ଷରୁ ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଫକୀରମୋହନ ନଗର ସ୍ଥିତ କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଆସୋସିଏସନର ସଭାପତି ଶିବଦାସ କୁଣ୍ଡୁ ଏଥିରେ ଅଧକ୍ଷତା କରିଥିଲେ। ଜିଲାର ବହୁ ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ମୃତ ଯାତ୍ରୀଙ୍କ ଅମର ଆତ୍ମାର ସଦଗତି ପାଇଁ ସମସ୍ତେ ନିରବ ପ୍ରାର୍ଥନା କରିଥିଲେ। ଏହା ସହିତ ଦୁର୍ଘଟଣାରେ ଆହତ ହୋଇଥିବା ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଅନ୍ୟମାନଙ୍କ ମଧରେ ସଂଗଠନର ସମ୍ପାଦକ ମହେଶ୍ୱର ବେହେରା, ବୀରେନ୍ଦ୍ର ବେହେରା, ରଘୁନାଥ ପ୍ରଧାନ, ଚାରୁଚନ୍ଦ୍ର ପଡ଼ିଆରୀ, ପରମେଶ୍ୱର ବେହେରା, ସୁରଭି ପାଣି, ସୁସ୍ମିତା ମହାପାତ୍ର, ଅଭୟ କୁମାର ପାଣି, ରାଜ କିଶୋର ଜେନା, ସର୍ବେଶ୍ୱର ନାୟକ, ପରେଶ ଚନ୍ଦ୍ର ପତି, ଜୀବନାନନ୍ଦ ଦାସ, ଡମ୍ବୁରୁଧର ପଟ୍ଟନାୟକ, ହୀରେନ୍ଦ୍ର କୁମାର ଦାସ, ଶ୍ୟାମସୁନ୍ଦର ମିଶ୍ର, ବସନ୍ତ ପଣ୍ଡା, କୃଷ୍ଣବନ୍ଧୁ ମିଶ୍ର, ବିନୋଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କିଷାନ କଂଗ୍ରେସ ପକ୍ଷରୁ ପ୍ରତି ଜିଲ୍ଲାରେ ବସିବ ଟ୍ୟାକ୍ସଫୋର୍ସ କମିଟି

ଭୁବନେଶ୍ୱର, ୧୦/୦୬ (ନି.ପ୍ର): ଦୀର୍ଘ ଅଢ଼େଇ ଦଶନ୍ଧିରୁ ଉର୍ଦ୍ଧ୍ୱହେଲା ଓଡ଼ିଶା ରାଜ୍ୟରେ କୃଷି ଓ କୃଷକଙ୍କ ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ହେବା ପରିବର୍ତ୍ତେ ଏହା ଅତି ଜଟିଳ ଆଡ଼କୁ ଗତି କରୁଛି। ହାର କାରଣ ଓ ନିରାକରଣ ଖୋଜିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ପ୍ରତି ଜିଲ୍ଲାସ୍ତରରେ ଅଭିଜ୍ଞ କୃଷିବିତ୍, କାର୍ଯ୍ୟରତ ସ୍ୱେଚ୍ଛାସେବୀ କୃଷକ ସଂଗଠନ, କୃଷି ବିଶେଷଜ୍ଞ, ବୁଦ୍ଧିଜିବୀ ଓ କୃଷି ତଥା ଆନୁସଙ୍ଗିକ କୃଷି କ୍ଷେତ୍ରରେ କାର୍ଯ୍ୟ କରିଥିବା ଅନୁଭୂତି ସମ୍ପନ୍ନ ଆଗ୍ରହୀ ସରକାରୀ କର୍ମଚାରୀଙ୍କୁ ନେଇ ଏକ ଟ୍ୟାକ୍ସଫୋର୍ସ କମିଟି ଆସନ୍ତା ଜୁନ୍ ୨୧ ତାରିଖଠାରୁ ବସିବ। ଯେଉଁ କମିଟିର ସର୍ବଶେଷ ମତାମତକୁ ନେଇ ପୂର୍ଣ୍ଣ ସହଭାଗୀତାକ୍ରମେ ପ୍ରଦେଶ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ କୃଷି ଓ କୃଷକର ବିକାଶ ପାଇଁ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯିବ ବୋଲି କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ସେ କହିଛନ୍ତି ଏବେ ଗ୍ରାମାଂଚଳର କୃଷି ଭିତିଭୂମି ସଂପୂର୍ଣ୍ଣ ଅସଜଡ଼ା। ଚାଷୀ ତା'ର କଷ୍ଟଲବ୍ଧ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଉନାହିଁ। ସଂଗ୍ରହ ଓ ସଂରକ୍ଷଣ ପାଇଁ ଆବଶ୍ୟକ ସଂଖ୍ୟକ ଗୋଦାମ ଘର କିମ୍ବା ଶୀତଳଭଣ୍ଡାରଟିଏ ନାହିଁ। ଖାଦ୍ୟ ନିରାପତା ଦୃଷ୍ଟିରୁ ଲୋକସଂଖ୍ୟା ଅନୁଯାୟୀ ଚାଷଉପଯୋଗୀ ଜମି ସଙ୍କୁଚିତ, ଅନିୟମିତ ଜଳବାୟୁ ଦ୍ୱାରା କୃଷି କ୍ଷେତ୍ର ଅନେକ ସମୟରେ ପ୍ରଭାବିତ, ମୁଖ୍ୟତଃ ଚାଷପାଇଁ ଜଳସେଚନ କ୍ଷେତ୍ରରେ ସେପରି ସୁବ୍ୟବସ୍ଥା କରାଯାଇନାହିଁ। ବାହାର ରାଜ୍ୟକୁ ଦାଦନ ଶ୍ରମିକ ରୋକିବା ଏବଂ ଆଂଚଳିକ ଭିତିରେ ପାରିପାଶ୍ୱିକ ପରିବେଶ, କୃଷି ସୟଳ, ସ୍ଥିତି, ଶ୍ରମଶକ୍ତିକୁ ବିଚାରକୁ ନେଇ ତର୍ଜମା କରାଯାଉ ନାହିଁ। ବର୍ତମାନ କୃଷି କ୍ଷେତ୍ରରେ ଦୀର୍ଘସ୍ଥାୟୀ ବ୍ୟବସ୍ଥା, ଅଧିକ ଆମ୍ ନିଯୁକ୍ତି ସୃଷ୍ଟି କରାଯିବା ସହିତ ଚାଷୀଙ୍କ ପାଇଁ ଏକ ସଶକ୍ତ କୃଷିନୀତି ପ୍ରଣୟନ କରାଯିବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ସବୁରି ସ୍ତରରେ ସମଷ୍ଟିଗତ ପ୍ରଚେଷ୍ଟାର ଆବଶ୍ୟକତା ରହିଛି।

## ହିରାଖଣ୍ଡ ଟ୍ରେନରେ ଧୂଆଁ: ଯାତ୍ରୀ ଆତଙ୍କିତ

ଜୟପୁର, ୧୦/୦୬ (ନି.ପ୍ର): ରାଉଳି ଷ୍ଟେସନ ଠାରେ ହିରାଖଣ୍ଡ ଟ୍ରେନ ଇଞ୍ଜିନରେ ଧୂଆଁ ବାହାରିଥିଲା। ଫଳରେ ଟ୍ରେନଟି ଅଟକି ଯାଇଥିଲା। ଭୟଭୀତ ହୋଇ ଯାତ୍ରୀ ମାନେ ଓହ୍ଲାଇ ପଡିଥିଲେ। କିଛି ସମୟରେ ଟ୍ରେନଟି ଆଗକୁ ବଢିଥିଲା। ଏଥିରେ କୌଣସି ଯାତ୍ରୀର କିଛି ଅସୁବିଧା ହୋଇ ନଥିବା ଜଣାଯାଇଛି। ବର୍ତମାନ ରାଜ୍ୟରେ ଟ୍ରେନ ଦୁର୍ଘଟଣା ବଢିବାରେ ଲାଗିଛି। ଟ୍ରେନରେ ଯିବା ପାଇଁ ଯାତ୍ରୀ ମାନେ ଭୟଭୀତ ହୋଇପଡୁଛନ୍ତି। ଆଜି ଏପରି ଅବିଭକ୍ତ କୋରାପୁଟ ଜିଲାରେ ଆତଙ୍କ ଖେଳାଇ ଦେଇଛି। ଏହି ଟ୍ରେନରେ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀ ଅଧିକା ସଂଖ୍ୟାରେ ଯିବା ଆସିବା କରିଥାନ୍ତି। ରାୟଗଡା ଜିଲା ଅଧିନରେ ଏହି ରେଳ ଷ୍ଟେସନ ଆସୁଥିବାରୁ ସେଠାରେ ଯାତ୍ରୀ ମାନେ ଟ୍ରେନରୁ ଓହ୍ଲାଇ ପଡିଥିବା ଜଣାପଡିଛି।

## ଜଳେଶ୍ୱରକୁ ଆସିବେ ଭି. କାର୍ତ୍ତିକେୟ ପାଣ୍ଡିଆନ୍ : ବିଜେଡି ଚଳଚଂଚଳ



ଜଳେଶ୍ୱର ୧୦/୬(ନି.ପ୍ର): ଆସନ୍ତା ୨୨ ଓ ୨୩ ତାରିଖ ୨ଦିନ ରାଜ୍ୟର ୫ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି. କାର୍ତ୍ତିକେୟ ପାଣ୍ଡିଅନ ବାଲେଶ୍ୱର ଗସ୍ତରେ ଆସୁଥିବାରୁ ଜିଲାରେ ବିଜେଡି ଚଳଚଂଚଳ ହୋଇଛି। ଏଥିରେ ସେ କୌଣସି ବିଧାୟକ କିମ୍ବା ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ନ ଥିବା ବେଳେ ଉନ୍ନୟନ ଓ ବିକାଶ ସଂପର୍କରେ ସାଧାରଣ ଲୋକଙ୍କ ସହିତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ୨୨ ତାରିଖରେ ଭୋଗରାଇ ଗସ୍ତରେ ଯାଇ ପରେ ଜଳେଶ୍ୱର ଗସ୍ତରେ ଆସିବେ ବୋଲି ଜଣାପଡିଛି। ଜଳେଶ୍ୱର ଓ ଭୋଗରାଇରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ସାଧାରଣ ଲୋକେ କେତେକକୁ ୫ଟି ସଚିବଙ୍କ ଦୃଷ୍ଟି ଗୋଚର କରିବାଲାଗି ସ୍ଥିର କରିଛନ୍ତି। ବିଛିନ୍ନାଂଚଳ ସମଗ୍ର ରାଇବଣିଆକୁ ଏକ ବ୍ଲକ ଘୋଷଣା, ବର୍ସବୃହତ ବ୍ଲକ ଭୋଗରାଇରେ କମର୍ଦ୍ଦା ବ୍ଲକ ଘୋଷଣା, ପଶ୍ଚିମବଂଗରୁ ଉଦ୍‌ବୃତ୍ତ ବର୍ଷାପାଣିର ନିଷ୍କାସନ, ବନ୍ୟା ପରିସ୍ଥିତି ନିୟନ୍ତ୍ରଣ, ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ଉପେକ୍ଷିତ ଜଳେଶ୍ୱର-ଦୀଘା ରେଳ ରାସ୍ତା, ପଶ୍ଚିମବଂଗ ଓ ଓଡିଶା ସୀମାରେ ଏକ ଦୃଢ଼ ବନ୍ଧ ତଥା ରାସ୍ତା ନିର୍ମାଣ, ଲୁଣି ପ୍ରଭାବିତ ଅଂଚଳର ସୁରକ୍ଷା, ବିସ୍ତିର୍ଣ୍ଣ ଅଂଚଳରେ ପରିବାଚାଷ ହେଉଥିବାରୁ ଶୀତଳଭଣ୍ଡାର ନିର୍ମାଣ, ସର୍ବୋପରି ଜଳେଶ୍ୱରକୁ ଏକ ଜିଲା ଘୋଷଣା ଦାବି କରି ଭିକେ ପାଣ୍ଡିଆନ୍‌ଙ୍କ ସହ ଆଲୋଚନା ହେବାର ସମ୍ଭାବନା ରହିଛି। ଏ ସଂପର୍କରେ ଭଂଜ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି।

## ଆଜିଠାରୁ ମହାପ୍ରଭୁଙ୍କୁ ଓଷ ଲାଗି: ସେପଟେ ରଥଯାତ୍ରା ପାଇଁ ପୁଲିସ କଲା ମକଡ୍ରିଲ



ପୁରୀ, ୧୦/୦୬ (ନି.ପ୍ର): ଶ୍ରୀମନ୍ଦିରରେ ଅନବସରରେ ଚାଲିଛି ଶ୍ରୀଜୀଉଙ୍କ ଗୁପ୍ତ ସେବା। ଗତକାଲି ଫୁଲୁରି ତେଲ ମାଲିସ୍ ପରେ ଜ୍ୱରରେ ଆକ୍ରାନ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମିଳିଛି ଉପଶମ। ଆଜି ଷଷ୍ଠୀରେ ଦଇତାପତିମାନେ ମହାପ୍ରଭୁଙ୍କୁ ଓଷ ଲାଗି କରିବେ। ଏଥିସହ ପଣା ଚକଟା ଭୋଗ ହେବ। ଶୁଦ୍ଧସୁଆର ସେବକମାନେ ଝୁଣାକୁ ବାଟି ସେଥିରେ ତେଲ, କର୍ପୁର ଆଦି ମିଶ୍ରଣ କରି ଓଷ ପ୍ରସ୍ତୁତ କରିଛନ୍ତି। ଏହାକୁ ଦଇତାପତି ସେବକ ମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲେପନ କରିବେ। ଯାହାଦ୍ୱାରା ମହାପ୍ରଭୁ ସୁସ୍ଥ ଅନୁଭବ କରନ୍ତି ବୋଲି ବିଶ୍ୱାସ ରହିଛି। ଆଜିଠୁ ତିନିଦିନ ଧରି ଠାକୁର ମାନଙ୍କୁ ଲାଗି ହେବ ଓଷ। ସେପଟେ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ୯ ଦିନ ବାକି। ଶ୍ରୀଜିଉଙ୍କ ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରାରେ ସୁରକ୍ଷା ନିମନ୍ତେ ମୁତୟନ ହେବେ ୧୮୦ ପ୍ଲାଟୁନ ପୁଲିସ ଫୋର୍ସ। ଆଜି ରାପିଡ ଆକ୍ସନ ଫୋର୍ସ ପକ୍ଷରୁ ଶ୍ରୀମନ୍ଦିର ନିକଟରେ ମକଡ୍ରିଲ୍ କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିହଙ୍କ ନେତୃତ୍ୱରେ ହୋଇଛି ମକଡ୍ରିଲ୍। ରାପିଡ୍ ଆକ୍ସନ ଫୋର୍ସର ଏକ ପ୍ଲାଟୁନ ଫୋର୍ସକୁ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଚାଲିଥିଲା ମଡଡ୍ରିଲ୍। ପୁରୀ ଏସପି କନଓ୍ୱର ବିଶାଳ ସିଂହଙ୍କ ସହ ରାପିଡ ଆକ୍ସନ ଫୋର୍ସର ବରିଷ୍ଠ ଅଧିକାରୀ ଏଥିରେ ସାମିଲ ହୋଇଥିଲେ।

## କ୍ଲଷ୍ଟରସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନତା କାର୍ଯ୍ୟକ୍ରମ



ବାରିପଦା , ୧୦/୦୬ (ନି.ପ୍ର): ସମଗ୍ର ଦେଶରେ ଜି - ୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ଅବସରରେ ସମସ୍ତ ରାଜ୍ୟ, ଜିଲ୍ଲା ଓ ବିଦ୍ୟାଳୟରେ ମୌଳିକ ସାକ୍ଷାରତା ଓ ସଂଖ୍ୟାଜ୍ଞାନର ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଆଜି ସକାଳେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ, ଅଭିଭାବକ ଓ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ୧୫ ନମ୍ବର ୱାର୍ଡର କାଉନସିଲର ନିରୁପମା ମହାନ୍ତି ଯୋଗଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନତାର ସଫଳତା ଜନଭାଗିଦାରୀ ଉପରେ ନିର୍ଭର କରେ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଚୁମୁକି ବେହେରା ଓ ସଦସ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ, ସି ଆରସିସି ଧନଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟତ୍ରୀ ମଧୁମିତା ମହାନ୍ତି ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସମସ୍ତେ ଚେଷ୍ଟିତ ହେବେ ବୋଲି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ସ୍ୱାଗତ ଅଭିଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରିକୁ ଜିଲ୍ଲା ଘୋଷଣା ଦାବି ଜୋର ଧରିଲା: ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ନୀଳଗିରିବାସୀ




ନୀଳଗିରି , ୧୦/୦୬ (ନି.ପ୍ର): ସ୍ୱାଧୀନ ଭାରତରେ ପ୍ରଥମ ଗଡଜାତ ନୀଳଗିରି ଭାରତ ସରକାରରେ ମିଶ୍ରଣ ପରେ ଅନ୍ୟ ଦେଶୀୟ ଗଡଜାତ ରାଜ୍ୟ ସରକାର ରେ ମିଶିଥିଲେ। ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନୀଳଗିରିକୁ ପ୍ରାଧାନ୍ୟ ଦେଇଆସୁଥିବାବେଳେ ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲାଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁବୋଲି ନୀଳଗିରିବାସୀ ଦାବୀ କରିଛନ୍ତି। ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ପରିସରରେ ରାମଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱରେ ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କରାଯାଉ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବୈଠକରେ ଜାତି, ଧର୍ମ, ବର୍ଣ୍ଣ ଓ ରାଜନୀତିରୁ ଉର୍ଦ୍ଧରେ ରହି ତିନିଶହରୁ ଅଧିକ ନୀଳଗିରିବାସୀ ଉପସ୍ଥିତ ହୋଇ ନିଜ ନିଜ ବକ୍ତବ୍ୟରେ ନୀଳଗିରି କୁ ଜିଲ୍ଲା ଘୋଷଣା ଦାବୀ ରଖିଥିଲେ। ନୀଳଗିରି ବ୍ଲକ, ଏନଏସି, ଔପଦା ବ୍ଲକ ନୀଳଗିରି ଉପଖଣ୍ଡରେ ରହିଥିବାବେଳେ ଭୌଗଳିକ ସ୍ଥିତି ଓ ଲୋକସଂଖ୍ୟା ଦୃଷ୍ଟିରୁ ଜିଲ୍ଲାପାଇଁ ଉପଯୁକ୍ତବୋଲି ଶ୍ରୀ ଷଡ଼ଙ୍ଗୀ ଦାବୀ ରଖିଥିଲେ। ଏପରିକି ନୀଳଗିରୀର ପ୍ରତି ପରିବାରର ସଦସ୍ୟମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ନୀଳଗିରିକୁ ଜିଲ୍ଲା ଘୋଷଣା କରାଯାଉବୋଲି ଅନୁରୋଧ କରିବାର ନିଷ୍ପତି ନିଆଯିବା ସହ ଏକ୪୧ଜଣିଆ କୋର କମିଟି ଗଠନ କରାଯାଇଅଛି। ଏହି ବୈଠକରେ ବର୍ଷିଆନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା, ସିପିଆଇ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ଔପଦା ବ୍ଲକ କଂଗ୍ରେସ ସଭାପତି ଗଦାଧର ପରିଡା, ପୂର୍ବତନ ଏନ ଏ ସି ଅଧକ୍ଷ ରାଧାଗୋବିନ୍ଦ ଖଟୁଆ, ସୁରେଶ ବେହେରା, ଗୌରାଙ୍ଗ ପଟ୍ଟନାୟକ, ବାଞ୍ଛାନିଧି ପାତ୍ର, ରାଧାମାଧବ କାନୁନଗୋ, ସୂର୍ଯ୍ୟ ଷଡ଼ଙ୍ଗୀ, ନିରଞ୍ଜନ ଲେଙ୍କା, ପିତାମ୍ବର ସିଂ, ହୃଦୟ ବେହେରା, ରବୀନ୍ଦ୍ର ସାରୁ, ସୁନୀଲ ପ୍ରଧାନ, ସୁଦର୍ଶନ ବିଶ୍ୱାଳ, ଧନୁର୍ଦ୍ଧର ପଣ୍ଡା, ଚକ୍ରଧର ଦାଶବାବୁ, ନୀଳଗିରି ଓକିଲ ସଂଘ ଓ ଉପଖଣ୍ଡ ଓକିଲ ସଙ୍ଘର ଦେବେନ୍ଦ୍ର ପଣ୍ଡା, କିଶୋର ଦାସ, ସୂର୍ଯ୍ୟକୁମାର ଆଇଚ, ଗୌରହରୀ ବେହେରା, ଶାନ୍ତିଲତା ମିଶ୍ର, ଦେବାନନ୍ଦ ଦାସଓ ବହୁପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ୟାମାସୁନ୍ଦର ପୁର ସରପଞ୍ଚ ପୁରସ୍ତମ ସେଠି ଧନ୍ୟବାଦ ଦେଇଥିଲେ।

## +୨ ପରୀକ୍ଷାଫଳ ପ୍ରକାଶ : ବଳରାମ ଦାସ ଭୂୟାଁ ବ୍ଲକ ଟପ୍ପର

ଜଳେଶ୍ୱର ୧୦/୬(ନି.ପ୍ର): +୨ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଜଳେଶ୍ୱର ବ୍ଲକରେ ବଳରାମ ଦାସ ଭୂୟାଁ ୫୨୫ ନମ୍ବର ରଖି ଜଳେଶ୍ୱର ବ୍ଲକକୁ ଗୌରବ ଆଣିଛନ୍ତି। ସେ ରାଇବଣିଆସ୍ଥିତ ସାଧୁଚରଣ ମାଧ୍ୟମିକ ସ୍କୁଲରେ ଶିକ୍ଷା ଲାଭ କରି ଆସୁଥିଲେ। ଦିନକୁ ପ୍ରା ୧୦ ଘଣ୍ଟା ପରିଶ୍ରମ କରି ପରୀକ୍ଷାରେ ଅଧିକ ନମ୍ବର ଆଶା ରଖିଥିବା ବଳରାମ ଭବିଷ୍ୟତରେ ଜଣେ ଶିକ୍ଷକ ହେବେ ବୋଲି ଆଜି ସୂଚନା ଦେଇଛନ୍ତି। ଘୋଲେଇ ଗାଁର ବାପା ପଦ୍ମଲୋଚନ ଭୂୟାଁ ଜଣେ ସାଧାରଣ କୃଷକ ହୋଇଥିଲେ ମଧ୍ୟ ବଡଭାଇ ଜଗନ୍ନାଥ ଦାସ ଭୂୟାଁ ଜଣେ ଶିକ୍ଷକ ହେବାର ଆଶା ରଖିଥିଲେ ମଧ୍ୟ ବଳରାମ ଇଣ୍ଟିଗ୍ରେଟେଡେ ବିଏଡ ପଢିବେ ବୋଲି କହିଛନ୍ତି। ତାଙ୍କ ସଫଳତା ପାଇଁ କଲେଜ ଅଧ୍ୟକ୍ଷ ତନୁଜ କୁମାର ହୁଇ, ହରିଶଂକର ବେହେରା, ବାପା, ମା, ଓ ଭାଇ ଜଗନ୍ନାଥ ଦାସଙ୍କୁ ଶ୍ରେୟ ଦେଇଛନ୍ତି।

## ପୃଥକ୍ ପୃଥକ୍ ସ୍ଥାନରେ ବଜ୍ରପାତ: ତିନି ମୃତ, ୩ ଗୁରୁତର

ଗଞ୍ଜାମ, ୧୦/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପୃଥକ୍ ପୃଥକ୍ ସ୍ଥାନରେ ଆଜି କାଳବୈଶାଖୀଜନିତ ବଜ୍ରପାତରେ ତିନି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ଶେରଗଡ଼ ବ୍ଲକ କୁରୁଳା ପଂଚାୟତ ଅନ୍ତର୍ଗତ ମିହିରକଣା ଗ୍ରାମରେ ଗଣପତି ନାଇକ (୮୦) ପଡିଆରେ ଛେଳି ଚରାଉଥିବା ବେଳେ ବଜ୍ରପାତରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସେହିପରି ପାତ୍ରପୁର ବ୍ଲକର ମନ୍ଦରଡା ଗାଁରେ ବଜ୍ରପାତରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ନିମନ୍ତେ ପାତ୍ରପୁର ମେଡ଼ିକାଲରେ ଭର୍ତି କରାଯାଇଛି।

## +୨ କଳା ପରୀକ୍ଷାଫଳ ପ୍ରକାଶ: ହୋଇନି ଆଶାନୁରୂପ ରେଜଲ୍ଟ

ଜଳେଶ୍ୱର , ୧୦/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଅନ୍ୟତମ ପୁରାତନ ମହାବିଦ୍ୟାଳୟ ଡିକେ କଲେଜରେ ଚଳିତବର୍ଷ ୨୧୧ ଜଣ +୨ କଳା ପରୀକ୍ଷା ଦେଇଥିଲେ। ସେଥିରେ ପ୍ରଥମ ଶ୍ରେଣୀରେ ୪୭, ଦ୍ୱିତୀୟ ଶ୍ରେଣୀରେ ୨୨ ଓ ତୃତୀୟ ଶ୍ରେଣୀରେ ୯୮ ଜଣ ପାସ୍ କରିଥିବା ବେଳେ ୩୦ଜଣ ଫେଲ ହୋଇଛନ୍ତି। ପରୀକ୍ଷାରେ ୩ଜଣ ଅନୁପସ୍ଥିତ ଥିବା ବେଳେ ରାଜୁ ଦତ୍ତ ୫୧୬ ନମ୍ବର ରଖି କଲେଜକୁ ଗୌରବ ଆଣିଛନ୍ତି। ତାଙ୍କ ବ୍ୟତିତ ସସ୍ମିତା ବାରିକ ଓ ମିର ଏମ୍‌ଡି ସାବେଦ କ୍ୟାଡ୍ର ଉଭୟେ ୫୦୯ ନମ୍ବର ରଖିଥିବା ବେଳେ ଲକ୍ଷ୍ମୀପ୍ରିୟା ଜେନା ୫୦୮ ନମ୍ବର ରଖିଛନ୍ତି। ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ୨୬୫ ଜଣ ପରୀକ୍ଷାର୍ଥୀ +୨ରେ ପରୀକ୍ଷା ଦେଇଥିବା ବେଳେ ୬୩ଜଣ ପ୍ରଥମ ଶ୍ରେଣୀ, ୬୦ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୨୮ଜଣ ୩ୟ ଶ୍ରେଣରେ ପାସ୍ କରିଛନ୍ତି। ୨୪ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି। ସାଧୁଚରଣ ମହାବିଦ୍ୟାଳୟରେ ମୋଟ ୧୬୨ଜଣ ପରୀକ୍ଷା ଦେଇଥିବା ବେଳେ ୧୪୨ଜଣ ଉତ୍ତିର୍ଣ୍ଣ ହୋଇଛନ୍ତି। ଏଥିରେ ପ୍ରଥମ ଶ୍ରେଣୀରେ ୨୨, ୨ୟ ଶ୍ରେଣୀରେ ୧୮ ଓ ୩ୟରେ ୧୦୨ଜଣ ପାସ୍ କରିଛନ୍ତି। ସେହିପରି ଖୁଲୁଡା ଶୀତଳା ସେକେଣ୍ଡାରୀ ସ୍କୁଲରେ ୧୨୪ଜଣ ପରୀକ୍ଷା ଦେଇଥିବା ବେଳେ ୧ମ ଶ୍ରେଣରେ ୨୬, ୨ୟ ଶ୍ରେଣୀରେ ୨୫ ଓ ୩ୟରେ ୬୧ଜଣ ପାସ୍ କରିଥିବା ବେଳେ ୧୨ଜଣ ଫେଲ ହୋଇଛନ୍ତି।

## ଶିମିଳିପାଳ ସୁରକ୍ଷା ପାଇଁ ଭଂଜ ସେନାର ପଦଯାତ୍ରା



ବାରିପଦା , ୧୦/୦୬ (ନି.ପ୍ର): ଶିମିଳିପାଳ ସୁରକ୍ଷା ପାଇଁ ଭଂଜ ସେନାର ପଦଯାତ୍ରା ଆଜି ଅଷ୍ଟମ ଦିନରେ ବାରିପଦା ର ମୁରୁଗାବାଡି ଠାରେ ପହଂଚିବା ପରେ ସେଠାରୁ ରୁ ପୋଡାଅସ୍ତିଆ ଅଭିମୁଖେ ଶୋଭାଯାତ୍ରା ଯିବା ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୁର୍ଗାବାଡି ଠାରେ ପ୍ରଥମେ ଭଞ୍ଜସେନାର କର୍ମକର୍ତ୍ତା ମାନେ ପଦଯାତ୍ରୀ ଙ୍କୁ ସ୍ୱାଗତ ଜଣାଇବା ପରେ ବାରିପଦା କଲେଜର ଛାତ୍ର, ଛାତ୍ରୀ, ୧୭ନମ୍ବର ୱାର୍ଡ କାଉନସିଲର କରୁଣାକର ହେମ୍ବ୍ରମ , କୁମାର କ୍ଲବ, ଜଗଦ୍ଧାତ୍ରୀ ପୂଜା କମିଟି, ଡିଆରକେ କ୍ଲବ, ଶାନ୍ତି ବିଦ୍ୟା ମନ୍ଦିର, ମୟୂରଭଞ୍ଜ ମିରର ଟିମ, ବାର ଏସୋସିଏସନ, ବଳାଙ୍ଗି ମୋହତ୍ସବ କମିଟି, ଭଂଜପୁର ମହିଳା ସମିତି, ଇନ୍‌ସ୍ପାଏର ଡାନ୍ସ ଗ୍ରୁପ, କାର୍ତ୍ତିକେଶ୍ୱର ପୂଜା କମିଟି, ବଡବଜାର କ୍ଲବ, କୁମାର ଉତ୍ସବ ସମିତି, ମନ୍ଦିର ପୂଜକ ଗଣ, କିନ୍ନର ଗଣ, ମଧୁବନ ସିନିୟର ସିଟିଜେନ ସଦସ୍ୟ, ଷ୍ଟେସନ ବଜାର ବଣିକ ସଙ୍ଘ, ମା ଭୈରବୀ କ୍ଲବ, ମଧୁବନ ଅଟ ଡ୍ରାଇଭର ସଙ୍ଘ, ଲୋକାଲ ଟ୍ରକ ଓ୍ୱାନର ଏସୋସେସନ, ଟ୍ରାକଟର ଡ୍ରାଇଭର ଏସସେସନ, ମଧୁବନ ତଳସାହି ମହିଳା ଗଣ ଏବଂ ଶେଷରେ ଭଞ୍ଜସେନା ମୁଖପାତ୍ରଙ୍କ ନେତୃତ୍ୱ ରେ ଅସ୍ତିଆ ଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶୋଭାଯାତ୍ରା ସମୟରେ ଭଞ୍ଜପୁରରେ ସୁନାରାମ ସୋରେନ ଙ୍କ ପ୍ରତିମୂର୍ତ୍ତି ଏବଂ ପୋଡାଅସ୍ତିଆ ରେ ବିର୍ସା ମୁଣ୍ଡା ଙ୍କ ପ୍ରତିମୂର୍ତ୍ତି ରେ ପଦଯାତ୍ରୀ ମାନେ ମାଲ୍ୟାର୍ପଣ କରିଛନ୍ତି। ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନତାରେ ହୋଇଥିବା କାର୍ଯ୍ୟକ୍ରମ ରେ କାର୍ଯ୍ୟକାରୀ ଅଧକ୍ଷ ସଂଜୀବ ରାଉତ, ଶୃଙ୍ଖଳା କମିଟି ଅଧକ୍ଷ ସତ୍ୟଶ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲ୍ଲା ଉପସଭାପତି ରାକେଶ ମହାନ୍ତି,ପ୍ରଶାନ୍ତ ମହାକୁଡ଼, ମୁଖପାତ୍ର ମାନସ ବେହେରା, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସକେ ରାଜାଖାନ, ଜିଲ୍ଲା ଯୁବଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ, ଜିଲ୍ଲା ଛାତ୍ର ଶାଖା ସଭାପତି ପ୍ରୀତମ ପଣ୍ଡା, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, ବାରିପଦା ସହର ସଭାପତି ସିଂଙ୍ଗରାୟ ହେମ୍ବ୍ରମ, ସାଧାରଣ ସମ୍ପାଦକ ଅମିତ କୁମାର, ଦିପେଶ ଅଗ୍ରୱାଲ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

## ମଣିପୁର ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ଗଠନ କଲେ ଭାରତ ସରକାର

ନୂଆଦିଲ୍ଲୀ, ୧୦/୦୬ (ନି.ପ୍ର): ଭାରତ ସରକାର ମଣିପୁର ରାଜ୍ୟପାଳଙ୍କ ଅଧକ୍ଷତାରେ ମଣିପୁରରେ ଶାନ୍ତି କମିଟି ଗଠନ କରିଛନ୍ତି। କମିଟିର ସଦସ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ନେତା ରହିଛନ୍ତି। ଏହି କମିଟିରେ ପୂର୍ବତନ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍, ସାହିତ୍ୟିକ, କଳାକାର, ସାମାଜିକ କର୍ମୀ ଏବଂ ବିଭିନ୍ନ ଆଦିବାସୀ ଗୋଷ୍ଠିର ପ୍ରତିନିଧି ମଧ୍ୟ ଅଛନ୍ତି। କମିଟିର କାର୍ଯ୍ୟ ହେଉଛି ବିଭିନ୍ନ ଆଦିବାସୀ ଗୋଷ୍ଠି ମଧ୍ୟରେ ଶାନ୍ତି ସ୍ଥାପନ ପ୍ରକ୍ରିୟାକୁ ସହଜ କରିବା, ଶାନ୍ତିପୂର୍ଣ୍ଣ ଆଲୋଚନା ଏବଂ ବିବାଦୀୟ ଦଳ / ଗୋଷ୍ଠୀ ମଧ୍ୟରେ ବୁଝାମଣା କରିବା।

## ବେକରେ ଓଢ଼ଣୀ ଦେଇ ଆତ୍ମହତ୍ୟା

ଜୟପୁର, ୧୦/୦୬ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପାଲ୍ଲି ଠାରେ ଜଣେ ବ୍ୟାକ୍ତି ବେକରେ ଓଢଣି ଲଗାଇ ଆତ୍ମହତ୍ୟା କରି ଥିବା ଜଣାଯାଇଛି। ମୃତକ ଜଣକ ହେଉଛନ୍ତି ସୁବାଶିଷ ଆଚାର୍ଯ୍ୟ (୫୫)। ପୋଲିସ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପିଲ୍ଲିରେ ରହୁଥିବା ସୁବାଶିଷ ଆଚାର୍ଯ୍ୟ ଆଜି ବେକରେ ଓଢଣି ଦେଇ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ସେ ଜଣେ ବ୍ୟବସାୟୀ ଥିବା ବେଳେ ସେ ଆତ୍ମହତ୍ୟା କରିଥିବା ସୂଚନା ପାଇ ଜୟପୁର ସଦର ପୋଲିସ ପହଂଚି ଶବ କୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo